

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ମଙ୍ଗଳବାର ୦୪ ଜାନୁଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ TUESDAY 04 JANUARY 2022

Vol.No. 33 ■ No. 4 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପ୍ରତିଦିନ ୧୫ ଲକ୍ଷରୁ ଅଧିକ ହୋଇପାରେ ସଂକ୍ରମଣ



ନୂଆଦିଲ୍ଲୀ,୦୩/୦୧: ଦେଶରେ କରୋନା ସଂଖ୍ୟା ଦ୍ରୁତ ଗତିରେ ବଢ଼ି ଚାଲିଛି । ୯ ହଜାରରୁ ଭାରତରେ ସଂକ୍ରମଣ ବଢ଼ି ୩୩ ହଜାରରେ ପହଂଚିଲାଣି । ଆଉ ଏହି ସଂଖ୍ୟା ଆଗାମୀ ଦିନରେ ଆହୁରି ବଢ଼ିପାରେ ବୋଲି ଅନେକ ଡାକ୍ତର, ବିଶେଷଜ୍ଞ ଓ ବିଭିନ୍ନ ପ୍ରକାର ମଡେଲ କହିଛନ୍ତି । କିନ୍ତୁ ଏସବୁ ଭିତରେ ଏନଡିଟିଭିର ଏକ ରିପୋର୍ଟ ପ୍ରକାଶ ପାଇଛି । ଏହି ରିପୋର୍ଟ ବିଭିନ୍ନ ତଥ୍ୟ, ମଡେଲ ଓ ବିଭିନ୍ନ ସର୍ଭେକୁ ଆଧାର କରି କହିଛି ଭାରତରେ ସଂକ୍ରମଣ ଦୈନିକ ୧୫ ଲକ୍ଷରୁ ଉର୍ଦ୍ଧ ହେବ । ଆଉ ଦୈନକ ୬୦ ହଜାର ରୋଗୀ ମେଡିକାଲ ବେଡ ଆବଶ୍ୟକ କରିବେ । ତେଣୁ ହସ୍ପିଟାଲ ଉପରେ ବଡ଼ ଚାପ ପଡ଼ିବ । କିନ୍ତୁ ପୂର୍ବରୁ ନୀତି ଆୟୋଗ ସଦସ୍ୟ ଭିକେ ପଲ ଡିସେମ୍ବର ୧୮ ତାରିଖରେ କହିଥିଲେ ଆମେରିକା, ୟୁକେରେ ସଂକ୍ରମଣ ଯେଉଁ ଅନୁପାତରେ ବଢୁଛି ଭାରତରେ ସଂକ୍ରମଣ ବଢ଼ିଲେ ଦୈନିକ ୧୪ ଲକ୍ଷ ହେବ ବୋଲି କହିଥିଲେ ।

## ୧୫ରୁ ୧୮ ବର୍ଷର ପିଲାଙ୍କୁ ଟିକାଦାନ ଆରମ୍ଭ



ନୂଆଦିଲ୍ଲୀ,୦୩/୦୧: ଆଜି ଠାରୁ ସାରାଦେଶରେ ଆରମ୍ଭ ହୋଇଛି କିଶୋରଙ୍କୁ ଟିକାଦାନ । ୧୫ରୁ ୧୮ ବର୍ଷର ପିଲାଙ୍କୁ ଦିଆଯାଇଛି କରୋନା ଟିକା । ବର୍ତ୍ତମାନ କରୋନା ସଂକ୍ରମଣ ପୁଣି ବୃଦ୍ଧି ପାଉଥିବାରୁ, ତାକୁ ନିୟନ୍ତ୍ରଣ କରିବା ପାଇଁ ଏହି ବର୍ଗର ସମସ୍ତ ପିଲାଙ୍କୁ ଯେମିତି ଟିକାର ପ୍ରଥମ ଡୋଜ୍ ଗୋଟିଏ ମାସ ଭିତରେ ଦିଆଯିବ ସେହି ଲକ୍ଷ୍ୟ ରଖି କାର୍ଯ୍ୟ କରୁଛନ୍ତି ସରକାହ । ଦେଶରେ କରୋନା ସଂକ୍ରମଣ ପୁଣି ଉପର ମୁହାଁ ହେବାରେ ଲାଗିଲାଣି । କରୋନାର ନୂଆ ପ୍ରଜାତି ଓମିକ୍ରନ ମଧ୍ୟ ଧିରେ ଧିରେ କାୟା ବିସ୍ତାର କରିବାରେ ଲାଗିଛି । ଏହାକୁ ନଜରରେ ରଖି କେନ୍ଦ୍ର ସରକାର ୧୫-୧୮ ବର୍ଷ ବୟସର ପିଲାଙ୍କୁ କରୋନା ଟୀକା ଦେବାକୁ ନିଷ୍ପତ୍ତି ନେଇଛନ୍ତି । ସୋମବାର ଠାରୁ ସାରା ଦେଶରେ ୧୫-୧୮ ବର୍ଷ ବୟସ ପିଲାଙ୍କ ପାଇଁ ଟୀକାକରଣ ଆରମ୍ଭ ହୋଇଛି । ଏଥିପାଇଁ ଉଭୟ ଅନଲାଇନ ଓ ଅଫଲାଇନ ମାଧ୍ୟମରେ ପଞ୍ଜିକରଣ ବ୍ୟବସ୍ଥା ହୋଇଛି । ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ଏହି ଚାଇଲ୍ଡ ଭ୍ୟାକ୍ସିନେସନ ପ୍ରୋଗ୍ରାମରେ ୧୬ ଲକ୍ଷ ପିଲା ଟୀକା ନେଇଥିବା ଜଣାପଡିଛି । ସମସ୍ତଙ୍କୁ କରୋନାର କୋଭାକ୍ସିନ ଟୀକା ଦିଆଯାଇଛି । ଦେଶବ୍ୟାପି ଆରମ୍ଭ ହୋଇଥିବା ଏହି ଟିକାକରଣକୁ ନେଇ କିଶୋର କିଶୋରୀ ଖୁବ ଉତ୍ସାହିତ ଥିବା ଦେଖଇବାକୁ ମିଳିଛି । ଦିଲ୍ଲୀ, ହରିଆଣା, ରାଜସ୍ଥାନ, ଚେନ୍ନାଇ, ମୁମ୍ବାଇ ଆଦି ସମସ୍ତ ଛୋଟ ବଡ ସହରରେ ଟିକାକରଣ ଆରମ୍ଭ ହୋଇଛି । ଟିକା ନେବା ପାଇଁ ପିଲାଙ୍କୁ ଉତ୍ସାହିତ କରିବା ପାଇଁ ଭିନ୍ନ ଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ମାନେ ନିଜେ ଟିକାକରଣ କେନ୍ଦ୍ରରେ ପହଂଚିଥିବା ଦେଖିବାକୁ ମିଳିଛି । ରାଜ୍ୟସଭା ବାଚସ୍ପତି ଓମ ବିର୍ଲା ଟୀକାକରଣ କେନ୍ଦ୍ରରେ ପହଂଚି ଟିକା ନେଇଥିବା ଜଣେ କିଶୋରଙ୍କୁ ଫୁଲ ତୋଡା ଏବଂ ଚକଲେଟ ଦେଇଛନ୍ତି । ଅନ୍ୟପଟେ ସଂକ୍ରମଣକୁ ରୋକିବା ପାଇଁ କରେନା ଟୀକା ନେବା ଓ ସହ କରୋନା ନିୟମକୁ ମାନି ଚଳିବାକୁ ହେବ ବୋଲି ଡାକ୍ତର କହିଛନ୍ତି । ସାରା ଦେଶରେ ଜୋର୍ ସୋରରେ ଚାଲିଛି କିଶୋରଙ୍କ ଟିକାକରଣ । ଆସନ୍ତା ୧୦ ଦିନ ଭିତରେ ରାଜ୍ୟରେ ଥିବା ୧୫ ରୁ ୧୮ ବର୍ଷ ମଧ୍ୟରେ ସମସ୍ତ କିଶୋରଙ୍କ ପ୍ରଥମ ଡୋଜ୍ ଟିକାକରଣ ସମାପ୍ତ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି କେରଳ ସ୍ୱାସ୍ଥ୍ୟମନ୍ତ୍ରୀ ବୀଣା ଗର୍ଗ ।

## ଲଖିମପୁର ଖେରି ହିଂସାକାଣ୍ଡ ଘଟଣାରେ ଚାର୍ଜସିଟ୍ ଦାଖଲ ଘଟଣାର ମୁଖ୍ୟ ଅଭିଯୁକ୍ତ କେନ୍ଦ୍ରମନ୍ତ୍ରୀଙ୍କ ପୁଅ ଆଶିଷ



ନୂଆଦିଲ୍ଲୀ,୦୩/୦୧: ବଢିଲା ଆଶିଷ ମିଶ୍ରାଙ୍କ ଅଡୁଆ । କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରାଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିଲା ଏସଆଇଟି । ୫ ହଜାର ପୃଷ୍ଠା ବିଶିଷ୍ଟ ଚାର୍ଜସିଟ କୁ ସିଜେଏମ କୋର୍ଟରେ ଦାଖଲ କରାଯାଇଛି । ସୋମବାର ସକାଳୁ କଡା ସୁରକ୍ଷା ମଧ୍ୟରେ ଦୁଇଟି ତାଲା ଦ୍ୱାରା ସୁରକ୍ଷିତ ବଡ ଟ୍ରଙ୍କ ରେ ୫ ହଜାର ପୃଷ୍ଠା ବିଶିଷ୍ଟ ଚାର୍ଜସିଟକୁ ଲକ୍ଷିମପୁର ସହରର ମୁଖ୍ୟ ନ୍ୟାୟିକ ମାଜଷ୍ଟ୍ରେଟ କୋର୍ଟ ପରିସରକୁ ଅଣାଯାଇଛି । ଲଖିମପୁର ଖେରି ଚାଷୀ ହତ୍ୟା ଓ ହିଂସାକାଣ୍ଡ ମାମଲାରେ ଉତରପ୍ରଦେଶର ଏସଆଇଟି ଚାର୍ଜସିଟ୍ ଦାଖଲ କରିଛି । ଏକ ଲୁହାର ବାକ୍ସରେ ୫ ହଜାର ପୃଷ୍ଠାର ଚାର୍ଜସିଟକୁ ସିଜେଏମ କୋର୍ଟରେ ଦାଖଲ କରିଛି ଏସଆଇଟି । ତବେ ଏହି ଚାର୍ଜସିଟରେ କେନ୍ଦ୍ର ଗୃହ ରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ରଙ୍କୁ ମୁଖ୍ୟ ଅଭିଯୁକ୍ତ ବୋଲି କୁହାଯାଇଛି । କେବଳ ସେତିକି ନୁହେଁ ଏସଆଇଟି ଅନୁସାରେ ଆଶିଷ ମିଶ୍ର ଘଟଣାସ୍ଥଳରେ ଉପସ୍ଥିତ ଥିଲେ । ଲଖିମପୁର ଖେରି ଘଟଣାରେ ଆଶିଷ ମିଶ୍ରଙ୍କ ସମେତ ସମସ୍ତ ୧୩ଜଣ ଅଭିଯୁକ୍ତ ଜେଲରେ ଅଛନ୍ତି । ତେବେ ଏସଆଇଟି ନୂଆ ଅଭିଯୁକ୍ତ ବିରେନ୍ଦ୍ର ଶୁକ୍ଲାକୁ ଚିହ୍ନଟ କରିଛି । ବିରେନ୍ଦ୍ର ଧାରା ୨୦୧ ଅନ୍ତର୍ଗତ ପ୍ରମାଣ ନଷ୍ଟ କରିବାକୁ ଷଡଯନ୍ତ୍ର କରିଥିଲା । ୩ ଅକ୍ଟୋବର, ୨୦୨୧ରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରଙ୍କ ଲକ୍ଷିମପୁର ଖେରି ଗସ୍ତ ବେଳେ ପ୍ରତିବାଦକୁ ଓହ୍ଲାଇଥିଲେ ଚାଷୀ । ହାତରେ କଳା ପତାକା ଧରି ମନ୍ତ୍ରୀଙ୍କ ଗସ୍ତକୁ ବିରୋଧ କରିଥିଲେ ଚାଷୀ । ବିବାଦୀୟ ୩ କୃଷି ଆଇନ୍ ପ୍ରତ୍ୟାହୃତ ଦାବିରେ ମନ୍ତ୍ରୀଙ୍କ ଗସ୍ତକୁ ନିରବ ଭାବେ ପ୍ରତିବାଦ କରୁଥିବାବେଳେ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ର ଯାଉଥିବା ଗାଡି ଶାନ୍ତିର ସହ ଆନ୍ଦୋଳନ କରୁଥିବା ଚାଷୀଙ୍କ ଉପରେ ଚଢାଇଦିଆଯାଇଥିଲା । ଘଟଣା ସ୍ଥଳରେ ୪ ଜଣ ଚାଷୀ ମୃତ୍ୟୁ ବରଣ କରିଥିଲେ । ଏହାପରେ ହିଂସାକାଣ୍ଡରେ ଅନ୍ୟ ୪ ଜଣଙ୍କ ମୃତ୍ୟୁ ହୋଇଥିଲା । ଆଗକୁ ଉତରପ୍ରଦେଶରେ ବିଧାନସଭା ନିର୍ବାଚନ ଥିବାବେଳେ କେନ୍ଦ୍ର ମନ୍ତ୍ରୀଙ୍କ ପୁଅ ଆଶିଷ ମିଶ୍ରଙ୍କ ବିରୋଧରେ ଅଭିଯୋଗ ହେବା ବିରୋଧୀଙ୍କୁ ଟାର୍ଗେଟ କରିବା ପାଇଁ ଖୋରାକ ଯୋଗାଇବ ନିଶ୍ଚୟ ।

## ଆଇଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର,୦୩/୦୧(ନି.ପ୍ର): ଆଇଏଏସ ସ୍ତରରେ ଛୋଟ ଧରଣର ଅଦଳବଦଳ କଲେ ରାଜ୍ୟ ସରକାର । ଏହି ଅଦଳବଦଳରେ ରାଉରକେଲା ମ୍ୟୁନିସିପାଲ କମିଶନର ଦିବ୍ୟଜ୍ୟୋତି ପରିଡାଙ୍କୁ ସମ୍ବଲପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ଦିଆଯାଇଛି । ସେହିପରି ଦିବ୍ୟଜ୍ୟୋତି ପରିଡା ରାଉରକେଲା ମ୍ୟୁନିସିପାଲ କମିଶନର ପଦରୁ ବିଦାୟ ନେବା ପରେ ତାଙ୍କ ସ୍ଥାନ ନେବେ ଆଇଏଏସ ଡକ୍ଟର ଶୁଭଙ୍କର ମହାପାତ୍ର । ଏନେଇ ସାଧାରଣ ପ୍ରଶାସନ ବିଭାଗ ତରଫରୁ ନୋଟିସ୍ ଜାରି କରି ସୂଚନା ଦିଆଯାଇଛି ।

## ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ ନେଇ ତାତିଲେ ଆଦିବାସୀ



ବଲାଙ୍ଗୀର, ୦୩/୦୧ (ନି.ପ୍ର): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ ନେଇ ତାତିଛନ୍ତି ଆଦିବାସୀ । ଆଉ ବଲାଙ୍ଗୀରରେ ଏକାଠି ହୋଇଛନ୍ତି ଶହ ଶହ ଆଦିବାସୀ । ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚ ଆସନ ପାଇଁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ପାତର ଅନ୍ତର ହୋଇଥିବା ଅଭିଯୋଗ ଆଣି ବଲାଙ୍ଗୀରରେ ଏକାଠି ହୋଇଛନ୍ତି ବହୁ ସଂଖ୍ୟାରେ ଆଦିବାସୀ । ଖାଲି ସେତିକି ନୁହେଁ ଜିଲ୍ଲାପାଳଙ୍କ ଅଫିସ ଆଗରେ ଶୋଭାଯାତ୍ରା କରିବା ସହ ହାତରେ ପ୍ଲାକାର୍ଡ ଧରି ସେମାନେ ନାରାବାଜି ମଧ୍ୟ କରିଥିଲେ । ମିଳିଥିବା ରିପୋର୍ଟ ମୁତାବକ, ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାକୁ ନେଇ ଆଦିବାସୀଙ୍କ ଭିତରେ କୁହୁଳୁଛି ଅସନ୍ତୋଷ । ଆଉ ଏହାପରେ ବ୍ଲକ ଅଧ୍ୟକ୍ଷ ଓ ସରପଞ୍ଚ ଆସନ ପାଇଁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ପାତର ଅନ୍ତର ହୋଇଥିବା ଅଭିଯୋଗ ଆଣି ବଲାଙ୍ଗୀରରେ ଏକାଠି ହୋଇଥିଲେ ବହୁ ସଂଖ୍ୟାରେ ଆଦିବାସୀ । ଜିଲ୍ଲାପାଳଙ୍କ ଅଫିସ ଆଗରେ ଶୋଭାଯାତ୍ରା କରିବା ସହ ହାତରେ ପ୍ଲାକାର୍ଡ ଧରି ନାରାବାଜି କରିଥିଲେ । ଅସ୍ତ୍ରଶସ୍ତ୍ର ଧରି ବିରୋଧ ପ୍ରଦର୍ଶନ କରିଛନ୍ତି ଏବଂ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାର ପୁନଃ ବିଚାର ପାଇଁ ଦାବି କରିଛନ୍ତି । ବଲାଙ୍ଗିର ଜିଲ୍ଲାର ୩୧୭ଟି ଗ୍ରାମପଞ୍ଚାୟତରୁ ୭୨ଟିରେ ରୋଟେସନ ଆଧାରରେ ସିଟ୍ ସଂରକ୍ଷଣ ପାଇଁ ଆଦିବାସୀମାନେ ଦାବି କରିଛନ୍ତି । ସେହିପରି ୧୪ଟି ବ୍ଲକରୁ ୩ଟି ▶▶ପୃଷ୍ଠା ୭

## ସରକାରୀ ଅଫିସରେ ବନ୍ଦ ରହିବ ବାୟୋମେଟ୍ରିକ୍ ଉପସ୍ଥାନ

ଭୁବନେଶ୍ୱର,୦୩/୦୧(ନି.ପ୍ର): ସରକାରୀ ଅଫିସରେ ବନ୍ଦ ରହିବ ବାୟୋମେଟ୍ରିକ୍ ଉପସ୍ଥାନ । କୋଭିଡ୍ ସଂକ୍ରମଣକୁ ଆଖି ଆଗରେ ରଖି କେନ୍ଦ୍ର ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି । ଏନେଇ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ତେବେ ଦେଶରେ ଗତ କିଛି ଦିନ ହେଲା କୋଭିଡ୍ ସଂକ୍ରମଣ ଉପରମୁହାଁ ହୋଇଛି । ଦେଶରେ ଓମିକ୍ରନ୍ ଆତଙ୍କ ମଧ୍ୟ ଦେଖିବାକୁ ମିଳିଛି । ଏପରି ସ୍ଥିତିରେ ସରକାରୀ ଅଫିସରେ କର୍ମଚାରୀମାନେ ବାୟୋମେଟ୍ରିକ୍ ଜରିଆରେ ଉପସ୍ଥାପନ କଲେ, ସଂକ୍ରମଣ ବଢିବାର ଆଶଙ୍କା ରହିଛି । ତେଣୁ ଏହାକୁ ଆଖି ଆଗରେ ରଖି ସରକାର ବାୟୋମେଟ୍ରିକ୍ ଉପସ୍ଥାନକୁ ଆଗାମୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିଛନ୍ତି ।

## କନିଷ୍ଠ ଶିକ୍ଷକଙ୍କ ଦରମାରେ ୫୦% ବୃଦ୍ଧି

ଭୁବନେଶ୍ୱର, ୦୩/୦୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ପ୍ରାଥମିକ ବିଦ୍ୟାଳୟ ଗୁଡିକରେ ଶିକ୍ଷାଦାନରେ ନିୟୋଜିତ କନିଷ୍ଠ ଶିକ୍ଷକ ମାନଙ୍କ ଦରମା ବୃଦ୍ଧି କରିବା ପାଇଁ ନିଷ୍ପତି ନେଇଛନ୍ତି । ଏହି ନିଷ୍ପତି ଅନୁଯାୟୀ କନିଷ୍ଠ ଶିକ୍ଷକ (ଚୁକ୍ତିଭିତିକ) ଏବଂ କନିଷ୍ଠ ଶିକ୍ଷକ ମାନଙ୍କ ▶▶ପୃଷ୍ଠା ୭

## ପୌର ନିର୍ବାଚନ : ୫ ସୁଦ୍ଧା ୱାର୍ଡ ସୀମା ନିର୍ଦ୍ଧାରଣ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୦୩/୦୧ (ନି.ପ୍ର): ପୌର ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି ରାଜ୍ୟ ସରକାର। ୱାର୍ଡ ସୀମା ନିର୍ଦ୍ଧାରଣ ସହ ସଂରକ୍ଷଣ ପାଇଁ ବ୍ୟବସ୍ଥା କରିବାକୁ ସମସ୍ତ ଜିଲ୍ଲାପାଳ ଓ ମ୍ୟୁନିସିପାଲ କମିସନରଙ୍କୁ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଚିଠି ଲେଖିଛି। ୩ଟି ମହାନଗର ନିଗମ ଯଥା ଭୁବନେଶ୍ୱର, କଟକ ଓ ▶▶ପୃଷ୍ଠା ୭

## ପୁଣି ଡ୍ରାଗନର ଦାଦାଗିରି: ବିବାଦୀୟ ସୀମାରେ ସେତୁ ନିର୍ମାଣ କରୁଛି ଚୀନ

ନୂଆଦିଲ୍ଲୀ,୦୩/୦୧: ପୁଣି ବିବାଦୀୟ ସୀମାରେ ଚୀନର ଦାଦାଗିରି। ଏଲଏସିରେ ପାଙ୍ଗୋଙ୍ଗ ହ୍ରଦରେ ସେତୁ ନିର୍ମାଣ କରୁଛି ଚୀନ। ଏହି ସେତୁ ହ୍ରଦର ଉତ୍ତର ଏବଂ ଦକ୍ଷିଣ ପଟକୁ ଯୋଗାଯୋଗ କରିବ। ଏହି ସେତୁଟି ଚୀନ ତା'ନିଜ ପଟରେ ନିର୍ମାଣ କରୁଥିଲେ ମଧ୍ୟ ଏହା ଏଲଏଏସିଠାରୁ ବେଶୀ ଦୂର ନୁହଁ। ଯେଉଁ ଅଞ୍ଚଳକୁ ଭାରତ ତାର ନିଜ ଇଲାକାଭାବେ ଦାବି କରୁଛି ସେଠାରେଅ ଏହି ହ୍ରଦ ନିର୍ମାଣ ହେଉଥିବା ଚର୍ଚ୍ଚା ହେଉଛି। ଏବେ ଏହି ସେତୁର ଫଟୋ ଉପଗ୍ରହ ମାଧ୍ୟମରେ ଉତ୍ତୋଳନ ହୋଇଛି। ପ୍ରାୟ ୨ ମାସ ହେଲେ ଚୀନ ଏଠାରେ ସେତୁ ନିର୍ମାଣ କରୁଥିବା ସୂଚନା ମିଳିଛି। ଏଲଏଏସିର ୨୫ରୁ ୩୦ କମି ଦୂରରେ ଏହି ସେତୁ ନିର୍ମାଣ କରୁଛି ଡ୍ରାଗନ। ଏହି ସେତୁ ନିର୍ମାଣ ହେଲେ ଉଭୟପଟକୁ ଚୀନ ସୈନିକଙ୍କ ପାଇଁ ଗମନାଗମନ ସହଜ ହୋଇଯିବ। ଏଥିସହ ଯୁଦ୍ଧାସ୍ତ୍ର ପରିବହନରେ ମଧ ଖୁବ୍ ସରଳ ହୋଇଯିବ। ହ୍ରଦର ଦକ୍ଷିଣପଟ କୈଳାସ ରେଞ୍ଜର ଉଚ୍ଚ ଭାଗର ପ୍ରମୁଖ ଅଂଶକୁ ଭାରତ ଅକ୍ତିଆର କରିଛି । ୨୦୨୦ ଅଗଷ୍ଟରୁ ଏଠାରେ ସେନା ନିୟୋଜିତ କରିଛି ଭାରତ। ଚୀନର ଗିତିବିଧିକୁ ନୀରିକ୍ଷଣ ଏବଂ ମୁକାବିଲା ପାଇଁ ଭାରତ ଏଠାରେ ସେନା ନିୟୋଜିତ କରିଛି । ଏହା ପରେ ଶତ୍ରୁ ରାଷ୍ଟ୍ର ଚୀନ ସେଠାରେ ପ୍ରାଧାନ୍ୟ ବିସ୍ତାର କରି ପାନଗଙ୍ଗ ହଦ୍ରରେ ସେତୁ ନିର୍ମାଣ କରୁଥିବା ଜଣାପଡ଼ିଛି। ୨୦୨୦ ପରଠାରୁ ଭାରତ ଏବଂ ଚୀନ୍ ପକ୍ଷରୁ ପୂର୍ବ ଲଦାଖରେ ୫୦,୦୦୦ ସୈନ୍ୟ ମୁତୟନ କରାଯାଇଛି। ୨୦୨୦ ଜୁନ୍ ୨୦ରେ ଗଲୱାନ ଘାଟିରେ ସଂଘର୍ଷ ଘଟି ୨୦ ଜଣ ଭାରତୀୟ ସୈନିକଙ୍କ ମୃତ୍ୟୁ ଘଟିଥିଲା। ଚୀନର ୪୦ ଜଣ ସୈନିକ ନିହତ ହୋଇଥିଲେ।

## ରାଜ୍ୟପାଳ ସତ୍ୟପାଲ ମଲ୍ଲିକଙ୍କ ସାଂଘାତିକ ବୟାନ



ଭୁବନେଶ୍ୱର,୦୩/୦୧(ନି.ପ୍ର): ଅଡୁଆରେ ମେଘାଳୟ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନେଇ ବିବାଦୀୟ ମନ୍ତବ୍ୟ ଦେଇ ଏବେ ଚର୍ଚ୍ଚାର କେନ୍ଦ୍ର ସାଜିଛନ୍ତି ସତ୍ୟପାଲ । ପ୍ରଧାନମନ୍ତ୍ରୀ ଜଣେ ଅତି ଘମଣ୍ଡି ଲୋକ କହିବାର ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି । ଭିଡିଓରେ ସତ୍ୟପାଲ ମଲ୍ଲିକ, ପ୍ରଧାନମନ୍ତ୍ରୀ ମୋଦୀ ଓ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ନେଇ ବିବାଦୀୟ ବୟାନ ଦେଉଥିବା ଦେଖିବାକୁ ମିଳିଛି । ଭିଡିଓରେ ସତ୍ୟପାଲ ମଲ୍ଲିକ କହିଛନ୍ତି, ଚାଷି ଆନ୍ଦୋଳନ ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଭେଟିଥିଲେ । ଯେଉଁଥିରେ ଆଲୋଚନା ଆରମ୍ଭରୁ ହିଁ ମୋଦୀଙ୍କ ସହ ତାଙ୍କର ଝଗଡା ହୋଇଯାଇଥିଲା । ରାଜ୍ୟପାଳ ସତ୍ୟପାଳ ମଲ୍ଲିକ ପ୍ରଧାନମନ୍ତ୍ରୀଙ୍କୁ କହିଥିଲେ ଚାଷି ଆନ୍ଦୋଳନରେ ୫୦୦ ରୁ ଅଧିକ କୃଷକ ପ୍ରାଣ ହରାଇଲେଣି । ଯାହାର ଉତରରେ ମୋଦୀ କହିଥିଲେ କଣ ସେମାନେ ମୋ ପାଇଁ ପ୍ରାଣ ହରାଇଲେ କି ? ଏହି କଥାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହୋଇଥିଲା ବୋଲି ଭିଡିଓରେ ସତ୍ୟପାଲ ମଲ୍ଲିକ କହୁଥିବା ଦେଖିବାକୁ ମିଳିଛି । ରାଜସ୍ଥାନରେ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ରଧାନମନ୍ତ୍ରୀଙ୍କ ସହ ହୋଇଥିବା ଆଲୋଚନା ବିଷୟରେ ମେଘାଳୟ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ମନ୍ତବ୍ୟ ଦେଉଥିବା ଭିଡିଓଟି ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ତେବେ ଭିଡିଓଟି ଭାଇରାଲ ହେବା ପରେ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ ପ୍ରଧାନମନ୍ତ୍ରୀଙ୍କୁ କ୍ଷମା ମାଗିଥିବା ଚର୍ଚ୍ଚା ହେଉଛି ।

## ୨୦୨୨ର ଛାତ୍ର ସମାଜ ପାଇଁ ପ୍ରଧାନମନ୍ତ୍ରୀଙ୍କ ସବୁଠୁ ବଡ଼ ଉପହାର : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୦୩/୦୧ (ନି.ପ୍ର): ଦେଶରେ ଶୁଭାରମ୍ଭ ହୋଇଥିବା ନିଟ୍ ୩.୦ (ନ୍ୟାସନାଲ ଏଜ୍ୟୁକେସିନାଲ ଏଲାଇନ୍ସ ଫର୍ ଟେକ୍ନୋଲୋଜି) ଅନ୍ତର୍ଗତ ୧୨ ଲକ୍ଷ ସାମାଜିକ-ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କୁ ୨୫୩ କୋଟି ମୂଲ୍ୟର ମାଗଣା ନିଟ୍ ଇଡ଼ି-ଟେକ୍ କୋର୍ସ ବଂଟନ ଛାତ୍ର ସମାଜ ପାଇଁ ପ୍ରଧାନମନ୍ତ୍ରୀଙ୍କ ୨୦୨୨ର ସବୁଠୁ ବଡ଼ ଉପହାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ଠାରେ ସୋମବାର ନ୍ୟାସନାଲ ଏଜ୍ୟୁକେସିନାଲ ଏଲାଇନ୍ସ ଫର୍ ଟେକ୍ନୋଲୋଜି ବା ନିଟ୍ ୩.୦ ଏବଂ ଆଂଚଳିକ ଭାଷାରେ ଏଆଇସିଟିଇ ପ୍ରାପ୍ତ ବୈଷୟିକ ପୁସ୍ତକର ଉନ୍ମୋଚନ କରିବା ଅବସରରେ ଶ୍ରୀ ପ୍ରଧାନ ଏହା କହିଛନ୍ତି। ସେ କହିଛନ୍ତି ଯେ ଓଡିଶା ସମେତ ଦେଶର ବିଭିନ୍ନ ରାଜ୍ୟର ୧୨ ଲକ୍ଷ ସାମାଜିକ - ଆର୍ଥିକ ଦୃଷ୍ଟିରୁ ପଛୁଆ ଛାତ୍ରଛାତ୍ରୀଙ୍କୁ ୨୫୩ କୋଟି ମୂଲ୍ୟର ମାଗଣା ନିଟ୍ ଇଡ଼ି-ଟେକ୍ କୋର୍ସ କୁପନ ବଂଟନ କରାଯାଇଛି । ସେଥିମଧ୍ୟରୁ ଓଡିଶାରେ ୩୩ ହଜାର ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କୁ ୧୦ କୋଟି ମୂଲ୍ୟର ▶▶ପୃଷ୍ଠା ୭

## ଏକ ବିଶେଷ ସୂଚନା

ସଂପ୍ରତି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଦ୍ରଣ ସାମଗ୍ରୀର ଅହେତୁକ ଦରବୃଦ୍ଧି ଓ ବିଜ୍ଞାପନ ନୀତିରେ ପରିବର୍ତ୍ତନ ଆସିଥିବାରୁ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ର ସଂକଟ ମଧ୍ୟ ଦେଇ ଗତି କରୁଛନ୍ତି । ଏହି ସମୟରେ ଆମ ସମ୍ବାଦପତ୍ର ସହ ଜଡ଼ିତ ଥିବା ଲେଖକ, ଲେଖିକା/ ପାଠକ, ପାଠିକା ଓ ଶୁଭେଚ୍ଛୁମାନଙ୍କୁ ସବିନୟ ଅନୁରୋଧ କରୁଅଛୁକି, ଏହି ସମ୍ବାଦପତ୍ରର ବାର୍ଷିକ ଗ୍ରାହକଟିଏ ହୋଇ (ଡାକ ଖର୍ଚ୍ଚ ସହ)ବର୍ଷକୁ ମାତ୍ର ଟ. ୧୦୦୦/- ପୈଠ କରି ସମ୍ବାଦପତ୍ର ପ୍ରକାଶନରେ ସହଯୋଗ କରନ୍ତୁ ।

Google pay ନମ୍ବର
(୯୩୩୭୭୩୭୦୫୩)
SBI Bank- 30952449813
IFSC code- SBIN0006933

ପରିଚାଳନା ସଂପାଦକ
ଧ୍ୱନିପ୍ରତିଧ୍ୱନି

# ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା

ଜଗତସିଂହପୁର,୩/୧ (ନି.ପ୍ର): ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜଗତସିଂହପୁର ଜିଲ୍ଲା ପ୍ରଶାସନ ର ମିଳିତ ଆନୁକୂଲ୍ୟରେ ଦୁଇ ଦିନ ଧରି ନିଯୁକ୍ତି ମେଳା ଅନୁଷ୍ଠିତ ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି । ଏହି ନିଯୁକ୍ତି ମେଳା ଚଳିତ ମାସ ୪ ତାରିଖ ମଙ୍ଗଳବାର ଦିନ ଶାରଳା ମହାବିଦ୍ୟାଳୟ ରାହାମା ସମୟ ୧୦ ଘଟିକା ରୁ ଆରମ୍ଭ ହେବ ଓ ୫ ତାରିଖ ବୁଧବାର ଦିନ ସ୍ୱାମୀ ଅରୁପାନନ୍ଦ କଲେଜ ବର୍ଡି ,ରଘୁନାଥପୁର ଠାରେ ଅନୁଷ୍ଠିତ ହେବ ।ଏହି ମେଳା ରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ବେସରକାରୀ ସଂସ୍ଥା ମାନଙ୍କରେ ନିଯୁକ୍ତି ଓ ନିଯୁକ୍ତି ଭିତିକ ର ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ରେ ଯୋଗଦେବା କୁ ସୁଯୋଗ ମିଳିବ । ସୁତରାଂ ଜିଲ୍ଲା ପ୍ରଶାସନ ଜଗତସିଂହପୁର ତରଫରୁ ସମସ୍ତ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନେ ସେମାନଙ୍କ ର ଯୋଗ୍ୟତା ଭିତିକ ସାର୍ଟିଫିକେଟ ର ନକଲ କପି ,ଫୋଟୋ ଓ ମାସ୍କ ସହିତ ମେଳା ରେ ଯୋଗ ଦେବାକୁ ଘୋଷଣା କରିଛନ୍ତି । ପ୍ରାର୍ଥୀ ଓ ପ୍ରାର୍ଥୀନୀ ମାନଙ୍କର ଯୋଗ୍ୟତା ୮ ଶ୍ରେଣୀରୁ + ୩ ସ୍ନାତକ କିମ୍ବା ଆଇ ଟି ଆଇ ଡିପ୍ଲୋମା ହୋଇଥିବା ଆବଶ୍ୟକ ।

# ଫିରିଙ୍ଗିଆ ବ୍ଲକରେ ଅନୁଷ୍ଠିତ ହେଲା ଚଳିତ ଅବଧିର ଶେଷ ସମିତି ବୈଠକ

କନ୍ଧମାଳ,୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଭାଗୃହ ଠାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନର ପାଂଚବର୍ଷର ଅବଧି ପୁରିବାକୁ ଯାଉଥିବା ବେଳେ ଶେଷ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ ଗୋଷ୍ଠୀଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବେଠକରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ପଂଚାୟତ ସମିତି ଅଧକ୍ଷ ଲାଲନନ୍ଦ ପ୍ରଧାନ, ବ୍ଲକ ଉପାଧକ୍ଷା ସର୍ଣ୍ଣତା ଦିଗାଳ, ଜିଲ୍ଲାପରିଷଦ ଉପାଧକ୍ଷା ସାରତି ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର, ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲ୍ଲିକ ଉପସ୍ଥିତ ରହି ଗତ ପାଂଚ ବର୍ଷ ମଧ୍ୟରେ ପଂଚାୟତ ସମିତି ଫିରିଙ୍ଗିଆ ଆନୁକୂଲ୍ୟରେ ଉନ୍ନୟନ କାମ ଗୁଡିକର ସମିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଗ୍ରାମ ପଂଚାୟତ ଅଧିକାରୀ ରବିନ୍ଦ୍ର କୁମାର ବେହେରା, ସହକାରି ଯନ୍ତ୍ରୀ ଜି.ଦେବହରି ପ୍ରଧାନଙ୍କ ସମେତ ଫିରିଙ୍ଗିଆ ବ୍ଲକର ସମସ୍ତ ସମିତି ସଭ୍ୟ, ସରପଂଚ ଓ ବ୍ଲକ କାର୍ଯ୍ୟାଳୟ ର ସମସ୍ତ କର୍ମଚାରି ମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ଏକ ପ୍ରକାର ଭାବବିହ୍ୱଳ ପରିବେଷ ଶୃଷ୍ଟି ହୋଇଥିବାବେଳେ ପାଂଚ ବର୍ଷ ଧରି ସମସ୍ତ ପିଆରଆଇ ମେମ୍ବର ଓ ସରପଂଚ ମାନଙ୍କ କାର୍ଯ୍ୟକଳାପ କୁ ନେଇ ବିଡିଓ ଏବଂ ବିଧାୟକ ଖୁସି ବ୍ୟକ୍ତ କରିଥିଲେ । ବିଡିଓ ନିଜ ବକ୍ତବ୍ୟରେ ପାଂଚ ବର୍ଷ ମଧ୍ୟରେ ସମସ୍ତ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବୋଧନ କରବା ଅବସରରେ ଭାବବିହ୍ୱଳ ହୋଇପଡିଥିଲେ । ସେମାନଙ୍କ କାର୍ଯ୍ୟକାଳର ଏହି ପାଂଚ ବର୍ଷ ଚିରସ୍ମରଣୀୟ ହୋଇ ରହିବ ବୋଲି କହିଥିଲେ।

# ଯୁବ କୁଲତା ସମାଜ ରକ୍ତ ଦେଲେ ରୋଗୀଙ୍କୁ

ବଲାଙ୍ଗୀର,୩/୧ (ନି.ପ୍ର): ରକ୍ତଦାନ କରି ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ନୂତନ ବର୍ଷରେ ତାର କାର୍ଯ୍ୟକ୍ରମ ଆରମ୍ଭ କରିଛି । ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ ମାଲିସିଉଡି ଗ୍ରାମର ମକରଧ୍ୱଜ ପଧାନ (୫୯) ଓ ତରଭା ବ୍ଲକ ପୂର୍ଣ୍ଣପାଣି ଗ୍ରାମର ଲାଲ ବିଶି (୬୭) କିଡନି ସମସ୍ୟା ହେତୁ ବଲାଙ୍ଗିର ଭୀମ ଭୋଇ ମେଡିକାଲରେ ଚିକିସିତ ହେଉଛନ୍ତି । ତାଙ୍କ ଶରୀରରେ ରକ୍ତ ପରିମାଣ କମ ଥିବାରୁ ଡାକ୍ତର ତାଙ୍କୁ ରକ୍ତ ଦେବା ପାଇଁ କହିଥିଲେ । ଉଭୟେ ରକ୍ତ ପାଇଁ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜକୁ ଫୋନ ମାଧ୍ୟମରେ ସହଯୋଗ ମାଗିଥିଲେ । ଖବର ପାଇବା ମାତ୍ରେ ବଲାଙ୍ଗିର ଜିଲ୍ଲା ଯୁବ କୁଲୁତା ସମାଜ ସଭାପତି ଅସୀମ କୁମାର ଭୋଇ ପୁଇଁନ୍ତଲା ବ୍ଲକ ରାଜବଂଶ ପଧାନ ଓ ରାମକୃଷ୍ଣ ନାଏକଙ୍କୁ ଫୋନ କରିବାରୁ ଉଭୟ ଯୁବ ସଦସ୍ ସଙ୍ଗେ ସଙ୍ଗେ ଆସି ରକ୍ତଦାନ କରି ଗରୁଡଧ୍ୱଜ ପଧାନ ଓ ଲାଲ ବିଶିର ଜିବନ ବଂଚାଇଥିଲେ । ରକ୍ତଦାତା ରାଜବଂଶ ପଧାନ ଓ ରାମକୃଷ୍ଣ ନାଏକଙ୍କ ଏଭଳି ମହତ କାର୍ଯ୍ୟ ପାଇଁ ସୁବର୍ଣ୍ଣପୁର ଜିଲ୍ଲା କୁଲୁତା ସମାଜ ସଭାପତି ପ୍ରଦ୍ୟୁମ୍ନ ସାହୁ ଓ ସଂପାଦକ କ୍ଷେତ୍ରବାସୀ ପଧାନ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ଓ ବଲାଙ୍ଗିର ଜିଲ୍ଲା ଯୁବ ସଂଗଠନର ଦିର୍ଘାୟୁ କାମନା କରିଛନ୍ତି।

# ଗୀତା ଓ ଭାଗବତରେ ସେବାର ଶ୍ରେଷ୍ଠତାକୁ ସ୍ୱୀକାର କରାଯାଇଛି

ଧମଶାଳା,୩/୧ (ନି.ପ୍ର): ସେବା ହିଁ ପରମ ଧର୍ମ। ପବିତ୍ର ଗ୍ରନ୍ଥ ଗୀତାଠାରୁ ଭାବଗତ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ସେବାର ଶ୍ରେଷ୍ଠତାକୁ ସ୍ୱୀକାର କରାଯାଇଛି । ଆମ ଧର୍ମ, ସଂସ୍କୃତି ଓ ପରମ୍ପରା ସବୁ କ୍ଷେତ୍ରରେ ସେବାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି ବୋଲି ଯାଜପୁର ଜିଲା ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ଉଦଯାପନୀ ସଭାରେ ମତ ପ୍ରକାଶ ପାଇଛି । ମହାପୁରୁଷ ହାଡିଦାସ ମହାବିଦ୍ୟାଳୟରେ ୭ ଦିନ ଧରି ଚାଲିଥିବା ଜାତୀୟ ସେବା ଯୋଜନା(ଏନ.ଏସ.ଏସ) ସ୍ୱତନ୍ତ୍ର ଶୀତକାଳୀନ ଶିବିର ଉଦଯାପିତ ହୋଇଯାଇଛି । ଏହି ଅବସରରେ ଅଧ୍ୟକ୍ଷ ଡ଼ ଲଳିତେନ୍ଦୁ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ବିଶ୍ୱାଳୀସ୍ଥିତ ଓ.ସି.ଏଲ ସିମେଂଟର ବ୍ୟବସାୟୀକ ମୁଖ୍ୟ ବାପୁପ୍ରୀୟ ରଘୁପତି ରାମ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେଶ ଗଠନରେ ଛାତ୍ରମାନଙ୍କ ଭୂମିକା ସଂପର୍କରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ତଥା ଯାଜପୁର ଜିଲ୍ଲା ଏନ.ଏସ.ଏସ ସଂଯୋଜକ ଅଧ୍ୟାପକ ସଲିଳ ମହାନ୍ତି ଯୋଗଦେଇ ପିଲାମାନଙ୍କୁ ଜୀବନରେ ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ପ୍ରାଧ୍ୟାପକ ବିଶ୍ୱନାଥ ଦାସ, ତୁଷାରକାନ୍ତି, ଅମିତା ନାୟକ, ଡ଼ ଚନ୍ଦ୍ରକଳା ନାୟକ, ସମୁତ୍ରା ନନ୍ଦ ଓ ଅବସରପ୍ରାପ୍ତ ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର ଯୋଗ ଦେଇ କହିଥିଲେ ଯେ, କେବଳ ଲାଭ ଓ ଲୋଭରେ ବିଶ୍ୱାସ ରଖୁଥିବା ମଣିଷ ମାନେ ସେବାର ଯେଉଁ ଅପାର ଆନନ୍ଦ ମିଳେ ତାହା ବୁଝି ପାରିବେ ନାହିଁ । ନିଜ ସ୍ୱାର୍ଥକୁ ଆଦୌ ଗୁରୁତ୍ୱ ନଦେଇ କେବଳ ଅନ୍ୟକୁ ସୁଖ ଦେବାକୁ ଚାହୁଁଥିବା ମଣିଷ ହିଁ ସେବା କରିପାରେ । ଏହି ଉଦଯାପନୀ ଉତ୍ସବକୁ ଏନ.ଏସ.ଏସର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପକ ନିରଞ୍ଜନ ପାତ୍ର ସଂଚାଳନ କରିଥିଲେ । ଅନ୍ୟତମ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକ କବିତା ସାହୁ ଶିବିରର ବିବରଣୀ ପାଠ କରିଥିଲେ । ଉକ୍ତ ଶିବିରକୁ ସଫଳ କରିବାରେ କଲେଜର ସମସ୍ତ ଅଧ୍ୟାପକ, ଛାତ୍ରଛାତ୍ରୀ, ଏନ.ଏସ.ଏସର ପୁରାତନ ଛାତ୍ରଛାତ୍ରୀ ସହଯୋଗ ପ୍ରଦାନ କରି ଶିବିର ପରିଚାଳନା କରିଥିଲେ ।

# ମନ୍ତ୍ରୀ, ସାଂସଦଙ୍କ ଭୁବନ ଗସ୍ତ ଓ ମାରାଥନ ଶିଳାନ୍ୟାସ, ଉଦଘାଟନ କାର୍ଯ୍ୟକ୍ରମ

ଭୁବନ,୩/୧ (ନି.ପ୍ର): ଆସନ୍ତା ପଂଚାୟତ ଓ ପୌର ନିର୍ବାଚନ ସକାଶେ ସ୍ଥାନୀୟବିଧାୟକ ତଥା ରାଜ୍ୟଖଣି , ଇସ୍ପାତ ଓ ପୂର୍ତମନ୍ତ୍ରୀ ପ୍ରଫୁଲ୍ଲକୁମାରମଲ୍ଲିକ ଓ ଢେଙ୍କାନାଳସାଂସଦ ମହେଶସାହୁ ଆଜି ଦିନିକିଆ ଭୁବନ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ, ଉଦଘାଟନ କରି ଫେରିଯାଇଛନ୍ତି । କାର୍ଯ୍ୟକ୍ରମ ପ୍ରାରମ୍ଭରେ ସାଂସଦ ମହେଶ ସାହୁଙ୍କୁ ବିଷ୍ଣୁପ୍ରିୟା ଗାଲାକ୍ସିଠାରେ ଦଳୀୟକର୍ମୀ ଓ ସାମ୍ବାଦିକଙ୍କ ତରଫରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଥିଲା । ପରେମନ୍ତ୍ରୀ ପହଁଚିବା ପରେ ସରସ୍ୱତୀ ଶିଶୁମନ୍ଦିରକୁ ଯାଇ ସାଂସଦଙ୍କ ଲ୍ୟାଡ ଫଣ୍ଡରୁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଅତିରିକ୍ତ ଶ୍ରେଣୀଗୃହ ର ଶିଳାନ୍ୟାସ କରିଥିଲେ । ଶିଶୁମନ୍ଦିର ପ୍ରଧାନଆଚାର୍ଯ୍ୟ ଇନ୍ଦୁଲତା ପ୍ରଧାନଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ଉପସ୍ଥିତ ରହି ମନ୍ତ୍ରୀ, ସାଂସଦଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ପରେ ମହିଳା ମହାବିଦ୍ୟାଳୟରେ ସାଂସଦ ଲ୍ୟାଡ ଫଣ୍ଡରୁ ୧୫ ଲକ୍ଷ ଟଙ୍କା ବ୍ୟୟରେ ଅତ୍ୟାଧୁନିକ ପାଠାଗାର ପାଇଁ ଶିଳାନ୍ୟାସ କରିଥିଲେ । ମହାବିଦ୍ୟାଳୟ ଅଧକ୍ଷ ଦିଲ୍ଲୀପ ଦାସ ଙ୍କ ସମେତ ସମସ୍ତ କର୍ମଚାରୀଉପସ୍ଥିତ ଥିଲେ । ସତ୍ୟସାଇ ସେବା ସମିତି, ସାଇମନ୍ଦିର ପରିସରରେ ସାଂସଦ ଲ୍ୟାଡ ଫଣ୍ଡରୁ ୧୭ଲକ୍ଷ ଟଙ୍କାବ୍ୟୟରେ କମ୍ୟୁନିଟିସେଣ୍ଟର ପାଇଁ ଶିଳାନ୍ୟାସ କରାଯାଇଥିଲା । ଏନଏସି କାର୍ଯ୍ୟାଳୟ ପରିସରରେ ରାସନକାର୍ଡ ହିତାଧିକାରୀଙ୍କୁ ୧ ହଜାରଟଙ୍କା ଲେଖାଏଁ ବଣ୍ଟନ କରି ମୁଖ୍ୟମନ୍ତ୍ରୀଙ୍କ 'ଭରସା'ଯୋଜନାର ଶୁଭାରମ୍ଭ କରିବା ସହିତ ବିଭିନ୍ନ କାର୍ଯ୍ୟ ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ବାଉଁଶକଣ ଗ୍ରାମସ୍ଥିତ ବ୍ରାହ୍ମଣ ଶାସନ ରେସାଂସଦ ଲ୍ୟାଡ ଫଣ୍ଡରୁ ୩ ଲକ୍ଷଟଙ୍କା ବ୍ୟୟରେବରିଷ୍ଠ ନାଗରିକ ସଭାଗୃହର ଶିଳାନ୍ୟାସ କରିଥିଲେ । ସାଂସଦ ଲ୍ୟାଡ ଫଣ୍ଡରୁ ୮ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ବିନାୟକ ଇଂଲିଶ ମିଡିୟମ ସ୍କୁଲର ନୂତନ ବିଲ୍ଡିଂକୁ ଉଦଘାଟନ କରିଥିଲେ । ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଫୁଲ୍ଲକୁମାର ମଲ୍ଲିକ, ସାଂସଦ ମହେଶ ସାହୁଙ୍କ ସମେତ ପୂର୍ବତନ ନଗରପାଳ ନନ୍ଦ କିଶୋର ସାହୁ, ବ୍ଲକ ଅଧକ୍ଷ ଧର୍ମାନନ୍ଦ ବରାଳ , ଏନଏସି ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧିନ ସାହୁ , କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ର ନାଥ ସାହୁ , ଏମପିଙ୍କ ବ୍ୟକ୍ତିଗତ ସଚିବ ମାତୃ ପ୍ରସାଦ ମିଶ୍ର ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ । ଶେଷରେ ଭୁବନ ମିନି ଷ୍ଟାଡିୟମଠାରେ ସପ୍ତାହେ ହେଲା ଚାଲିଥିବା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ଅନ୍ତିମ ଦିବସରେ ବିଜୟୀ ଦଳକୁ କପ୍ ସିଲ୍ଡ ପ୍ରଦାନ କରିଥିଲେ ।

# କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର



ବାସୁଦେବପୁର,୩/୧ (ନି.ପ୍ର): ବାସୁଦେବପୁର ପୌରପାଳିକା ଅନ୍ତର୍ଗତ ବଂଶୀପାଟଣା କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ପକ୍ଷରୁ ଆୟୋଜିତ ଜାତୀୟ ସେବା ଯୋଜନା ଶିବିର ଉଦଯାପିତ ହୋଇଯାଇଛି । ଏହି ସଭାରେ ଅତିଥି ଭାବେ ଯୋଗଦେଇଥିଲେ ପୂର୍ବତନ ସରପଞ୍ଚ ଓ ସମାଜସେବୀ ଭାଗିରଥି ବଳ, ପୂର୍ବତନ କାଉନସିଲର ମାନସ ସାହୁ, ମହାବିଦ୍ୟାଳୟ ର ଅଧକ୍ଷ ପ୍ରଶାନ୍ତ କୁମାର ପାଢୀ,ସମାଜସେବୀ ସାରଦା ପ୍ରସନ୍ନ ମହାନ୍ତି, ମନୋଜ ବାରିକ । ସମସ୍ତ ଅତିଥି ବକ୍ତବ୍ୟ ପ୍ରଦାନ କରିଥିଲେ ଓ ସେବା ବିଷୟରେ ଆଲୋଚନା କରିଥିଲେ । ପ୍ରୋଗ୍ରାମ ଅଫିସର ଅଧାପକ ପ୍ରତାପ ରାଉତ ସଂକ୍ଷିପ୍ତ ବକ୍ତବ୍ୟ ପ୍ରଦାନ କରିଥିଲେ । ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ,ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସମସ୍ତେ ଏହି କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ଲକ୍ଷ୍ମୀନୃସିଂହଙ୍କୁ ବରାହ ବେଶରେ ସଜ୍ଜିତ

ଜୟପୁର ,୩/୧ (ନି.ପ୍ର): ଜୟପୁର କଣ୍ଡରା ସାହି ସ୍ଥିତ ଲକ୍ଷ୍ମୀନୃସିଂହ ଙ୍କୁ ବରାହ ବେଶରେ ସଜ୍ଜିତ କରାଯାଇଛି । ଆଜି ବଉଳ ଆମାବାସ୍ୟା ଅବସରରେ ଶ୍ରୀ ଜିଉଙ୍କୁବରାହ ଅବତାରରେ ସଜ୍ଜିତ କରାଯାଇଛି । ଆଜି ବରାହ ଙ୍କ ଜନ୍ମ ହୋଇଥିବାରୁ ଲକ୍ଷ୍ମୀନୃସିହ ଙ୍କୁ ବରାହ ଅବତାରରେ ସଜ୍ଜିତ କରାଯାଇଛି । ପ୍ରଭୁଙ୍କ ନିକଟରେ ଗଇଠା ଆଦି ଭୋଗ ଲାଗି କରାଯାଇଥିବା ବେଳେ ଆଳତି ସ୍ୱତନ୍ତ୍ର ନିତିକାନ୍ତ କରାଯାଇଥିବା ଲକ୍ଷ୍ମୀ ନୃସିଂହ ଙ୍କ ମୁଖ୍ୟପୂଜକ ସୁନିଲ ଆଚାଯ୍ୟ ସୁଚନା ଦେଇଛନ୍ତି ।

# ଜିଲାସ୍ତରୀୟ ସଂକୀର୍ତ୍ତନ ମହୋତ୍ସବ ଅନୁଷ୍ଠିତ

ଜୟପୁର ,୩/୧ (ନି.ପ୍ର): କୋରାପୁଟ ଜିଲା ସ୍ତରୀୟ ସଂକୀର୍ତନ ମହୋତ୍ସବ ରବିବାର ଅନୁଷ୍ଠିତ ହୋଇଛି । ଜୟପୁର ବ୍ଲକ ଅନ୍ତର୍ଗତ ଆମ୍ବାଗୁଡା ହରିହର ମନ୍ଦିର ମଦନ ଗୋପାଳଜୀ ମଠ ପରିସରରେ ଅନୁଷ୍ଠିତ ହୋଇଛି । ରାଜ୍ୟର ଜଗନ୍ନାଥ ନାମ ସଂକୀତନ ପରିଷଦ ପକ୍ଷରୁ ସଂକୀତନ ମଣ୍ଡଳୀଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ କୋରାପୁଟ ଜିଲା ସଂକୀତନ ମଣ୍ଡଳୀର ସଭାପତି କୃଷ୍ଣ ଚନ୍ଦ୍ର ପାଳ ଯୋଗ ଦେଇଥିବୀ ବେଳେ ଜୟପୁର ନଗର ମୁଖ୍ୟ ଲିଙ୍ଗରାଜ ନିଶଙ୍କ, କୋରାପୁଟ ଜିଲା ସଂକୀତନ ମଣ୍ଡଳୀର ସମ୍ପାଦକ ସତ୍ୟବାନ ପଟ୍ଟନାୟକ ଏବଂ ଜୟପୁର ନଗର ସଂକୀତନ ମଣ୍ଡଳୀର ସଭାପତି ଭୀମ ନାୟକ, ଉପଦେଷ୍ଟା ରତ୍ନାକର ନାରାଜୀ, ଭାସ୍କର ଗୌଡ, ସଞ୍ଜୟ ପଣ୍ଡା, ଯୁଗ୍ମ ସମ୍ପାଦକ ସୁଜିତ କୁମାର ସାହୁ , ଧିରେନ ମୋହନ ପଟ୍ଟନାୟକ, ରାଧା ନାଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ କୋରାପୁଟ ଜିଲାର ବିଭିନ୍ନ ଅଂଚଳର ସଂକତୀନ ମଣ୍ଡଳୀ ଯୋଗେ ଦେଇଥିଲେ । ପ୍ରଥମେ ନଗର ପରିକ୍ରମା କରିଥିବା ବେଳେ ପରେ ଧର୍ମସଭା ତଥା ସତସଙ୍ଗ, ପ୍ରବଚନ ଅନୁଷ୍ଠିତ ହୋଇଥିଲା ।

# ସମାଜସେବୀଙ୍କ ଦ୍ୱାରା ଅସହାୟଙ୍କୁ ଶାଢୀ ସାଲ ବଣ୍ଟନ

କେନ୍ଦ୍ରାପଡ଼ା,୩/୧ (ନି.ପ୍ର): ନବବର୍ଷ ଉପଲକ୍ଷେ କେନ୍ଦ୍ରାପଡାର ଆରାଧ ଦେବତା ଶ୍ରୀ ବଳଦେବଜୀୟୁ ମନ୍ଦିର ପାଖରେ ବସିଥିବା ଅସହାୟ ବ୍ୟକ୍ତି ମାନଙ୍କୁ ମାର୍ଶାଘାଇ ଅଂଚଳର ସାମାଜିକ କର୍ମୀ କମଳାକାନ୍ତ ନାୟକ ଏହି ଅସହାୟ ବ୍ୟକ୍ତି ମାନଙ୍କୁ ଶାଢୀ, ସାଲ, କମ୍ବଳ, ମାସ୍କ, ବିସ୍କୁଟ୍, ମିଠା ଇତ୍ୟାଦି ବଣ୍ଟନ କରିଥିଲେ । ଏହି ଅସହାୟ ବ୍ୟକ୍ତିଙ୍କ ନିକଟରେ ସରକାରୀ ସହାୟତା ପହଁଚୁ ନଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଜାଣିବା ପରେ ଶ୍ରୀ ନାୟକ ନବବର୍ଷ ଉପଲକ୍ଷେ ଏମାନଙ୍କୁ ସହାୟତା କରିଥିବା ଜଣା ପଡିଛି ।

# କେନ୍ଦୁଝର ଜିଲ୍ଲା ତେଲକୋଇ ଅଂଚଳରେ ହାତୀ ଉପଦ୍ରବ: ଆତଙ୍କିତ ଗ୍ରାମବାସୀ

କେନ୍ଦୁଝର,୩/୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ତେଲକୋଇ ଅଂଚଳରେ ବଣୁଆ ହାତୀଙ୍କର ଉପଦ୍ରବ କମିବାର ନାମ ଧରୁ ନାହିଁ। ଫଳରେ ତେଲକୋଇ ଅଂଚଳବାସୀଙ୍କୁ ସବୁ ସମୟରେ ଭୟଭୀତ ଅବସ୍ଥାରେ ରହବାକୁ ପଡୁଛି । ଇତି ମଧ୍ୟରେ ବିମଳା ଫରେଷ୍ଟ ବିଟ୍ ଅଂଚଳରେ ବଣୁଆ ହାତୀପଲ ଗାଁ ମୁହଁ ହୋଇଛନ୍ତି । ଗୋଟିଏ ଦିନରେ ଦୁଇଟି ଗାଁରେ ୩ ଟି ଘର ଭାଙ୍ଗି ଦେଇଛନ୍ତି , ଏହି ବଣୁଆ ହାତୀ ପଲ । ହାତୀପଲ ଗାଁ ମୁହାଁ ହୋଇଥିଲେ ମଧ୍ୟ ଏବେ କିନ୍ତୁ ଅଧିକ ନିର୍ଭୟ ହୋଇ ପଡିଛନ୍ତି । ଫଳରେ ସେମାନେ ଏବେ ଆଉ ଦିନବେଳା ଲୁଚି ରହି ରାତ୍ରୀରେ ବାହାରୁ ନାହାଁନ୍ତି । ବଂର ଏବେ ନିର୍ଭୟ ହୋଇ ଦିନ ବେଳା ମଧ୍ୟ ବହାରି ଉତ୍ପାତ କରୁଛନ୍ତି । ଜିଲ୍ଲାର ତେଲକୋଇ ରେଞ୍ଜ ଅନ୍ତର୍ଗତ ବିମଳା ଫରେଷ୍ଟ ବିଟ୍‌ରେ ଏକ ୧୪ ଟିକିଆ ହାତୀପଲ ଙ୍କ ଉତ୍ପାତ ଲାଗି ରହିଛି । ଗତକାଲି ବିଳମ୍ବିତ ରାତ୍ରୀରେ କରମଙ୍ଗୀ ପଂଚାୟତ ର କାନ୍ତଲସୁଆଁ ଗାଁ ର ବଲାଙ୍ଗୀ ସାହୀର ବୁଧ ମୁଣ୍ଡାଙ୍କ ଘରର କାନ୍ଥ ସଂପୁର୍ଣ୍ଣ ଭାଙ୍ଗି ଦେଇ ସଂଚିତ ଧାନ ଖାଇ ଯାଇଥିଲେ । ଏପରିକି ଘରେ ଭାତ ହାଣ୍ଡିରେ ଥିବା ଭାତ ମଧ୍ୟ ଖାଇଗଲେ । ସେ ସମୟରେ ଘରେ ଶୋଇଥିବା ଚାରିଜଣ ଛୋଟ ପିଲା ଅଳ୍ପକେ ହାତୀ ହବୁଡରୁ ବର୍ତି ଯାଇଥିଲେ । ଘରର କାନ୍ଥ ପଡିଯିବା ପରେ ହାତୀ ଶୁଣ୍ଢ ବଢାଇ ପିଲାମାନଙ୍କୁ ଟାଣିବାକୁ ଉଦ୍ୟମ କରୁଥିବା ବେଳେ ଛୋଟ ଛୋଟ ପିଲାମାନେ ଏକତ୍ର କାନ୍ଥ ଗୋଟିଏ କଣରେ ଜାକି ଜୁକି ହୋଇ ଛପି ଯିବାରୁ ହାତୀ ପାଖରୁ ବଂଚି ଯାଇଥିଲେ । ସାହୀ ଲୋକମାନେ ପିଲାଙ୍କର ପାଟି ଶୁଣି ନିଆଁ ହୁଳା ସାହାର୍ଯ୍ୟରେ ହାତୀପଲଙ୍କୁ ଘଉଡାଇ ଦେଇଥିଲେ । ତାପରେ ହାତୀପଲ ସେଠାରୁ ମାତ୍ର ଅଳ୍ପ ଦୂର ଗୋପାଳ ମାଝିଙ୍କ ଘରକୁ ଭାଙ୍ଗି ଥିଲେ । ଅନ୍ୟପଟେ ଏକ ୭ ଟିକିଆ ହାତୀପଲ ବିମଳା ଫରେଷ୍ଟ ବିଟ୍ ଆକୁଳ ପଂଚାୟତ ର ମଲଣ୍ଡା ଗାଁରେ ପଶି ବହୁତ ଉତ୍ପାତ କରିଥିଲେ । ଗାଁର ନେତ୍ରାନନ୍ଦ ମହାନ୍ତ ଙ୍କ ଘରର ପଛ ପାଖ କାନ୍ଥ କୁ ସଂପୁର୍ଣ୍ଣ ଭାଙ୍ଗି ବସ୍ତାରେ ସଂଚିତ ସମସ୍ତ ଧାନ ଖାଇ ଯାଇଥିଲେ । ଏପରିକଘରର କାନ୍ଥ ପଡି ଦୁଇ କୁକୁଡାଙ୍କର ମୃତ୍ୟୁ ହୋଇଥିବା ବେଳେ ଡେକ୍‌ଚି, ହାଣ୍ଡି ସବୁ ମଧ୍ୟ ନଷ୍ଟ ହୋଇଯାଇଛି । ସମଗ୍ର ଅଂଚଳରେ ପତ୍ୟେକ ଦିନ ରାତ୍ରୀରେ ବିଦ୍ୟୁତ କାଟ ଯୋଗୁଁ ହତୀପଲଙ୍କୁ ସୁବିଧା ହେଉଥିବା ବେଳେ ଲୋକମାନେ ଘର ଭିତରେ ରହୁଥିଲେ ମଧ୍ୟ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହଛନ୍ତି । ବିଦ୍ୟୁତ କାଟ ଯୋଗୁଁ ଲୋକମାନେ ରାତ୍ରୀରେ ହାତୀ ପଲଙ୍କର ଯାତାୟାତ ତଥା ସେମାନଙ୍କର ଉପସ୍ଥିତ ସଂପର୍କରେ କିଛି ଜାଣି ପାରୁନଥିବା କହିଛନ୍ତି । ଏପରି କି ହାତୀ କବଳରୁ ଲୋକଙ୍କର ଧନ ଜୀବନକୁ ସୁରକ୍ଷା ଦେବାରେ ବନ ବିଭାଗ ମଧ୍ୟ ବିଫଳ ହୋଇଥିବା ଗାଁ ଲୋକମାନେ କହୁଛନ୍ତି ।

# ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ବୃକ୍ଷ ରୋପଣ



ବାସୁଦେବପୁର,୩/୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଂଚାୟତ ର ବାସନ୍ତୀ ପଡ଼ିଆ ବିଶ୍ୱେଶ୍ୱର ମହାଦେବ ମନ୍ଦିର ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ବରିଷ୍ଠ ଶିକ୍ଷାବିତ ଉପେନ୍ଦ୍ର ପ୍ରସାଦ ପାଢ଼ୀ, ଗୟାଧର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଯୁଧିଷ୍ଠିର ଧର,ଉପେନ୍ଦ୍ର ପ୍ରସାଦ ପରିଡ଼ା, ଦାଶରଥି ବାରିକ,ଆମ ଗାଁ ସାହିତ୍ୟ ପତ୍ରିକା ର ସମ୍ପାଦକ କବି ରତ୍ନାକର ପଣ୍ଡା ଓ ଅନ୍ୟାନ୍ୟ ସଦସ୍ୟ ଯୋଗ ଦେଇ ବୃକ୍ଷ ରୋପଣ କରିଥିଲେ । ଗୋଟିଏ ଗଛ ଗୋଟିଏ ଜୀବନ । ପରିବେଶ ର ସୁରକ୍ଷା ପ୍ରତ୍ୟେକ ମଣିଷର ଦାୟିତ୍ୱ ବୋଲି ସମସ୍ତେ ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବହୁ ଅନୁଷ୍ଠାନ ଓ ଜନସାଧାରଣ ପ୍ରଶଂସା କରିଥିଲେ ।

# ଭୁଷଳ ବ୍ରାହ୍ମଣ ସମାଜର ବରିଷ୍ଠ ନାଗରିକ ବୈଠକ

ଭୁବନ,୩/୧ (ନି.ପ୍ର): ଭୁବନ ବ୍ଲକ ଭୁଷଳ ଗ୍ରାମର ବ୍ରାହ୍ମଣ ସମାଜ ପକ୍ଷରୁ ବୟୋଜ୍ୟେଷ୍ଠ ନାଗରିକ ସମାଜର ବାର୍ଷିକ ବୈଠକ ଗ୍ରାମ ସନ୍ନିକଟ ବ୍ରାହ୍ମଣୀ ନଦୀ କୂଳସ୍ଥ ଝରଣେଶ୍ୱର ଶିବ ମନ୍ଦିର ନିକଟରେ କୋଭିଡ ନିୟମକୁ ପାଳନ କରି ଅନୁଷ୍ଠିତ ହୋଇଯାଇଛି । ସମାଜର ସଭାପତି ଅବସରପ୍ରାପ୍ତ ରାଜସ୍ୱ ନିରୀକ୍ଷକ ରମାକାନ୍ତ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ବୈଠକ ପ୍ରାରମ୍ଭରେ ସମାଜର ଦିବଙ୍ଗତ ସଦସ୍ୟଙ୍କ ସ୍ମୃତିଚାରଣ କରାଯାଇଥିଲା । ଏହି ସମାବେଶରେ ବ୍ରାହ୍ମଣ ସମାଜର ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ପଣ୍ଡା , ଗୋପୀନାଥ ମିଶ୍ର, ପ୍ରଫୁଲ୍ଲ ଦାଶ,ଗଗନ ବିହାରୀ ଦାଶ, ଅଶୋକ ଦାଶ,ବିଜୟ ପାଣିଗ୍ରାହୀ. ଅର୍ଜୁନ ପାଣିଗ୍ରାହୀ, ପ୍ରାଣବନ୍ଧୁ ମିଶ୍ର, ପୁରୁଷୋତମ ମିଶ୍ର ,ଅନନ୍ତ ପାଣିଗ୍ରାହୀ, ଲକ୍ଷ୍ମୀଧର ପଣ୍ଡା,ବିଷ୍ଣୁ ଚରଣ ଦାଶ, ହେମନ୍ତ ଦାଶ, ହିମାଂଶୁ ଶେଖର ପଣ୍ଡା, ଅଶ୍ୱିନୀ କୁମାର ଦାଶ, ପତିତ ପାବନ ଦାଶ , ଅନନ୍ତ ଶତପଥୀ,ଗୋଲେଖ ପାଣିଗ୍ରାହୀ ପ୍ରମୁଖ ନିଜ ଅନୁଭୂତିକୁ ଉପସ୍ଥାପନ କରିବା ସହ ପରସ୍ପର ମଧ୍ୟରେ ଭାବ ବିନିମୟ କରିଥିଲେ । ପ୍ରେମାନନ୍ଦ ଦାଶ, ରଞ୍ଜନ କୁମାର ଦାଶ,ଜନ୍ମେଜୟ ପଣ୍ଡା,ରାଜିବ ଲୋଚନ ମିଶ୍ର, ପ୍ରଦିପ୍ତ ପଣ୍ଡା, ଶ୍ରୀବତ୍ସ ପାଣିଗ୍ରାହୀ,କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ରଞ୍ଜନ କୁମାର ଦାଶ, ପ୍ରଶାନ୍ତ ପଣ୍ଡା,ପ୍ରେମାନନ୍ଦ ପାଣିଗ୍ରାହୀ ପ୍ରମୁଖ ବୈଠକର ସଫଳତାରେ ସହଯୋଗ କରିଥିଲେ । ବିଜୟ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଫିରିଙ୍ଗିଆ ବ୍ଲକରେ ଅନୁଷ୍ଠିତ ହେଲା ଚଳିତ ଅବଧିର ଶେଷ ସମିତି ବୈଠକ

କନ୍ଧମାଳ,୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ସଭାଗୃହ ଠାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ର ପାଂଚ ବର୍ଷର ଅବଧି ପୁରିବାକୁ ଯାଉଥିବା ବେଳେ ଶେଷ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଫିରିଙ୍ଗିଆ ଗୋଷ୍ଠୀଉନ୍ନୟନ ଅଧିକାରୀ ରଶ୍ମୀରଞ୍ଜନ ମହନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବେଠକ ରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ପଂଚାୟତ ସମିତି ଅଧକ୍ଷ ଲାଲନନ୍ଦ ପ୍ରଧାନ, ବ୍ଲକ ଉପାଧକ୍ଷା ସର୍ଣ୍ଣତା ଦିଗାଳ , ଜିଲ୍ଲାପରିଷଦ ଉପାଧକ୍ଷା ସାରତି ମଲ୍ଲିକ , ଜିଲ୍ଲା ପରିଷଦ ସଭ୍ୟା ଜୟଶ୍ରୀ କହଁର , ସାଂସଦ ପ୍ରତିନିଧି ବିଷ୍ଣୁଚରଣ ମଲ୍ଲିକ ଉପସ୍ଥିତ ରହି ଗତ ପାଂଚ ବର୍ଷ ମଧ୍ୟରେ ପଂଚାୟତ ସମିତି ଫିରିଙ୍ଗିଆ ଆନୁକୂଲ୍ୟରେ ଉନ୍ନୟନ କାମ ଗୁଡିକର ସମିକ୍ଷା କରିଥିଲେ ।

# ଫିରିଙ୍ଗିଆ ଅଂଚଳରେ ଗରିବ ଲୋକଙ୍କୁ କମ୍ବଳ ବାଂଟିଲେ ଯୁବ ସମାଜସେବୀ

କନ୍ଧମାଳ,୩/୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଅଂଚଳରେ ଶୀତର ପ୍ରକୋପ ଜାରି ରହିଥିବାବେଳେ ଜିଲ୍ଲାର ଗ୍ରାମାଂଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି । ଗ୍ରାମାଂଚଳ ମାନଙ୍କରେ ଲୋକେ ଶୀତରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ଦିନ କାଟୁଥିବାବେଳେ ଅଧିକ ସମୟ ଧରି ନିଆଁ ପାଖରେ ବସିବାକୁ ପଡୁଛି । ବିଶେଷ କରି ବୁଢା ବୁଢି ଓ ନିରାଶ୍ରୟ ଲୋକମାନଙ୍କୁ ଏହି ଶୀତ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି । ଜିଲ୍ଲାରେ ନିଆଁ ପାଖରେ ରହିପାରି ହୋଇ ମଧ୍ୟ ଲୋକଙ୍କ ଜୀବନ ଯାଇଛି । ଏହି ପରିପେକ୍ଷିରେ ଏମିତି ଶୀତ ପାଇଁ ଅସୁବିଧାର ସମ୍ମୁଖିନ ହେଉଥିବା ପ୍ରାୟ ୨୦୦ ଜଣ ବୁଢାବୁଢି ଓ ନିରାଶ୍ରୟଙ୍କୁ କମ୍ବଳ ବଂଟନ କରିଛନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ର ଯୁବ ସମାଜସେବୀ ଚନ୍ଦ୍ରମୋହନ ନାଏକ । ଦୀର୍ଘ ୧୦ ବର୍ଷ ରୁ ଅଧିକ ସମୟ ଧରି ଶୀତ ଦିନ ଆସିଲେ ସେ ଗାଁ ଗାଁ ବୁଲି କମ୍ବଳ ବାଣ୍ଟି ଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ନିଜ ଆୟୋଜନରେ ୨୦୦ ଜଣଙ୍କୁ କମ୍ବଳ ବାଂଟିଛନ୍ତି । ଅନ୍ୟପଟେ ଚନ୍ଦ୍ରମୋହନ ନାଏକ ଫିରିଙ୍ଗିଆ ଅଂଚଳ ରେ କୁନା ଭାଇ ନାମରେ ପରିଚିତ ଥିବା ବେଳେ ବର୍ତମାନ ସେ ଫିରିଙ୍ଗିଆ ବ୍ଲକ ପାଣକୂଳ ସମାଜର ବ୍ଲକ ସଭାପତି ମଧ୍ୟ ଅଛନ୍ତି । କିଛିଦିନ ତଳେ ସେ ଦୁଇଜଣ ପ୍ରେମି ଯୁଗଳଙ୍କୁ ଆତ୍ମହତ୍ୟା ଉଦ୍ୟମରୁ ନିବୃତ କରିବା ସହିତ ସେମାନଙ୍କୁ ବୁଝାସୁଝା କରି ଫିରିଙ୍ଗିଆ ଠାରେ ଥିବା ମା ପିତାବଳୀ ମନ୍ଦିରରେ ବିବାହ କରେଇ ସେମାନଙ୍କୁ ଥଇଥାନ କରାଇ ସାରା କନ୍ଧମାଳ ଜିଲ୍ଲା ରେ ଚର୍ଚ୍ଚାକୁ ଆସିଥିଲେ । ଏହାସହ ବାଲ୍ୟବିବାହ ରୋକିବା ଓ ଅଂଚଳରୁ ଦାଦନ ଚାଲାଣ ସହ ଅଂଚଳ ରେ କାମ କରୁଥିବା ଦଳିତ ଶ୍ରମିକ ମାନଙ୍କ ହକ ପାଇଁ ପ୍ରଶାସନ ସାଙ୍ଗରେ ଲଢେଇ କରି ବେସ ଚର୍ଚ୍ଚିତ ମଧ୍ୟ ହୋଇଛନ୍ତି । ତେବେ ଚନ୍ଦ୍ର ମୋହନଙ୍କ ଏଭଳି ଜନ ହିତକର କାର୍ଯ୍ୟ ଓ ସମାଜସେବା ପାଇଁ ଫିରିଙ୍ଗିଆ ଅଂଚଳ ବାସୀ ତାଙ୍କୁ ସାଧୁବାଦ ଜଣେଇବା ସହ ତାଙ୍କ କାର୍ଯ୍ୟକୁ ପ୍ରଶଂଶା କରିଛନ୍ତି । ତେବେ ଗତ ତିନିଦିନ ଧରି ସେ ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟର ଘାଟିସାହି, ଘାଇସାହି, ସୁନାକାଢୁ, ବୁଢାକାମ୍ବା, ଡିମିରିଗୁଡା ,ଡିଣ୍ଡିରାଗାଁ ଭଳି ପାଖ ଆଖର ଥିବା ଗାଁ ଗାଁ ବୁଲି ବୁଢାବୁଢି ଓ ନିରାଶ୍ରୟମାନଙ୍କୁ କମ୍ବଳ ବାଂଟିଥିବାବେଳେ ତାଙ୍କୁ ଏହି କାମରେ ଫିରିଙ୍ଗିଆ ଅଂଚଳର କିଛି ସମ୍ବାଦିକ ଙ୍କ ସହ ଟିମ ବିପଦର ବନ୍ଧୁ ସହଯୋଗ ର ହାତ ବଢେଇଛନ୍ତି ।

# ବୃକ୍କ ଶୋଥର ଉପଚାର



**"ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ଓ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତ କରି ଅଦରକାରୀ ହାଇଡ୍ରୋଜେନ୍, ଆମୋନିୟମ୍, ପଟାସିୟମ, ୟୁରିଆ ଓ କ୍ରିଏଟିନିନ୍‌କୁ ବାହାରକୁ ବାହାର କରିଦେବା ଏବଂ ହରମୋନ ଦ୍ୱାରା ରକ୍ତର ପ୍ରୋଟିନ ଅଂଶକୁ ଠିକ୍ ରଖିଥାଏ ।"**

ବୃକ୍କ ଆମ ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ରକ୍ତରୁ ବିଷାକ୍ତ ଦୂଷିତ ପଦାର୍ଥ, ଅଦରକାରୀ ଜଳୀୟାଂଶ, ଧାତବ ଲବଣ ଛାଣି ମୂତ୍ର ସହ ମୂତ୍ରଦ୍ୱାର ଦେଇ ବାହାରିଯାଏ । ତତ୍ ସଙ୍ଗେ ସଙ୍ଗେ ରକ୍ତର ସାନ୍ଦ୍ରତା, ରକ୍ତଚାପ ଯୌଗିକକୁ ଠିକ୍ ରଖିବା ସହ ରକ୍ତକଣିକା ନିର୍ମାଣ, ଭିଟାମିନ୍ 'ସି'କୁ କାର୍ଯ୍ୟରେ ଲଗାଇବାରେ ମୁଖ୍ୟ ଭୂମିକା ଗ୍ରହଣକରେ ।

ଏହି ଅଙ୍ଗ ଦ୍ୱୟ ଆମ ଶରୀରର ଉଦରଗୁହା ମଧ୍ୟରେ ଓ ଉଦର୍ଯ୍ୟାବରଣ କଳାର ପଶ୍ଚାତ୍ ଭାଗରେ ଡାହାଣପଟ ଯକୃତ ତଳ ପାର୍ଶ୍ୱରେ ଓ ବାମର ଟିକିଏ ଉପରକୁ ବକ୍ଷକଶେରୁକା(T-12) ଓ କଟି କଶେରୁକା (L3) ମଧ୍ୟରେ ଥିବାର ଶିମ୍ୱମଞ୍ଜି ସଦୃଶ ରେଟ୍ରୋପେରିଟୋନିଆଲ ଗହ୍ୱରରେ ବୟସ୍କମାନଙ୍କ ୧୧ସେ.ମି ବା ୪.୩ ଇଞ୍ଚ ଲମ୍ୱର ଅଙ୍ଗ ଦ୍ୱୟ ଅବସ୍ଥିତ ।



ଏହା ବୃକ୍କୀୟ ଧମନୀରୁ ରକ୍ତ ଗ୍ରହଣକରି ବୃକକୀୟ ଶିରା ମାଧ୍ୟମରେ ରକ୍ତ ନିଷ୍କାସିତ ହୋଇ ମହାଧମନୀରେ ପଡ଼ିଥାଏ । ଏହି ବୃକ୍କ ଦ୍ୱୟର ଉପରିସ୍ଥ ଭାଗରେ ଉପବୃକ୍କ ଅନ୍ତସ୍ରାବୀ ଗ୍ରନ୍ଥି ରହିଥାଏ । ଏହି ବୃକ୍କ ସହ ବୃକକୀୟ ନଳୀ, ମୂତ୍ରାଶୟ ଓ ମୂତ୍ରଦ୍ୱାର ସହ ସଂଯୁକ୍ତ ହୋଇ ମୂତ୍ର ମହିଃ ନିଷ୍କାସନ ହୋଇଥାଏ । ବୃକ୍କରେ ଥିବା ଏକ କୋଟିରୁ ଉର୍ଦ୍ଧ୍ୱ ବୃକ୍କ କୋଷ ବା ନେଫ୍ରୋନ୍‌ର କାର୍ଯ୍ୟ ବିଷାକ୍ତ ଅଦରକାରୀ ପଦାର୍ଥକୁ ଛାଣି ପରିସ୍ରା ଦେଇ ବାହାର କରିବା ସହ ଶରୀରର ଦରକାରୀ ବସ୍ତୁକୁ ଶୋଷିତ କରିବା, ରକ୍ତର ଜଳୀୟାଂଶ ସାନ୍ଦ୍ରତାକୁ ରକ୍ଷା କରିବା, କ୍ଷାରାମ୍ଳ ଓ ଇଲେକ୍ଟ୍ରୋଲାଇଟ୍‌ର ସମନ୍ୱୟ ରକ୍ଷାକରିବା, ଗ୍ଲୁକୋଜ ଏବଂ ଏମିନୋ ଏସିଡ୍ ଇତ୍ୟାଦି ଦରକାରୀ ଦ୍ରବଣୀୟକୁ ଶୋଷିତ କରି ଅଦରକାରୀ ହାଇଡ୍ରୋଜେନ, ଆମୋନିୟମ, ପଟାସିୟମ, ୟୁରିଆ ଓ କ୍ରିଏଟିନ୍‌କୁ ବାହାରକୁ ବାହାର କରିଦେବା ଏବଂ ହରମୋନ ଦ୍ୱାରା ରକ୍ତର ପ୍ରୋଟି ଅଂଶକୁ ଠିକ୍ ରଖିଥାଏ ।

***ଶୋଥର ମୁଖ୍ୟ କାରଣ-***

ଚାଷରେ ବିଷାକ୍ତ କୀଟନାଶକ ସିଞ୍ଚନ ଓ ରାସାୟନିକ ସାରର ବହୁଳ ବ୍ୟବହାର, ପାଣିରେ ଟିଡିଏସ୍ ମାତ୍ରା ଅଧିକ ଥିଲେ, ଉଚ୍ଚ ରକ୍ତଚାପ, ଅନିୟନ୍ତ୍ରିତ ମଧୁମେହ, ମଦ୍ୟପାନ, ଅଧିକ ଯନ୍ତ୍ରଣା ନିବାରକ ଔଷଧ ସେବନ, ରାତି ଅନିଦ୍ରା, ଅଧିକ ପ୍ରୋଟିନ ଓ ଭିଟାମିନ୍ ଖାଦ୍ୟ ଖାଇଲେ, ସ୍ପିରିଟ ମିଶ୍ରିତ ଔଷଧ ପିଲାଟିବେଲୁ ବ୍ୟବହାରକଲେ, ମାନସିକ ଚିନ୍ତା, ଅବସାଦ, ମୂତ୍ର ବେଗାବରୋଧ, ଅତ୍ୟଧିକ ମାତ୍ରାରେ ଲୁଣ, ମିଠା ସେବନ, କମ୍ ପାଣି ପିଇଲେ, ପାଣିରେ ଅର୍ସେନିକ ମାତ୍ରା ରହିଲେ, ଫାଷ୍ଟଫୁଡ୍, ଜଙ୍କ୍ ଫୁଡ୍, ଥଣ୍ଡାପାନୀୟ, ରାସାୟନିକ ରଙ୍ଗ ବୋଳା ମିଠା ଓ ଅନ୍ୟାନ୍ୟ ଖାଦ୍ୟ ସେବନ ଯୋଗୁ ହୋଇଥାଏ ।

***ଲକ୍ଷଣ-ଫେଣଯୁକ୍ତ-***

ପରିସ୍ରା, ଥକ୍କା ଲାଗିବା, ଦୁର୍ବଳତା, ନିଦ୍ରାହୀନତା, ପୃଥୁଳତା, ଘୁଙ୍ଗୁଡ଼ି ମାରି ନିଃଶ୍ୱାସ ଅଟକିଲା ପରି ବୋଧ, ଅଳ୍ପ ଚାଲିଲେ ବା କାର୍ଯ୍ୟ କଲେ ଶ୍ୱାସ ବଳେଇବା, ତ୍ୱଚା ଶୁଷ୍କତା ମୂତ୍ରକୃଚ୍ଛ୍ର, ରକ୍ତ ମୂତ୍ର, ଆଖିପତା ଫୁଲିବା ଓ ଚତୁଃପାର୍ଶ୍ୱରେ କଳାଦାଗ ଆସିବା, କହୁଣି, ପାଦ ଫୁଲା ସହ ହୃଦରୋଗ, ଯକୃତରୋଗ ଓ ପୁରାତନ ଗୋଡ଼ ଶିରା ଯନ୍ତ୍ରଣା, ଭୋକ ନ ଲାଗିବା, ବମନ ଭାବ, ଅରୁଚି, କ୍ୟାଲସିୟମ ଓ ଫସ୍‌ଫରସ୍ ଅଭାବରୁ ମାଂସପେଶୀ ଟାଣିହେବା ଇତ୍ୟାଦି ଲକ୍ଷଣ ଦେଖିବାକୁ ମିଳେ ।

**ଚିକିତ୍ସା-**

ରୋଗୀ ପ୍ରଥମେ ପ୍ରୋଟିନ ଜାତୀୟ ଖାଦ୍ୟ, ଫଳ, ଲୁଣ, ତେଲ, ମିଠା ଜାତୀୟ ଖାଦ୍ୟ ସେବନରୁ ବିରତ ହେବେ । ଦୈନିକ ଦୁଇଲିଟର ବା ଛଅରୁ ଆଠଗ୍ଲାସ ପାଣି ପିଇ ସେଇ ଅନୁଯାୟୀ କେତେ ପରିସ୍ରା ହେଉଛି ତାର ବିବରଣୀ ସାରଣୀ ଲେଖିବେ । ଡାକ୍ତରଙ୍କ ପରାମର୍ଶାନୁଯାୟୀ କିଡ୍‌ନୀ ପ୍ରୋଫାଇଲ, ଲିପିଡ୍ ପ୍ରୋଫାଇଲ, ମୂତ୍ର ପରୀକ୍ଷା, କଲଚର, ବୃକ୍କ ଅଲଟ୍ରାସାଉଣ୍ଡ ଇତ୍ୟାଦି ପରୀକ୍ଷା କରାଇ ଔଷଧ ସେବନ କଲେ ରୋଗୀ ଖୁବ୍‌ଶୀଘ୍ର ଆରୋଗ୍ୟ ଲାଭ କରିବେ । ବୃକ୍କ କୋଷକୁ ସୁସ୍ଥ ସବଳ କରେ 'ଶ୍ୱେତ ପୁନର୍ନବା' । ଏହା ବାଡିଅଁଳା ସ୍ୱରସ ସହ ଦୈନିକ ସକାଳେ ଖାଇବା ପୂର୍ବରୁ ଖାଇଲେ ମୃତବତ୍ କୋଷକୁ ଜୀବନ ପ୍ରଦାନ କରେ ।

# ସୁନିଦ୍ରାର ସହଜ ଉପାୟ

ଦିନତମାମ ପରିଶ୍ରମ ପରେ ଆମେ ରାତିରେ ଭଲରେ ଶୋଇବା ନିହାତି ଜରୁରୀ । ଏହାଦ୍ୱାରା ମନ ପ୍ରଫୁଲ୍ଲ ରହିବା ସହ ପରଦିନର କାମ ସହଜରେ ସମାପନ କରିହୁଏ । ତେବେ ଭଲ ନିଦ ଆସିବା ବା ସୁନିଦ୍ରା ହେବା ଏତେ ସହଜ କଥା ନୁହେଁ । ଏଥିପାଇଁ ବେଡ଼ରୁମ୍‌ର ପରିବେଶ ଶାନ୍ତ ରହିବା ସହ ମନ ଟେନ୍‌ସନ୍ ଫ୍ରି ରହିବା ଆବଶ୍ୟକ । ଅନ୍ୟପକ୍ଷରେ ରାତିରେ ହାଲୁକା ଖାଦ୍ୟ ଖାଇଲେ ଭଲ ନିଦ ହୋଇଥାଏ । ଏହି ତାଲିକାରେ ଏବେ ଆଉ ଏକ କଥାକୁ ସାମିଲ କରାଯାଇଛି । ୟୁନିଭର୍ସିଟି ଅଫ୍ ଓ୍ୱାଶିଂଟନ୍‌ର ଖାଦ୍ୟବିଜ୍ଞାନୀ ଏପରି ଏକ ଉପାୟ ଲୋକଲୋଚନକୁ ଆଣିଛନ୍ତି, ଯାହାକୁ ଅନୁସରଣ



କରି ଭଲ ନିଦ ହୋଇଥାଏ ବୋଲି ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି । ତାହା ହେଲା ଜୁସ୍ । ଅର୍ଥାତ୍ ଜୁସ୍ ପିଇଲେ ସୁନିଦ୍ରା ହୋଇଥାଏ । ବିଶେଷ ଭାବରେ ଚେରି ଜୁସ୍ ଦିନକୁ ଦୁଇ ଥର (ସକାଳ, ସନ୍ଧ୍ୟା) ପିଇବା ଦ୍ୱାରା ଭଲ ନିଦ ହୋଇଥାଏ ବୋଲି ସେମାନେ ପ୍ରକାଶ କରିଛନ୍ତି ।

# ଭିଟାମିନ୍ 'ଡି' ଓ ଡାଇବେଟିସ୍



ଆମେ ସୁସ୍ଥ ରହିବା ପଛରେ ଭିଟାମିନ୍‌ଯୁକ୍ତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶରୀରରେ ଭିଟାମିନ୍‌ର ଅଭାବ ପରିଲକ୍ଷିତ ହେଲେ କେତେକ ରୋଗ ସୃଷ୍ଟି ହୋଇଥାଏ । ଆମ ଶରୀରରେ ଭିଟାମିନ୍-'ଡି' ସନ୍ତୁଳିତ ରହିବା ନିହାତି ଜରୁରୀ । ନହେଲେ ଓଷ୍ଟିଓପୋରିସିସ, ପ୍ରୋଷ୍ଟେଟ୍ କ୍ୟାନ୍‌ସର, ବ୍ରେଷ୍ଟ କ୍ୟାନ୍‌ସର ପରି ସମସ୍ୟା ଦେଖାଦେବାର ଆଶଙ୍କା ରହିଛି । ଖାସ୍ କଥା ହେଲା ଏହି ଭିଟାମିନ୍ ଅଭାବ ଡାଇବେଟିସକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ । ସିଡ୍‌ନୀ ୟୁନିଭର୍ସିଟିର ବିଶେଷଜ୍ଞମାନେ 'ଭିଟାମିନ୍ 'ଡି' ଓ ଡାଇବେଟିସ୍' ଶୀର୍ଷକ ବିଷୟକୁ ନେଇ କରିଥିବା ଗବେଷଣାରୁ ଏକଥା ଜଣାପଡ଼ିଛି । କେବଳ ସେତିକି ନୁହେଁ, ଏହାର ଅଭାବରେ ଓଜନ ବଢ଼ିବାର ଆଶଙ୍କା ମଧ୍ୟ ରହିଛି । ଭିଟାମିନ୍ 'ଡି' ବ୍ୟତୀତ ଭିଟାମିନ୍- 'ଏ' ଅଭାବରେ ଦୃଷ୍ଟି ଶକ୍ତି ପ୍ରଭାବିତ ହୋଇଥାଏ । ବିଶେଷଭାବରେ ଛୋଟପିଲାଙ୍କଠାରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ । ଏକ ଆକଳନରୁ ଜଣାପଡ଼ିଛି ଯେ ଭିଟାମିନ୍- 'ଏ' ଅଭାବରୁ ପ୍ରାୟ ୩୩ ପ୍ରତିଶତ ପିଲା ଦୃଷ୍ଟିଶକ୍ତିଜନିତ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି ।

# ଡବଲ୍ ମଙ୍କ ସୁଜ୍



ମହିଳାଙ୍କ ଅପେକ୍ଷା ପୁରୁଷମାନଙ୍କ ପ୍ରସାଧନ ସାମଗ୍ରୀର ସୂଚୀ ଖୁବ୍ କମ୍ । ପୁରୁଷମାନେ ଷ୍ଟାଇଲିସ୍ ଦେଖାଯିବା ପାଇଁ ପୋଷାକ ସାଙ୍ଗକୁ ବେଲ୍ଟ ଓ ଜୋତା ଉପରେ ବିଶେଷ ଧ୍ୟାନ ଦିଅନ୍ତି । ପୁରୁଷମାନେ ଯଦି ବେଲ୍ଟ ଓ ଜୋତା ସମାନ ରଙ୍ଗର ପିନ୍ଧନ୍ତି ତେବେ ସେମାନେ ଅଧିକ ଷ୍ଟାଇଲିସ୍ ଲାଗନ୍ତି । ପୁରୁଷମାନେ ବିଭିନ୍ନ ଡିଜାଇନ୍‌ର ଜୋତାପିନ୍ଧନ୍ତି କିନ୍ତୁ ସେ ସବୁ ଭିତରୁ ଡବଲ୍ ମଙ୍ଗ ସୁଜର ଚାହିଦା ଅଧିକ । ଏହି ଡବଲ୍ ମଙ୍କ ସୁଜ୍‌ର ବିଶେଷତ୍ୱ ହେଉଛି, ଏହାକୁ ଆପଣ ଯେକୌଣସି ଆଉଟ୍‌ଫିଟ୍‌ରେ ପିନ୍ଧିପାରିବେ । ଫର୍ମାଲ ଡ୍ରେସ୍ ହେଉ ଅବା- ଇଣ୍ଡୋ- ଓ୍ୱେଷ୍ଟର୍ଣ୍ଣ ଏହି ଡବଲ ମଙ୍କ ଜୋତାକୁ ପିନ୍ଧି ଆପଣ ଆହୁରି ଅଧିକ ଷ୍ଟାଇଲିସ୍ ଦେଖାଯିବେ । କାରଣ ଆପଣଙ୍କ ଷ୍ଟାଇଲରୁ ହିଁ ଆପଣଙ୍କ ପର୍‌ସନାଲିଟି ଜଣାପଡ଼େ । ଏହି ଜୋତାରେ ଥାଏ ଦୁଇଟି ବେଲ୍ଟ ପରି ଫିତା ଯାହା ଫଳରେ ଜୋତା ଲେସ୍ ବାନ୍ଧିବାର ଟାଇମ୍ ଆପଣଙ୍କର ବଞ୍ଚିଯିବ । ତେବେ ଏହି ଜୋତାର ବିଭିନ୍ନ ଭରାଇଟି ଓ ବିଭିନ୍ନ କଲର ମଧ୍ୟ ଏବେ ବଜାରରେ ଉପଲବ୍ଧ ଅଛି । ଏ ଜୋତା ଅଲଗା ଅଲଗା ମ୍ୟାଟେରିଆଲର ମଧ୍ୟ ବାହାରିଲାଣି । ଏବେ ଲେଦର ଓ ସ୍ୱେଟ୍ ଡବଲ୍ ମଙ୍କ ସୁଜ୍‌କୁ ଯୁବ ବର୍ଗ ଅଧିକ ପସନ୍ଦ କରୁଛନ୍ତି । ବ୍ଲାକ୍, ବ୍ରାଉନ, ଟୋନ, ବରଗଂଣ୍ଡୀ ରଙ୍ଗର ଜୋତା ଉପଲବ୍ଧ ଅଛି । ତେବେ ଅଫିସ୍, କଲେଜ୍, ପାର୍ଟି ଫଙ୍କସନ୍‌ରେ ଆପଣ ଏହି ଜୋତା ପିନ୍ଧି ଅନ୍ୟମାନଙ୍କୁ ଆକ୍‌ଟ୍ରାକ୍ଟ କରିପାରିବେ ।

# ଶୈବପୀଠ ଓ ଗୌଡ଼ୀୟ ମଠ

ସହର ତଳକୁ ଲାଗିଥିବା ଗାଁଟିଏ । ଉତ୍ତର ପାଖେ ଗୌଡ଼ୀୟ ମଠ, ଚଳଚ୍ଚିତ୍ର ପ୍ରେକ୍ଷାଳୟ, ବିବାହ ମଣ୍ଡପ, ଦକ୍ଷିଣ ପାଖେ ଶିବ ମନ୍ଦିର, ଆଉ ପୂର୍ବ ଦିଗରେ ରହିଛି ଉଭୟ ପୂର୍ବତଟ ରେଳପଥ ଓ ପାଞ୍ଚ ନଂ ଜାତୀୟ ରାଜପଥ । ମଧ୍ୟଭାଗରେ ରହିଛି ଥାନପତି ଆଦିଦେବତା ରାଧାକାନ୍ତଙ୍କ ହରିହାଟ, ତାରିଣୀ ଓ ହନୁମାନ ମନ୍ଦିର । ଏହା ବ୍ୟତୀତ ଏଠାରେ ରହିଛି ସୁନାମୁହିଁ, ରାଇମଣୀ, ବଣଚଣ୍ଡୀ ଓ କାଳୀପୂଜା ପୀଠ । ରଜ, ରଥଯାତ୍ରା, ଜନ୍ମାଷ୍ଟମୀ, ରାଧାଷ୍ଟମୀ, କାଳୀପୂଜା, ହୋଲି, ହରିହାଟରେ ଅପେରା ପାର୍ଟି, ଶ୍ରୀପଞ୍ଚମୀରେ ବାଦିପାଲା, କାଳିପୂଜାରେ ଦାସକାଠିଆ ପରି ବାରମାସରେ ତେରପର୍ବ ଲାଗିରହିଥାଏ ଏଇ ଗାଁରେ । ଜାଗର ଅମାବାସ୍ୟାରେ ଏଠାରେ ଥିବା ବାଲୁକେଶ୍ୱର ଶୈବପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ସ୍ମରଣୀୟ କଥା ହେଉଛି ଏହି ଗାଁରେ ହୋଇଥିବା 'ସନାତନ ଧର୍ମ ସମ୍ମିଳନୀ'କୁ ପୂରିଛି ପଚିଶ ବର୍ଷ ।

## ବାଲୁକେଶ୍ୱର

ବାଲୁକେଶ୍ୱର ଶିବ ମନ୍ଦିରରେ ଘଣ୍ଟ ବାଜିଲେ ସାରା ମୂଳକର ଲୋକେ ତତ୍ପର ହୋଇଉଠନ୍ତି । ସକାଳ ଧୂପରୁ ସଞ୍ଜ ପହୁଡ଼ ଯାଏ ଶିବ ମନ୍ଦିରରେ ଲାଗିଥାଏ ଶ୍ରଦ୍ଧାଳୁଙ୍କ ଭିଡ଼ । ଏଠାକାର ସବୁଠୁ ବଡ଼ ପର୍ବ ହେଉଛି ଜାଗର ଅମାବାସ୍ୟା । ତିନି ବର୍ଷ ତଳେ ଆବାହକ ବଳିଆ ନନାଙ୍କ ନେତୃତ୍ୱରେ ମୁଖ୍ୟ ପୂରୋଧା ମୁରଲୀଧର ଦାଶ ଏବଂ ଯଜ୍ଞାଚାର୍ଯ୍ୟ ଧରଣୀଧର ପଣ୍ଡା, ଜଗନ୍ନାଥ ପଣ୍ଡା, ବିବେକାନନ୍ଦ ପଣ୍ଡା, ନୀଳମାଧବ ପଣ୍ଡା ପ୍ରମୁଖ ମହାଶିବରାତ୍ରୀ ଅବସରରେ ଆୟୋଜନ କରିଥିଲେ 'ବିଶ୍ୱଶାନ୍ତି ମହାଯଜ୍ଞ' ।

## କପାଳୀ ନଦୀ

ବର୍ଷାଦିନେ ଗାଁ ଦୋହରା ପାଣିରେ ଏହା ପୂର୍ଣ୍ଣଗର୍ଭା ହୁଏ । କିଛି ବାଟ ଆସିବା ପରେ ଏଇ ନଦୀଟିରୁ ଦୁଇଟି ଶାଖା ବାହାରିଛି । ନଦୀଟି ଏତେ ଅଙ୍କାବଙ୍କା ଯେ ଏପାରି ସେପାରିରେ ଥିବା ଗାଁକୁ ଯୋଡ଼ି ହେବାକୁ ଅତିକମ୍‌ରେ ଏ ଅଞ୍ଚଳରେ ଦଶଟି ସେତୁ ନିର୍ମାଣ ହେଇଛି ।

## ସନାତନ ଧର୍ମ ସମ୍ମିଳନୀ

୧୯୯୪ରେ ଏଇ ଗାଁରେ ଆୟୋଜିତ ହୋଇଥିଲା 'ସନାତନ ଧର୍ମ ସମ୍ମିଳନୀ' । ଆୟୋଜିତ ଶ୍ରୀ ଅଭିରାମ ପରମହଂସଦେବ ସତ୍‌ସଙ୍ଗ ପକ୍ଷରୁ ଗୌଡ଼ୀୟ, ଶ୍ରୀରାମକୃଷ୍ଣ, ଦିବ୍ୟଜୀବନ ସଂଘ, ନିଗମାନନ୍ଦ ପରମହଂସ, ଭାଗବତ ଆଶ୍ରମ, ବାୟାବାବା ଓ ଅରିଲୋ ଆଶ୍ରମ, ବୃନ୍ଦାବନ ଧାମ; ଏମିତି ଷୋହଳଟି ଆଶ୍ରମରୁ ସନ୍ନ୍ୟାସୀମାନଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଏହି ସମ୍ମିଳନୀରେ ଓଡ଼ିଶା ଓ ରାଜ୍ୟ ବାହାରୁ ଲକ୍ଷାଧିକ ଶିଷ୍ୟ ଯୋଗ ଦେଇଥିଲେ ।

### *ବାଦିପାଲା*

ଗାଁ ମଝିରେ ଅଛନ୍ତି ରାଇମଣୀ ଠାକୁରାଣୀ । ପ୍ରତ୍ୟହ ସକାଳେ ସଞ୍ଜେ ପୂଜା ପାଉଥିବା ଏଇ ଠାକୁରାଣୀଙ୍କର ବଡ଼ ପର୍ବ ହେଉଛି ଶ୍ରୀପଞ୍ଚମୀ । ଶ୍ରୀପଞ୍ଚମୀ ଅବସରରେ ଠାକୁରାଣୀଙ୍କ ପୀଠ ସମ୍ମୁଖରେ ଥିବା ପାଲାମଞ୍ଚରେ ବାଦିପାଲା ଅନୁଷ୍ଠିତ ହୋଇଥାଏ ।

### *କାଳୀପୂଜା*

ସନାତନ ଧର୍ମ ସମ୍ମିଳନୀ ପରେ ଏହି ଗାଁରେ ଚକ୍ରଧର ପଣ୍ଡା ନାମକ ଜଣେ ଯୁବକ ଆରମ୍ଭ କରିଥିଲେ ମା' କାଳୀଙ୍କ ଷୋଡ଼ଶ ଉପଚାର ପୂଜା । ବହୁ ଶ୍ରଦ୍ଧାଳୁ କାଳୀପୂଜା ସହ ଏଠାରେ ସାତ ଦିନଧରି ବସୁଥିବା ପୂଜାମେଳାରେ ଏକାଠି ହୋଇଥାନ୍ତି ।





### *ଗୌଡ଼ୀୟ ମଠ*

ରାମକୃଷ୍ଣପୁରରୁ ମାତ୍ର ପାଞ୍ଚ କି.ମି ଦୂରରେ ଅବସ୍ଥିତ ରାହାନ୍ଦିଆ ଗ୍ରାମରେ ଶ୍ରୀଚୈତନ୍ୟଙ୍କ ବିଶ୍ରାମ କ୍ଷେତ୍ର ଗୌଡ଼ୀୟ ମଠ । ଜନ୍ମାଷ୍ଟମୀ ଓ ରଥଯାତ୍ରା ସମୟରେ ଏହି ମନ୍ଦିରରେ ପାଳିତ ପର୍ବରେ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ ।

# ହୃଦୟ ପାଇଁ ଖୁବ୍ ଉପକାରୀ ଟମାଟୋ



ଘରେ ଗୁରୁଜନମାନେ ପରାମର୍ଶ ଦେଇଥାନ୍ତି ଯେ ଟମାଟୋ ଖାଇଲେ ରକ୍ତ ହେବ ଏବଂ ଗାଲ ଲାଲ ଦେଖାଯିବ । ଟମାଟୋ ବାଦରେ ଏହି ପାରମ୍ପରିକ ଜ୍ଞାନକୁ ଏବେ ବୈଜ୍ଞାନିକ ସ୍ୱୀକୃତି ମିଳିବାରେ ଲାଗିଛି । ଏବେ ଏହି ଉପକାରୀ ପରିବାର ଗୋଟିଏ ପରେ ଗୋଟିଏ ଔଷଧୀୟ ଗୁଣ ଲୋକଲୋଚନକୁ ଆସୁଛି । ଜଣେ ଭାରତୀୟ ବଂଶୋଦ୍ଭବ ଗବେଷକ ଏକ ନୂତନ ଗବେଷଣାର ଫଳାଫଳରେ ଜଣାଇଛନ୍ତି ଯେ ଟାମାଟୋର ମଞ୍ଜିରୁ ତିଆରି ରସ ଶରୀରର ରକ୍ତବାହୀ ଶିରା ଏବଂ ଧମନୀରେ ରକ୍ତ ପ୍ରବାହ ବାଧାମୁକ୍ତ ରଖିଥାଏ । ଫଳରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ଆଦିର ଆଶଙ୍କା ଅନେକାଂଶରେ କମିଯାଏ । ରକ୍ତବାହିନୀରେ ଅନେକ ସମୟରେ ଜମାଟ ବାନ୍ଧିଯାଇଥିବା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରିଥାଏ । ଫଳରେ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍ ପରି ସାଂଘାତିକ ରୋଗ ସବୁ ଦେଖାଦେଇଥାନ୍ତି । ଗବେଷକ ମାନଙ୍କ କହିବାନୁସାରେ ପରିସ୍ଥିତିରେ ଏସ୍ପିରିନ୍ ଅପେକ୍ଷା ଟାମାଟୋ ମଞ୍ଜି ରସ୍ ଖୁବ୍ ଉପଯୋଗୀ ହୋଇଥାଏ । ଏସ୍ପିରିନ୍ ସେବନ ଦ୍ୱାରା ଆଭ୍ୟନ୍ତରୀଣ ରକ୍ତସ୍ରାବର ଆଶଙ୍କା ବଢ଼ିଯାଇପାରେ । ଏ କ୍ଷେତ୍ରରେ ଟମାଟୋର ବ୍ୟବହାର ମାତ୍ର ୧୮ ଘ[ାରେ କାର୍ଯ୍ୟ ଆରମ୍ଭ କରିଦେବା ବେଳେ ଏସ୍ପିରିନ୍‌କୁ ୧୦ ଦିନ ଲାଗିଥାଏ । ଟମାଟୋ ଏବଂ ଏସ୍ପିରିନ୍ ଦୁଇଟିଯାକ ପ୍ଲେଟଲେଟ୍‌ସକୁ ନିୟନ୍ତ୍ରିତ କରନ୍ତି । ଧୂମପାନ, ରକ୍ତରେ କୋଲେଷ୍ଟେରଲ୍‌ର ଆଧିକ୍ୟତା ଏବଂ ଟେନ୍‌ସନ୍ ଯୋଗୁଁ ପ୍ଲେଟ ଲେଟ୍‌ସ୍‌ର ଆକାର ବଦଳିଯାଏ ଓ ରକ୍ତ ଜମାଟ ବାନ୍ଧିବା ଆଶଙ୍କା ବଢ଼ିଯାଏ ।

# ଲେଉଟିଆ ଶାଗ

ଲେଉଟିଆ ଶାଗ ସାଧାରଣତଃ ଖରାଦିନେ ଚାଷ କରାଯାଇଥାଏ । ଏଥିଲାଗି ୫ ଫୁଟ (୧.୫ମିଟର) ଲମ୍ବ ଓ ୪ ଫୁଟ (୧.୨୦ମିଟର) ଓସାରର ଛୋଟଛୋଟ ପଟାଳି କରି ତାର ଚାରିପଟେ ହୁଡ଼ା ଟେକି ଦିଅନ୍ତୁ । ମାଟିକୁ ହାଣି ଭଲଭାବରେ ଗୁଣ୍ଡକରି ଅନାବନା ଘାସ ସବୁ ବାଛି ପ୍ରତ୍ୟେକ ପଟାଳିରେ ଝୁଡ଼ିଏ ବା ଦୁଇ ଝୁଡ଼ି ଶୁଖିଲା ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ । ଏକରକୁ ୪ ରୁ ୬ କେଜି ମଞ୍ଜି ଯୋଗାଡ଼ କରନ୍ତୁ। ଶାଗ ମଞ୍ଜିଗୁଡ଼ିକ ଛୋଟଛୋଟ ହୋଇଥିବା ଯୋଗୁଁ କିଛି ରଗଡ଼ା ବାଲି ମିଶାଇ ଯତ୍ନ ସହକାରେ ପତଳା କରି ସବୁଆଡ଼େ ସମାନ ଭାବରେ ବୁଣନ୍ତୁ। ମଞ୍ଜି ବୁଣିବା ପରେ ମାଟିକୁ ଟିକିଏ ହାତରେ ଏପଟ ସେପଟ ଚଳାଇ ପଟାଳିକୁ ପାଳ ବା ନଡ଼ା ଦ୍ୱାରା ଘୋଡ଼ାଇ ପାଣି ଛିଞ୍ଚି ଦିଅନ୍ତୁ। ମଞ୍ଜି ଗଜା ହୋଇ ଆସିଲେ ନଡ଼ା ବାହାର କରି ଦିଅନ୍ତୁ। ତଳିଗୁଡ଼ିକ ୧୨-୧୫ ଦିନର ହୋଇଗଲେ ତାକୁ ନେଇ ଅନ୍ୟତ୍ର ରୋଇବାକୁ ପଡ଼େ। ରୋଇବା ସମୟରେ ଧାଡ଼ିକୁ ଧାଡ଼ି ୭୫ସେମି ଓ ଗଛକୁ ଗଛ ୩୦ ସେମି ବ୍ୟବଧାନ ରଖନ୍ତୁ। ନିୟମିତ ସାର ଦେଇ ପାଣି ମଡ଼ାଇଲେ ୪ମାସ ପର୍ଯ୍ୟନ୍ତ ଶାଗ କଟାଯାଇପାରିବ। ବୁଣିବାର ମାସକ ପରେ କାଟିବା ଆରମ୍ଭ ହୁଏ। ପରେ ପ୍ରତି ୧୫ଦିନ ଅନ୍ତରରେ କାଟିବାକୁ ପଡ଼ିଥାଏ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୪ ଜାନୁଆରୀ ୨୦୨୨, ମଙ୍ଗଳବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଓମିକ୍ରନ୍‌ର ଭାରିଆଣ୍ଟ...

ମହାମାରୀ କୋଭିଡ୍-୧୯ ଆରମ୍ଭ ହେବା ପରଠାରୁ ସମୟାନ୍ତରରେ ଏହାର ଯେତେ ଭାରିଆଂଟ ବାହାରିଛି, ଓମିକ୍ରନ ଭଳି ଅଦ୍ୟାବଧି କୌଣସିଟି ଆମେରିକା ହେଉ କି ଅନ୍ୟ ଯେ କୌଣସି ୟୁରୋପୀୟ ଦେଶ ବା ଭାରତରେ ଏତେ ଦ୍ରୁତ ଗତିରେ ବ୍ୟାପିଥିବା ଦେଖାଯାଇନଥିଲା। ଗତ ସପ୍ତାହରେ ଏହି ଭାରିଆଣ୍ଟର ପ୍ରସାର ଆମେରିକା ତା'ର ପୂର୍ବ ସପ୍ତାହ ତୁଳନାରେ ୬୦ ପ୍ରତିଶତ ଅଧିକ ପରଲକ୍ଷିତ କରିଥିଲା ବେଳେ ବ୍ରିଟେନ୍, ଡେନମାର୍କ, ଫ୍ରାନ୍ସ, ଗ୍ରୀସ୍, ଇଟାଲୀ, ପର୍ତ୍ତୁଗାଲ ଏବଂ ସ୍ପେନ୍ ଭଳି ସାତଗୋଟି ୟୁରୋପୀୟ ଦେଶ ମଧ୍ୟ ସମାନ ଅବସ୍ଥାକୁ ପ୍ରତ୍ୟକ୍ଷ କରିଛନ୍ତି। ଭାରତରେ ଏହି ଭାରିଆଂଟ ୨୨ଟି ରାଜ୍ୟରେ ବ୍ୟାପିଥିବାର ଖବର ପ୍ରକାଶ ପାଇଥିବାବେଳେ ସହସ୍ରାଧିକ ଲୋକ ଏଥିରେ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏସବୁ ଭିତରେ ଭାରତରେ ଏକ ସକରାତ୍ମକ କଥା ହେଉଛି, ବଡ଼ଦିନ ଓ ନୂଆବର୍ଷକୁ ଧୁମ୍‌ଧାମ୍‌ରେ ପାଳନ କରିବା ଉପରେ କଟକଣା ଜାରି କରାଯାଇ ଗୁରୁତର ବିପଦକୁ ଆମନ୍ତ୍ରଣ କରିବାକୁ ଅନେକାଂଶରେ ରୋକାଯାଇପାରୁଛି। କିନ୍ତୁ ଏଥିସହିତ ଅନ୍ୟ ଏକ ପ୍ରସଙ୍ଗ ମଧ୍ୟ ଦେଖାଯାଉଛି ଯେ ଅଧିକାଂଶ ଲୋକ ଏବେ ସୁଦ୍ଧା ସଂକ୍ରମଣରୁ ସୁରକ୍ଷିତ ରହିବା ପାଇଁ ଯେଉଁସବୁ କାର୍ଯ୍ୟ କରିବା ଉଚିତ୍, ଯଥା ମାସ୍କ ପରିଧାନ କରିବା, ସାମାଜିକ ଦୂରତା ରକ୍ଷା କରିବା ଇତ୍ୟାଦିକୁ ପାଳନ କରୁନାହାନ୍ତି। ଏଇ ମାତ୍ର ଦେଶର ଅର୍ଥନୀତି ଏକ କ୍ଷଣଭଙ୍ଗୁର ପୁନରୁଦ୍ଧାର ପଥରେ ପଥିକ ହୋଇଛି। ଯୋଗାଣ ଶୃଙ୍ଖଳାକୁ ବିସ୍ତାରିତ କରାଯାଇଛି, ମୁଦ୍ରାସ୍ଫୀତିର ହାର ଚିନ୍ତାଜନକ ରହିଛି ଏବଂ ଶ୍ରମିକ ସଙ୍କଟରୁ ଦେଶ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ବାହାରି ପାରୁନାହିଁ। ଏ ସମୟରେ ଯଦି ପୁଣି ଏସବୁ ଉପରେ କଡ଼ା କଟକଣା ଜାରି କରାଯାଏ, ତା'ହେଲେ ଯୋଗାଣ ଏବଂ ଚାହିଦାର ଶୃଙ୍ଖଳ ପୁଣିଥରେ ବ୍ୟାହତ ହେବ। ଉତ୍ପାଦନ କ୍ଷମତା ପ୍ରତିକୂଳ ଭାବରେ ପ୍ରଭାବିତ ହେବ ଏବଂ ଲୋକମାନେ ଅର୍ଥନୀତିକ କାର୍ଯ୍ୟକଳାପକୁ ଜାରି ରଖିବା ପାଇଁ କୁଣ୍ଠିତ ହେବେ, ବିଶେଷକରି ଯେଉଁ କ୍ଷେତ୍ରଗୁଡ଼ିକରେ ଲୋକମାନଙ୍କର ଉପସ୍ଥିତି ନିହାତି ଦରକାର। ବର୍ତ୍ତମାନ ସୁଦ୍ଧା ଅବଶ୍ୟ ସରକାର କୌଣସି କଥା ଉପରେ ପ୍ରତିବନ୍ଧକ ଜାରି କରିନାହାନ୍ତି, ତେବେ ପରିସ୍ଥିତି ଯଦି ବାଧ୍ୟକରେ, ତା'ହେଲେ ବାଧ୍ୟ ହୋଇ ସରକାରଙ୍କୁ କିଛି କଠୋର ନିଷ୍ପତ୍ତି ନେବାକୁ ପଡ଼ିବ। କଟକଣାର ଦୁର୍ଦ୍ଦଶାକୁ ଅଧିକ ଭୋଗୁଥିବା କ୍ଷେତ୍ରଗୁଡ଼ିକ ମଧ୍ୟରେ ପ୍ରଥମେ ଆସନ୍ତି ଯାତାୟାତ, ପର୍ଯ୍ୟଟନ ଏବଂ ଆତିଥେୟତା, ଯେଉଁମାନଙ୍କ ଅବସ୍ଥା ଅତି ଖରାପ ହୋଇଯାଇଛି ଏବଂ ସେମାନେ ସରକାରଙ୍କ ପକ୍ଷରୁ ଅତିରିକ୍ତ ସହାୟତାର ଅପେକ୍ଷା ରଖୁଛନ୍ତି। ବୈଜ୍ଞାନିକ ଅଧ୍ୟୟନଗୁଡ଼ିକ ଯେହେତୁ ସୂଚାଉଛି ଯେ ଓମିକ୍ରନ୍ ଦ୍ରୁତ ଗତିରେ ବ୍ୟାପିବାର ସମ୍ଭାବନା ବହନ କରୁଥିବାବେଳେ ମଣିଷକୁ ମୃତ୍ୟୁ ମୁଖକୁ ଟାଣିନେବା ଭଳି ଏହା ସେତେ ଭୟାନକ ନୁହେଁ, ତେଣୁ ଭାରତ ସମେତ ବିଶ୍ୱର ଅନ୍ୟାନ୍ୟ ରାଷ୍ଟ୍ରଗୁଡ଼ିକ ଅର୍ଥନୀତିକ କାର୍ଯ୍ୟକଳାପ ଉପରେ ପ୍ରତିବନ୍ଧକ ଜାରି କରିନାହାଁନ୍ତି। ଯୁକ୍ତରାଷ୍ଟ୍ର ଆମେରିକାରେ ଓମିକ୍ରନ୍ ଲକ୍ଷଣ ପ୍ରକାଶ ପାଉଥିବା ଲୋକମାନଙ୍କ କ୍ଷେତ୍ରରେ ସଙ୍ଗରୋଧରେ ରହିବାର ଅବଧିକୁ ଦଶ ଦିନରୁ ପାଂଚ ଦିନକୁ କମାଇ ଦେଇଛି ଏହାର ପ୍ରମୁଖ ସଂସ୍ଥା ସେଂଟର ଫର ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ୍ ପ୍ରିଭେନ୍‌ସନ୍ । ଅନ୍ୟାନ୍ୟ ଦେଶଗୁଡ଼ିକରେ ମଧ୍ୟ ସଙ୍ଗରୋଧ ନିର୍ଦ୍ଦେଶାବଳୀ ଗୁଡ଼ିକୁ ଟିକାର ଆବଶ୍ୟକୀୟ ଡୋଜ୍ ନେଇ ସାରିଥିବା ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ପରିବହନ ଇତ୍ୟାଦି ଭଳି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପାଇଁ କୋହଳ କରାଯାଇଛି। ଭାରତ ଭଳି ଉଦୀୟମାନ ଅର୍ଥନୀତିଗୁଡ଼ିକରେ ସରକାରମାନଙ୍କ ଏକା ସମୟରେ ଦୁଇଗୋଟି କାମ କରିବାକୁ ପଡ଼ିବ- ଓମିକ୍ରନ୍‌ର ସଂକ୍ରମଣକୁ ରୋକିବା ସହିତ ଅର୍ଥନୀତିକ କାର୍ଯ୍ୟକଳାପଗୁଡ଼ିକୁ ଚଳାଇ ରଖିବାକୁ ହେବ। ଅବସ୍ଥା ଅସମ୍ଭାଳ ନହେବା ପର୍ଯ୍ୟନ୍ତ କୌଣସି ରାଷ୍ଟ୍ର ୨୦୨୦ ମସିହାର ଲକ୍‌ଡାଉନ୍ ଭଳି ପରିସ୍ଥିତିକୁ ଆମନ୍ତ୍ରଣ କରିବାକୁ ଚାହିଁବେ ନାହିଁ। ସମ୍ପ୍ରତି ଭାରତର ଖାଉଟି ଭରସା ସୂଚକାଙ୍କ ପ୍ରାକ୍-ମହାମାରୀ ସ୍ତରଠାରୁ ଯଥେଷ୍ଟ ନିମ୍ନରେ ରହିଛି। ଏହି କ୍ଷେତ୍ରରେ ପୁନରୁଦ୍ଧାର ହାସଲ କରିବାକୁ ହେଲେ କେବଳ ଯେ ଅପ୍ରତିହତ ଭାବରେ ଉତ୍ପାଦକତାକୁ ବଜାୟ ରଖିବାକୁ ପଡ଼ିବ, ତାହା ନୁହେଁ, ବରଂ ସେଥି ସହିତ ସ୍ୱଚ୍ଛଳମାନଙ୍କୁ ସଙ୍ଗେ ତାଳ ଦେଇ ଅସ୍ୱଚ୍ଛଳମାନଙ୍କର ଅବସ୍ଥାରେ ଉନ୍ନତି ଘଟିବାର ଜରୁରୀ ଆବଶ୍ୟକତା ରହିଛି। କାମରେ ସଂକୁଚନ କରାଗଲେ ଶ୍ରମିକମାନେ ଅସନ୍ତୁଷ୍ଟ ହୋଇଥାନ୍ତି। ଯେଉଁସବୁ କଳ କାରଖାନା ବର୍ତ୍ତମାନ ପ୍ରାକ୍-ମହାମାରୀ ଅବସ୍ଥା ଭଳି ପୁରା ଦମରେ ସେମାନଙ୍କର କାର୍ଯ୍ୟକଳାପ ଚଳାଇ ରଖିଛନ୍ତି, ସେଗୁଡ଼ିକ ଉପରେ କିମ୍ୱା ସର୍ବସାଧାରଣ ପରିବହନ ଉପରେ ପ୍ରତିବନ୍ଧକ ଜାରି କରାଗଲେ ଉତ୍ପାଦନ କ୍ଷେତ୍ର ପ୍ରଭାବିତ ହେବା ସହିତ ଶ୍ରମିକମାନଙ୍କ ଉପାର୍ଜନ ଉପରେ ଘୋର ପ୍ରତିକୂଳ ପ୍ରଭାବ ପଡ଼ିବ, ଯାହା ନା ତ ସେମାନଙ୍କ ପରିବାରବର୍ଗଙ୍କ ପାଇଁ ନା ସରକାରଙ୍କ ପାଇଁ ସ୍ପୃହଣୀୟ।

## ଶାସ୍ତ୍ରୀୟ ଓ ବୈଜ୍ଞାନିକ ମାନ୍ୟତାରେ ଭାରତୀୟ ନବବର୍ଷ



ଅମୂଲ୍ୟ କୁମାର ପଣ୍ଡା

ବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି ନବବର୍ଷର ମୁହୂର୍ତ୍ତ ଗ୍ରହ-ନକ୍ଷେତ୍ରର ସଂଯୋଗ ସମୟକୁ ନେଇ କରାଯାଏ। ଏହିଦିନ ସୂର୍ଯ୍ୟ ମେଷ ରାଶିରେ ପ୍ରବେଶ କରନ୍ତି । ତେଣୁ ଏହାର ନାମ "ମେଷ ସଂକ୍ରାନ୍ତି"। "ନାରୟଣ ଜ୍ୟୋତିଷ" ହିସାବରେ ଏହି ସମୟ ନିରୂପଣ ହୋଇଥାଏ। ସୂର୍ଯ୍ୟ ବିଶ୍ୱର ପ୍ରତ୍ୟେକ ଭୂଖଣ୍ଡ ପାଇଁ ସମାନ। କେବଳ ଏତିକି ନୁହେଁ, ଯଦି ଆମେ ଚନ୍ଦ୍ରପୃଷ୍ଠ, ମଙ୍ଗଳପୃଷ୍ଠ ଏପରିକି ଶନି ଗ୍ରହର ପୃଷ୍ଠରୁ ବିଚାର କରିବା,ସେହି ସମାନ ମୁହୂର୍ତ୍ତ ଆସିବ। ସମ୍ପୂର୍ଣ ବିଶ୍ୱ ବ୍ରହ୍ମାଣ୍ଡ ପାଇଁ "ନବବର୍ଷ ମୁହୂର୍ତ୍ତ" ସମାନ। "ମେଷ ସଂକ୍ରାନ୍ତି"କୁ "ମହାବିଷୁବ ସଂକ୍ରାନ୍ତି" ମଧ କୁହାଯାଏ। କାରଣ ନାରୟଣ ମତରେ ସେହିଦିନ ସୂର୍ଯ୍ୟ ବିଷୁବରେଖା ଉପରେ ଅବସ୍ଥାନ କରନ୍ତି। ତେଣୁ ବିଷୁବ ସଂକ୍ରାନ୍ତିରେ ସମଗ୍ର ବିଶ୍ୱରେ ଦିବାରାତ୍ର ପରିମାଣ ସମାନ । ଏହାକୁ ନେଇ ଅନେକ ପ୍ରଶ୍ନ ମଧ ଉଠାଇଥାନ୍ତି। ନାରୟଣ ଗଣିତ ସହ ଅନ୍ୟ ଏକ ଗଣିତ ସାୟନ ଜ୍ୟୋତିଷ ରହିଛି। ଆଜିର ସମୟରେ ଏହି ଦୁଇ ଗଣିତରେ ଅନ୍ତର ୨୨ ଡ଼ିଗ୍ରୀ ୫୨ ମିନିଟ। ଯାହାକୁ ଜ୍ୟୋତିଷିକ ଭାଷାରେ ଅୟନଶଃ କୁହାଯାଏ। ୧ ଡ଼ିଗ୍ରୀ ପରିମାଣ ପ୍ରାୟ ୧ଦିନ ସହ ସମାନ। ଏପ୍ରିଲ-୧୪ ରୁ ଏହି ପରିମାଣ ବିୟୋଗ କଲେ ପାଇବେ ସାୟନ ସୂର୍ଯ୍ୟ । ବିଷୁବ ସଂକ୍ରମଣ ଦିବସ ଅର୍ଥାତ ମାର୍ଚ୍ଚ ୨୧/୨୨ । ଯେଉଁ ଦିବସରେ ଉଭୟ ଦିବାରାତ୍ରି ୧୨-୧୨ ଘଣ୍ଟା ହୁଏ । ଭାରତ ସରକାର ଏହି ମାର୍ଚ୍ଚ ୨୨/୨୩ ଦିନକୁ ନୂତନ ବର୍ଷ ରୂପେ ୧୯୫୭ ରୁ ଗ୍ରହଣ କରିଆସୁଛନ୍ତି । ଅଧିବର୍ଷ ଅର୍ଥାତ୍ ୩୬୬ ଦିନ ତଫାତ୍ ପାଇଁ ତାରିଖ କେବେ ମାର୍ଚ୍ଚ ୨୧/୨୨/୨୩ ହୋଇଯାଏ । ସମାନ ସମୟର ଦିନ-ରାତି ପଡିବାକୁ।ଭାରତରେ ୫୦୦୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହି ନବବର୍ଷର ଗଣନା ହୋଇ ଆସୁଛି। ବଡ ଦୁଃଖର କଥା ଆମେମାନେ ଏହାକୁ ଭାଗ ଭାଗ କରିଦେଇଥିବାରୁ ବିଶ୍ୱମାନ୍ୟତା ହରାଇ ବସିଛୁ। ଓଡ଼ିଶାରେ ଏହାକୁ ପଣା-ସଂକ୍ରାନ୍ତି (ଓଡ଼ିଆ ନବବର୍ଷ), ପଶ୍ଚିମ ବଙ୍ଗରେ ପହିଲି-ବୈଶାଖ (ବଙ୍ଗାଳି ନୂତନ ବର୍ଷ), ପଞ୍ଜାବରେ ବୈଶାଖୀ (ପଞ୍ଜାବୀ ନୂତନ ବର୍ଷ), ତାମିଲନାଡୁରେ ପୁଥୁବରୁଧାମ (ତାମିଲ ନୂଆ ବର୍ଷ) ଏହିଭଳି ଭାଗ ବାଣ୍ଟି ପାଳନ କରି ଆସୁଅଛନ୍ତି। ତେଣୁ ଏପ୍ରିଲ ମାସ ୧୪ ବିଶ୍ୱର ନୂତନ ବର୍ଷ । ଏହା ବିଜ୍ଞାନ ସମ୍ମତ। ଜାନୁଆରୀ ୧ ବିଜ୍ଞାନ ସମ୍ମତ ନୁହେଁ। ଅଥଚ ଆମେ ତାହାକୁ ନବବର୍ଷ ରୂପେ ପାଳନ କରି ଆସୁଛେ। ସାଧାରଣତଃ ତାରିଖ ହିସାବରେ ଆମେ ଜାନୁଆରୀ ରାତି ୧୨ ଟାରେ ନବବର୍ଷ ପାଳନ କରୁଛେ। ଆମେ ଯେତେବେଳେ ନୂଆବର୍ଷ ମନାଇଥାଉ, ସେତେବେଳେ ଜାପାନରେ ନୂଆବର୍ଷ ସାଢେ ତିନି ଘଣ୍ଟା ବିତିଯାଇଥାଏ। ଆମେରିକାରେ ସାଢେ ନଅ ଘଣ୍ଟା ବାକି ଥାଏ। ଇଂଲଣ୍ଡରେ ଚାରି ଘଣ୍ଟା ବାକି ଥାଏ । ଅର୍ଥାତ ବିଶ୍ୱର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ସମୟରେ ନବବର୍ଷର ପ୍ରାରମ୍ଭ ହୁଏ।

ତେବେ ହିନ୍ଦୁ ପରମ୍ପରା ଓ ଭାରତୀୟ ଶାସ୍ତ୍ର ଓ ସଂସ୍କୃତି ଅନୁସାରେ ଭାରତୀୟ ନୂଆବର୍ଷ ବିକ୍ରମ ସମ୍ୱତ ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦରରେ ପଡିଥାଏ। ଜାନୁଆରୀ ୧ ତାରିଖ ଓ ଆଉ ଏହି ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦର ମଧରେ ଫରକ କଣ ଅଛି ଆସନ୍ତୁ ଜାଣିବା । ଆମେ ଏହି ଚୈତ୍ର ଶୁକ୍ଳ ପ୍ରତିପଦର ଦିବସକୁ କାହିଁକି ପୂଣ୍ୟ ଦିବସ ତଥା ନୂତନ ବର୍ଷ ଭାବେ ପାଳନ କରିଥାଉ, ତାହାର ଆଧ୍ୟାତ୍ମିକ, ସାମାଜିକ, ଭୌଗୋଳିକ ଓ ବୈଜ୍ଞାନିକ ମାନ୍ୟତା ଅଛି । ଜାନୁଆରୀରେ ଏକରେ କ୍ୟାଲେଣ୍ଡର ବଦଳିଥାଏ କିନ୍ତୁ ନା ଋତୁ ବଦଳିଥାଏ ନା ମୌସୁମୀ, ନା ଫସଲ ନା କ୍ଷେତ, ନା ଗଛଲତାରେ ରଙ୍ଗ ଫଳ ଫୁଲ, ନା ସୂର୍ଯ୍ୟ, ଚନ୍ଦ୍ର ତାରା। ଜାନୁଆରୀ ଏକ ଆସିଲା ମାତ୍ରେ ସମସ୍ତେ ନବବର୍ଷର ଶୁଭେଚ୍ଛା ଆଉ ଅଭିନନ୍ଦନ ଦେବାରେ ଲାଗିପଡନ୍ତି, ସତେଯେମିତି ବହୁତ ବଡ ପର୍ବ ଅଟେ । ନୂଆ କେବଳ ଗୋଟିଏ ଦିନ ନୁହେଁ କିଛିଦିନ ତ ଅନୁଭବ ହେବା ଦରକାର । ସବୁପରେ ବି ଆମ ଦେଶ ତ ପର୍ବ ପର୍ବାଣୀର ଦେଶ ଅଟେ । ଖ୍ରୀଷ୍ଟିୟାନ ମାନଙ୍କର ନୂଆବର୍ଷ ଏକ ଜାନୁଆରୀକୁ ଆଉ ଆମ ଭାରତୀୟ ନୂଆବର୍ଷ ବିକ୍ରମ ସମ୍ୱତ ଅନୁସାରେ ଚୈତ୍ର ଶୁକ୍ଳ ପ୍ରତିପଦର ମଧରେ ତୁଳନାତ୍ମକ ପ୍ରଭେଦ ଥାଏ ସବୁ କ୍ଷେତ୍ରରେ। ଜାନୁଆରୀରେ ନୂଆ କ୍ୟାଲେଣ୍ଡର ଆସିଥାଏ କିନ୍ତୁ ଚୈତ୍ର ମାସରେ ନୂଆ ପଞ୍ଜିକା ବା ପଞ୍ଚାଙ୍ଗ ଆସିଥାଏ । ସେହି ପଞ୍ଜିକା ଅନୁସାରେ ସାରା ଭାରତରେ ଭାରତୀୟ ପର୍ବ, ବିବାହ, ଅନ୍ୟାନ୍ୟ ଶୁଭ ମହୁରତ ଦେଖାଯାଇଥାଏ । ଏହାବିନା ହିନ୍ଦୁ ସମାଜ ତାର ଜୀବନ ର କଳ୍ପନା ବି କରିନଥାଏ ସେତିକି ମହତ୍ତ୍ୱପୂର୍ଣ୍ଣ ଅଟେ ଏହି ପଞ୍ଜିକା ବା ପାଞ୍ଜି ବା ପଞ୍ଚାଙ୍ଗ । ୧ଜାନୁଆରୀ ର କୌଣସି ଐତିହାସିକ ମହତ୍ତ୍ୱ ନାହିଁ କିନ୍ତୁ ଚୈତ୍ର ଶୁକ୍ଳ ପ୍ରତିପଦା ଦିନ ମହାରାଜା ବିକ୍ରମାଦିତ୍ୟ ଦ୍ୱାରା ବିକ୍ରମ ସମ୍ୱତ ଆରମ୍ଭ, ଭଗବାନ ଝୁଲେଲାଲଙ୍କ ଜନ୍ମ, ନବରାତ୍ରୀ ପ୍ରାରମ୍ଭ, ବ୍ରହ୍ମାଙ୍କ ଦ୍ୱାରା ସୃଷ୍ଟି ରଚନା ଇତ୍ୟାଦି ର ସମ୍ୱନ୍ଧ ଏହି ଦିନରେ ଅଛି । ତେଣୁ ହିନ୍ଦୁ ପରମ୍ପରା ଓ ଭାରତୀୟ ଅନୁସାରେ ଆମର ନୂଆ ସମ୍ୱତ ହିଁ ନୂଆବର୍ଷ ଅଟେ । ଯେତେବେଳେ ବିଶ୍ୱବ୍ରହ୍ମାଣ୍ଡ ଠାରୁ ଆରମ୍ଭ କରି ସୂର୍ଯ୍ୟ, ଚନ୍ଦ୍ର, ଦିଗ, ମୌସୁମୀ, ଫସଲ, କକ୍ଷ, ନକ୍ଷତ୍ର, ବୃକ୍ଷରାଜି ର ନବ ପଲ୍ଲବିତ ପତ୍ର ପୁଷ୍ପ, କୃଷକ ର ନୂଆ ଫସଲ, ବିଦ୍ୟାର୍ଥୀ ମାନଙ୍କ ନୂଆ ଶ୍ରେଣୀ କୁ ଉତ୍ତୀର୍ଣ୍ଣ, ମଣିଷର ନୂଆ ରକ୍ତ ସଂଚାଳନ ଆଦି ପରିବର୍ତ୍ତନ ହୋଇଥାଏ ଯାହା ବିଜ୍ଞାନ ଆଧାରିତ ଅଟେ ।


ଅରଙ୍ଗାବାଦ, ବରୀ, ଯାଜପୁର

ମୋ: ୯୯୩୮୯୦୬୦୭୦


## ଦେଶ ସାଂପ୍ରଦାୟିକ ଫାସିବାଦ ଆଡକୁ ମୁହାଁଇଛି



ମାୟାଧର ନାୟକ

ଭାରତବର୍ଷର ନାଭିକେନ୍ଦ୍ରରେ ଆଜି କମ୍ପନ ! ଗଣତନ୍ତ୍ର ଆଜି ରକ୍ତାକ୍ତ ! ଯୁଦ୍ଧ, ସାମ୍ପ୍ରଦାୟିକ ଦଙ୍ଗା, ଦୁର୍ନୀତି, ଅନୀତି, ଧର୍ଷଣ, ଗଣହତ୍ୟା ଓ ବିକୃତିର ବର୍ବରତାରେ ଅତିଷ୍ଠ ଦେଶବାସୀଙ୍କ ଦୃଷ୍ଟିକୁ ଅନ୍ୟ ଆଡକୁ ନେଇ ଯିବା ପାଇଁ ଉନ୍ମାଦନା, ଉତେଜନା ସୃଷ୍ଟି କରିବା ସଂଗେ ସଂଗେ ଜନଗଣଙ୍କ ଅଧିକାରକୁ ପଣ୍ୟ କରିବା ପାଇଁ କଦର୍ଯ୍ୟ, କୁତ୍ସିତ ଚରିତ୍ର ସଂହାର, ବାକ୍‌ଚାତୁରୀ, ଉଦ୍ଦଣ୍ଡ ନାଚ, ଗଣମାଧମରେ ନକଲି ଚେହେରା ପ୍ରଦର୍ଶନ ଓ ମିଥ୍ୟା ପ୍ରଚାର କରି ଭୋଟଦାତାମାନଙ୍କ ମଧରେ ବିଭ୍ରାନ୍ତ, ବିଦ୍ୱେଷ ଓ ଦ୍ୱନ୍ଦ ସୃଷ୍ଟି କରାଯାଉଛି । ଅନେକ ବର୍ଷ ହେଲା ଶିଳ୍ପପତି, ରାଜନୈତିକ ନେତା, ଅପରାଧୀ ଓ ପ୍ରଶାସକଙ୍କ ଅଶୁଭ ମୈତ୍ରୀ ଗଢି ଉଠିଛି। ଯାହା ଫଳରେ ଅଳ୍ପ ସଂଖ୍ୟକ ଲୋକ ଲକ୍ଷପତିରୁ କୋଟିପତି ହେବାରେ ଲାଗିଛନ୍ତି । କୋଟି କୋଟି ମେହେନତି ଜନଗଣ ନାହିଁ ନଥିବା ଅଭାବରେ ହନ୍ତସନ୍ତ ହେଉଛନ୍ତି । କାମ ନାହିଁ, ଖାଦ୍ୟ ନାହିଁ, ଜମିରେ ଜଳ ନାହିଁ ଚାରିଆଡେ ନାହିଁ ନାହିଁର ନକ୍‌ସା ।

ଏବେ ରାଜନୀତି ଏକ ଲାଭଜନକ ବ୍ୟବସାୟରେ ପରିଣତ ହୋଇସାରିଛି । ନିର୍ବାଚନରେ ଦେଶବାସୀଙ୍କ ପାଇଁ କୌଣସି ଦଳର ବାସ୍ତବ ଆଭିମୁଖ୍ୟ ନାହିଁ । ଦଳମାନଙ୍କର ଇସ୍ତାହାରରେ ଯାହା ପ୍ରତିଶ୍ରୁତି ଦିଆଯାଇଛି – ସେ ସବୁ କେବଳ ପାଣିର ଗାର ।

ଭାରତବର୍ଷର ଜନସାଧାରଣ ଆଜି ଜଳକା ହୋଇ ଚାହିଁ ରହିଛନ୍ତି – ମାରି ନେଉଥିବା ମହାପାତ୍ରମାନେ ବସିଛନ୍ତି କ୍ଷମତାର ମସନଦ୍‌ରେ । ପ୍ରିୟାପ୍ରୀତି ତୋଷଣ ତ ସାଧାରଣ କଥା – ଲାଂଚ, ମିଛ ଦୁର୍ନୀତିକୁ ଆଶ୍ରୟ ଓ ପ୍ରଶୟ ଦେଇଚାଲିଥିବା ସାଂପ୍ରତିକ ରାଜନୈତିକ ବ୍ୟବସ୍ଥାରେ ହତ୍ୟା, ଗଣସଂହାର, ସାଂପ୍ରଦାୟିକ ଦଙ୍ଗା ଇତ୍ୟାଦି ପରିଣତ ହୋଇସାରିଲାଣି ଗୋଟିଏ ଗୋଟିଏ ସ୍ୱାଭାବିକ ଚଳଣିରେ ।

ଭାରତବର୍ଷର ରାଜନୀତିରେ ଆଜି ସତ୍ୟ ନାହିଁ, ସୌନ୍ଦର୍ଯ୍ୟ ନାହିଁ, ସୌରଭ ନାହିଁ - ନାହିଁ ଆଦର୍ଶ, ନାହିଁ ମୂଲ୍ୟବୋଧ । ସ୍ୱାଧୀନତା ପରବର୍ତୀ ପର୍ଯ୍ୟାୟରେ ରାଜନୀତି ହୋଇପଡିଛି ବୈଶ୍ୟ ବୃତି । ଯାହା ଥିଲା ଦିନେ ବ୍ରତ, ତାହା ଏବେ ହୋଇପଡିଛି ବୃତି ! ନେତୃତ୍ୱ କହିଲେ ଆମ ଆଖି ଆଗରେ ଯେଉଁ ବ୍ୟକ୍ତିତ୍ୱର ଝଲକ ଝଟକିଉଠେ, ଯେଉଁ ଭାବମୂର୍ତି ଫୁଟିଉଠେ – ସେ ନେତୃତ୍ୱ ଆଜିର ରାଜନୀତିରେ ଖୋଜି ପାଇବା କାଠିକର ପାଠ । ବରଂ ନକଲି ନେତୃତ୍ୱ ନିୟନ୍ତ୍ରଣାଧୀନ ସାଂପ୍ରତିକ ଭାରତୀୟ ରାଜନୀତି । ଏ ରାଜନୀତି ରକ୍ତପାତର ରାଜନୀତି, ଗୁଣ୍ଡାଗର୍ଦ୍ଦିର ରାଜନୀତି, କଳାଟଙ୍କାର ରାଜନୀତି, ନୀତିନୈତିକତାହୀନ ଶଠ-ଶେଠମାନଙ୍କର ରାଜନୀତି । ଏ ରାଜନୀତି ଜନସାଧାରଣଙ୍କୁ ଭୁଲାଏ, ଭଣ୍ଡାଏ, ଭୂଆଁ ବୁଲାଏ ବରାବର । ଏ ରାଜନୀତି ସ୍ୱବିରୋଧର ରାଜନୀତି – ଯେଉଁଠି ଗରିବକୁ ଭତା ନ ମିଳୁ ପଛେ ଧନୀକୁ ମିଳେ ନିଶ୍ଚିତ ନିରାପତା- ମୂଲିଆକୁ ମଜୁରି ନ ମିଳୁ ପଛେ ମୁନାଫାଖୋର୍ କଳାବଜାରୀକୁ ମିଳେ ନିରଙ୍କୁଶ ମର୍ଯ୍ୟାଦା ! ଭାରତବର୍ଷର ରାଜନୀତି ଆଜି ନକଲି ନେତା ଏବଂ ନିଷ୍ଠୁର ବଣିକବର୍ଗଙ୍କର ଗୋଟାଏ ଅସାଧୁ ମେଂଟ !

ଭାରତୀୟ ରାଜନୀତିରେ ଏକ ସମାନ୍ତରାଳ ଗଣତାନ୍ତ୍ରିକ ବିରୋଧୀ ଧାରାର ପରୀକ୍ଷା ନିରୀକ୍ଷା ବ୍ୟର୍ଥ ସାବ୍ୟସ୍ତ ହୋଇଆସିଛି ବରାବର । ଏଠି ବହୁ ଦଳ, ବହୁ ଧ୍ୱଜା, ବହୁ ଧ୍ୱନି - ଅଜସ୍ର ଚିହ୍ନ ବା ପ୍ରତୀକ – କିନ୍ତୁ ନିରେଖି ଦେଖିଲେ ପରସ୍ପର ସହିତ ଲଢାଲଢି ହେଉଥିବା ଏସବୁ ଦଳର ଚରିତ୍ର ସଂପୂର୍ଣ୍ଣ ସମାନ । ବିଭିନ୍ନ ସାଇନ୍-ବୋର୍ଡ ଝୁଲାଇ ରାଜନୀତିର ଗୋଟାଏ ବିରାଟ ବଜାର ବିଛାଇ ବସିଛନ୍ତି କ୍ଷମତା-ଦଲାଲ୍‌ମାନେ- ସମଗ୍ର ଭାରତବର୍ଷରେ ଚାଲିଛି କିଣାବିକାର ରାଜନୀତି, ଦୋକାନଦାରିର ରାଜନୀତି, ଚାନ୍ଦା ଭେଦାର ରାଜନୀତି, ଗୋଲକ ଧନ୍ଦାର ରାଜନୀତି । ଆଜି ଯିଏ ଶାସକ ଦଳରେ, କାଲି ତାକୁ ଦେଖିବାକୁ ମିଳୁଛି ବିରୋଧୀ ଦଳରେ - ଆଜି ଯିଏ ବିରୋଧୀ ଶିବିରରେ ଥାଇ ବଦ୍ଧମୁଷ୍ଟି ଉତୋଳନ କରୁଛି, କାଲି ସିଏ ହାତ ମିଳାଉଛି ଶାସକ ଦଳର କାର୍ପେଟ୍‌ଦାରମାନଙ୍କ ସହିତ । ଯେହେତୁ କୌଣସି ନିର୍ଦ୍ଦିଷ୍ଟ ଆଦର୍ଶ ନାହିଁ, ନିର୍ଦ୍ଧାରିତ ଦର୍ଶନ ବା ଦୃଷ୍ଟିଭଙ୍ଗୀ ନାହିଁ – ସେଇଥିପାଇଁ ଭାରତବର୍ଷର ଗଣତନ୍ତ୍ରରେ ବାରମ୍ବାର ପ୍ରତ୍ୟକ୍ଷ କରିବାକୁ ପଡୁଛି ଏ ପ୍ରହସନର ପର୍ବ! ଦଳବଦଳର ଦୃଷ୍ଟାନ୍ତ ସବୁ ଭାରତୀୟ ରାଜନୀତିରେ ଅତି ମାମୁଲି ଘଟଣା । କାହାକୁ ବିଶ୍ୱାସ କରିବା ? କାହା କଥାକୁ ବେଦର ଗାର ଭଳି ଗ୍ରହଣ କରିନେବା? ନା, ଆଜିର ଭାରତୀୟ ମୂଳଦୁଆ ଛିଡା ହୋଇଛି ଗୋଟାଏ ବିରାଟ ବିଶ୍ୱାସଭଙ୍ଗ ଉପରେ ! ରାଜନେତାମାନେ ବିଶ୍ୱାସଘାତକତା କରୁଛନ୍ତି ଜନଗଣଙ୍କ ପ୍ରତି, ରାଜନୈତିକ ଦଳମାନେ ଆଖିଠାର ମାରୁଛନ୍ତି ତମାମ୍ ଦେଶକୁ । ଯିଏ ଯେତେ ବେଶି ଦୁର୍ନୀତି କରି ଧନ ଠୁଳ କଲା, ସିଏ ବୋଲାଇଲା ସେତେବଡ ଛାମୁନେତା - ଯିଏ ଯେତେ ବେଶି ଗୁଣ୍ଡା ପୋଷି ପାରିଲା, ସିଏ ହେଲା ସେତେବଡ କରିତ୍‌କର୍ମା କାର୍ପେଟ୍‌ଦାର ! ଏଇ ହେଉଛି ଆଜିର ହାଲ୍‌ଚାଲ୍ ।

ପ୍ରିୟ ବଂଧୁଗଣ, ଆପଣମାନେ ଲକ୍ଷ୍ୟ କରନ୍ତୁ – ଏ ରାଜନୀତି କାହାର? ଏ ନେତାସବୁ କାହାର? ଏ ଶାସନ ଓ ପ୍ରଶାସନ କାହାର? ଆପଣମାନେ ଏ ପ୍ରଶ୍ନ ବାରମ୍ବାର ପଚାରନ୍ତୁ ସେମାନଙ୍କୁ – ଯେଉଁମାନେ କେବଳ ନିର୍ବାଚନ ବେଳେ ଆସି ମୁହଁ ଦେଖାନ୍ତି ଆପଣମାନଙ୍କ ଦୁଆରେ – ବଡ ବଡ କଥା କହନ୍ତି, ଭାଷଣବାଜି କରନ୍ତି, ମିଥ୍ୟା ଶପଥପାଠ କରନ୍ତି ବିନା ସଂକୋଚରେ । ଆମେ କ'ଣ ସେମାନଙ୍କୁ ବରଦାସ୍ତ କରିଚାଲିଥିବା ଏମିତି ସବୁଦିନେ? ନିଜେ ଭୁଖା ରହି ମାନି ନେଉଥିବା ସେମାନଙ୍କ କପଟପସାକୁ ? ମୁଖା ଖସାଇବା ନାହିଁ ସେମାନଙ୍କ ମୁହଁରୁ?

ଭାରତବର୍ଷ ଆଜି ଜ୍ୱଳନ୍ତ ଜତୁଗୃହ । ସବୁଠି ନିଆଁ ଲାଗିଚି – ସବୁଠି ନିଆଁ ଜଳୁଛି – ମଶାଣିରେ, ମନ୍ଦିରରେ, ମସ୍‌ଜିଦ୍‌ରେ, କଳ-କାରଖାନାରେ, କ୍ଷେତରେ, ଖାଦାନ୍‌ରେ, ଗାଆଁ ଗଣ୍ଡାରେ, ସହରରେ – ସବୁଠି ! ମଣିଷ ମନରେ ନିଆଁ ଲାଗିଛି - ନିଆଁ ଲାଗିଛି ପ୍ରବଂଚିତ ଜନତାର ସଂଚିତ ସ୍ୱପ୍ନରେ ! ଏ ନିଆଁ ଲିଭାଇବ କିଏ ?

ଯେଉଁମାନେ ଶୀତତାପ ନିୟନ୍ତ୍ରିତ କକ୍ଷରେ ବସି ଯୋଜନାର ଜାଲ ବୁଣନ୍ତି, ଯେଉଁମାନେ ସୌଖିନ୍ ଡ୍ରଇଂରୁମ୍‌ର ରେଶମୀ ପର୍ଦ୍ଦା ଅନ୍ତରାଳରେ ଥାଇ ବୌଦ୍ଧିକ ସଂଳାପ ଶୁଣାନ୍ତି ଯେଉଁମାନେ ମାର୍ବଲ ମହଲର କାଠ-କୋଠରୀରେ ଶୋଇ ହିସାବଫର୍ଦ୍ଦ ପଢନ୍ତି, ଯେଉଁମାନେ ନିଭୃତ ମନ୍ତ୍ରଣାକକ୍ଷରେ ରାଜନୀତିର ରୂପରେଖ ବଦଳାଇବାର ମସୁଧା କରନ୍ତି – ସେମାନେ ଲିଭାଇବେ ନାହିଁ ଏ ନିଆଁ ।

ଏ ନିଆଁ ଲିଭାଇବେ ଆପଣମାନେ । ଜନଜାଗରଣର ଏକ ନୂତନ ଅଧ୍ୟାୟ ଉନ୍ମୋଚିତ ହେଲେ ହିଁ ଭାରତବର୍ଷର ଭାଗ୍ୟ ବଦଳିବ – ଭବିଷ୍ୟତ ବଦଳିବ – ବ୍ୟବସ୍ଥା ବଦଳିବ – ବଦଳିବ ଏ ଉତପ୍ତ ଅବସ୍ଥା ।

ଆଜି ଭାରତବର୍ଷର–ଦିଗନ୍ତରେ ଘନୀଭୂତ ଅନ୍ଧକାର ରାତ୍ରି। ଯେଉଁଠି ଚାହିଁଲେ ବି କେବଳ ଗଦାଗଦା ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ! ଅସୁସ୍ଥ ରାଜନୀତି, ଦୁଃସ୍ଥ ଅର୍ଥନୀତି ପଙ୍ଗୁ କରିଦେଇଛି ଭାରତୀୟ ସମାଜ ବ୍ୟବସ୍ଥାକୁ । ଆମେ ସୀମାନ୍ତର ଶତ୍ରୁମାନଙ୍କୁ ସାମ୍ନା କରିପାରିଛୁ, ମାତ୍ର ଅନ୍ତରାଳର ଅରାତିମାନଙ୍କୁ ଚିହ୍ନି ବି ପାରିଲୁନାହିଁ ଏଯାବତ୍ । ଅସତ୍ ରାଜନେତା ଏବଂ ଅସାଧୁ ପୁଞ୍ଜିପତିମାନଙ୍କର ଅଶୁଭ ମୈତ୍ରୀ ଅଣନିଃଶ୍ୱାସୀ କରିସାରିଛି ଭାରତବର୍ଷକୁ – ଜନପ୍ରତିନିଧି ଭାବରେ ଆମେ ଯେଉଁମାନଙ୍କୁ ପଠାଉଛୁ ପାର୍ଲାମେଂଟକୁ, ସେମାନଙ୍କ ମଧରୁ ଅଧିକାଂଶ ଏଇ ପୁଞ୍ଜିପତିମାନଙ୍କର ପୁତଳିକା ପାଲଟୁଛନ୍ତି ସେଠି - ପ୍ରତିବାଦର ପରମ୍ପରାରେ ଘୁଣ ଧରୁଛି, ରାଜନୀତି ପାଲଟୁଛି ବଚସ୍ୱର ଓ ବଶୟଦମାନଙ୍କର ସୁବିଧାବାଦୀ ରଣନୀତି !

ନଷ୍ଟ ରାଜନୀତି ସହିତ ଆଜି ଅପମିଶ୍ରିତ ହୋଇଚି ଭ୍ରଷ୍ଟ ଧର୍ମୀୟତା । ଧର୍ମର ଛଦ୍ମବେଶରେ ଅଧର୍ମ ଆଜି ସୃଷ୍ଟି କରୁଛି ଏକ ଅରାଜକ ଅବସ୍ଥା । ରାଜନୀତିର ସ୍ୱଧର୍ମକୁ କବଳିତ କରିସାରିଛି ଏ ଅଧର୍ମ।


(ଅବଶିଷ୍ଟାଂଶ ପୃଷ୍ଠା ୭ରେ)


### କବିତା କୋଣାର୍କ

## ବଳି

ସୁରେଶ କୁମାର ମହାପାତ୍ର

ଏଠି ଆତ୍ମହତ୍ୟା ହୁଏ ବାରମ୍ବାର
କେତେ ସ୍ୱପ୍ନର ,ସ୍ୱାର୍ଥର ।
କାହା ଅଭାବୀ ବ୍ୟଞ୍ଜନକୁ ପରସିବା
ପର୍ବରେ ଛାର ଖାର ହୁଏ ଯୌବନ ।
ଫେସବୁକ ର କାନଥ ରେ
ଟ୍ୱିଟରର ଥଂଟରେ ଗୀତ ଗାଏ
ଦୁରାଚାରି, ଦରଦୀ ବନ୍ଧୁ ହୋଇ ।

ରଙ୍ଗୀନ ସ୍ୱପ୍ନର ଆଶାରେ
କାନ୍ଧ ଦିଏ ଯୁବକ ପିତା ,
ରଙ୍ଗ ମଞ୍ଚରେ ପୁତ୍ର ।
କୁଞ୍ଚିତ ଚମଡ଼ାରେ ଲାଂଛିତ
ସ୍ୱପ୍ନ ସବୁ ଟଳି ପଡେ
ବୃଦ୍ଧ ଯୌବନ ,ବୃଦ୍ଧା ଶ୍ରମରେ ।

ତ୍ୟାଗର ମୂର୍ତ୍ତି ନାରୀ ଟିଏ
ବାରମ୍ବାର ଅଗ୍ନିଶିଖା ହୋଇ ଜଳେ
ଯୁଗଜନ୍ମରୁ କାଳେ କାଳେ
ପେଟକୁ କାଟି ରକ୍ତର ନଦୀ ବୁହାଇ,
ଦିଏ ନୂଆ ଏକ ଜୀବନ
ନିଷ୍ପାପ ଜୀବନ ,
ଜୌବନର ମତୁଆଲାରେ
ଅନ୍ଧ ହୋଇ ଖେଳେ ରକ୍ତର ହୋଲି
ରକ୍ତ ନଦୀତିରେ ,
ନିରୀହ ମାର ଲୁହଝରେ ରାଜ ଦାଣ୍ଡରେ
ସାଗର ହୋଇ ।

ନୂଆ ଅଧ୍ୟାୟରେ
ସେଇ ପୁରୁଣା ପୁରାଣ
ଯୁଗେ ଯୁଗେ ବଳି ପଡେ
ବିଶ୍ୱାସ,ସ୍ନେହ ,ପ୍ରେମ
ନିଷ୍ପାପ ଶିଶୁଟିଏ ପେଟର ଯନ୍ତ୍ରଣାରେ
ଛଟପଟ ହୋଇ ହାତପାତି ଭିକ ମାଗେ
ନ୍ୟାୟ,ଶିକ୍ଷା, ସାହାରା ଆଶାରେ
ସଭ୍ୟ ସମାଜକୁ ।

ବଳି ପଡେ ଶୈଶବ ରାଜରାସ୍ତାରେ
କିଶୋର ହୋଇ ,ସବୁ ଛାରଖାର ।
ଏଠି ବଳି ଭେଟ ହୁଏ ନ୍ୟାୟର
ଅକର୍ମଣ୍ୟର,ନିଷ୍ପାପର, ଦୁର୍ବଳର ।
ବଳିଷ୍ଠ କୁଚକ୍ରି ସାମ୍ରାଜ୍ୟ ମୁଣ୍ଡ ଟେକି
ଠିଆ ହୁଏ ବାରମ୍ବାର।

♥ମୋ: ୯୬୯୨୯୨୮୬୨୯

## ସମ୍ପର୍କ

ସୁଦର୍ଶନ ମହାପାତ୍ର

କେବେ ଫୁଲ ହୋଇ ଫୁଟେ
ବାସ ଚହଟାଏ
କେବେ ହସ ହୋଇ ମାଖି ହୁଏ
ଶୁଖିଲା ଓଠରେ
ମଧୁ ହୋଇ ସଞ୍ଚିତ ହୁଏ
ନିଭୃତ କୋଣରେ
କେବେ ପୁଣି ଜୋସ୍ନା ହୋଇ
ମଧୁକ୍ଷରା ହୁଏ
ନିଶବ୍ଦରେ ପୁଣି କେବେ
ଦେହରୁ ଦେହାତୀତ ହୁଏ
ସଞ୍ଚରିତ ହୋଇଯାଏ
ଆତ୍ମାରୁ ପରମାତ୍ମାକୁ ।
ବସ୍ତୁମୟ ଏ ଜଗତ
ଭାବମୟ ହୋଇଯାଏ
ଧୂଳି ମାଟିର ଏ ଧରଣୀ
ମହାସ୍ୱର୍ଗରେ ଶୂନ୍ୟ ଛୁଏଁ
ଦୁଇ ମନ ଏକ ହୁଏ
ଦୁଇ ଜାତି ଏକ ହୁଏ
ସୂକ୍ଷ୍ମ ଅଦୃଶ୍ୟ ଡୋରିରେ
ବାନ୍ଧି ହୋଇଯାଏ-
ଦେଶ,ଦେଶ ମହାଦେଶ,
ଭିତ୍ତିଭୂମି ସୁଦୃଢ କରି
ଠିଆ ହୋଇଯାଏ
ସମୟର ସଭ୍ୟତାଟିଏ,
ଯୁଗରୁ ଯୁଗାନ୍ତରକୁ,
ପ୍ରଲମ୍ବିଯାଏ ଅନାୟାସରେ....!

♥କୁଞ୍ଜବିହାରୀ ଲେନ,କଟକ

## ହଜି ଯାଇଥିବା ମଣିଷମାନେ

ନିରଞ୍ଜନ ସାହୁ

ବେଳେବେଳେ ମୋତେ
ଫେରିଯିବାକୁ ହୁଏ ପିଛିଲା ଦିନକୁ ।
ନ ଫେରିବି ଅବା କେମିତି ?

ହଜି ଯାଇଥିବା ଦିନକୁ
କିଏ ଭୁଲିପାରେ ଯେ
ମୁଁ ଭୁଲି ପାରିଲି ନାହିଁ ।

ଅତୀତର ସ୍ମୃତିଚାରଣ ଭିତରେ
ସୁଖର ଦିନଗୁଡାକ
ଯେତିକି ଆନନ୍ଦ ଦିଏ
ତା ଠାରୁ ଅଧିକ ଦୁଃଖ ଦିଏ
କିଛି ଅସ୍ପଷ୍ଟ ମୁହଁ
ଯେଉଁମାନେ ଏବେ ଦିବଂଗତ ।

ଦିବଂଗତମାନଙ୍କୁ ମନେପକାଇଲେ
ଆଖି ଆଗରେ ନାଚି ଯାଉଥାଏ
ସେମାନଙ୍କ ସହିତ କାଟିଥିବା
ମଧୁର ମୁହୂର୍ତ୍ତମାନଙ୍କୁ ।
ନା ଭୁଲିହୁଏ ସେମାନଙ୍କୁ
ନା ଭୁଲାଇ ହୁଏ ମନକୁ ।

ଭାରି କଷ୍ଟଲାଗେ
କୁଆଡେ ଗଲେ ସେମାନେ ?

ଆଉ କ'ଣ କେବେ
ସେମାନଙ୍କ ସହ ଭେଟ ହେବ
ନା ଅନ୍ତରଙ୍ଗ ହୋଇ ହେବ ।

ବେଳେବେଳେ ଅନୁତାପ ଆସେ
ନା କିଛି କରିପାରିଛି ସେମାନଙ୍କ ପାଇଁ
ନା କିଛି କରିପାରୁଛି ଏବେ ।

ସବୁପରେ ବି
ସେହି ଅତୀତ ପୃଷ୍ଠାର ମଣିଷମାନେ
ଢେର ଜ୍ୱାଜୁଲ୍ୟମାନ ମୋ ଆଖିରେ
ଆଉ ସେମାନଙ୍କ ପାଇଁ
ଦି ' ବୁନ୍ଦା ଅଶ୍ରୁ ନିଗାଡି ଦେଇ
ଶ୍ରଦ୍ଧାଞ୍ଜଳି ବାଢ଼ିଦେବା ଛଡା
ଅନ୍ୟ କିଛି ଉପାୟ ନାହିଁ
ମୋ ପାଖରେ ।

♥ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ :୯୯୩୮୭୪୧୫୮୩

## ଅଭିନନ୍ଦନ ନୂଆ ବର୍ଷ

ଧ୍ରୁବ ଚରଣ ବେହେରା

ଶୁଭେଚ୍ଛା ଆହେ ନୂଆ ବରଷ
ସ୍ୱାଗତ କରୁଅଛୁ
ନୂଆ ସପନ ମନରେ ନେଇ
ତୁମକୁ ଚାହିଁଅଛୁ ।

ଆସୁଛ ତୁମେ ନୂଆ ରୂପରେ
ଆମରି ପାଇଁ ବୋଲି
କେତେ ଯେ ଆଶା ମନେ ଖେଳୁଛି
ହୁଏନା ତା'କୁ ଭୁଲି ।

ନୂଆ ଭାବନା ଶାନ୍ତି ସାନ୍ତ୍ୱନା
ତୁମେ ଶିଖାଇ ଥାଅ
ତୁମରି ଲାଗି ଆମ ଜୀବନ
ହୁଅଇ ମଧୁମୟ ।

ବରଷେ ପରେ ପରୁଣା ହୋଇ
ଫେରି ଯାଉଛ ଦୂରେ
ଫରୁଣା କଥା ଭୁଲି ଯାଇକି
ଆସ ନୂଆ ରୂପରେ ।

ଶିଖାଇ ଦିଅ ନୂଆ ଭାବନା
ନୂଆ କାମନା ଶିକ୍ଷା
ତୁମକୁ ପାଇ ହସେ ଆମର
ଭବିଷ୍ୟ ପଥ ରେଖା ।

ପଣ କରିବା ତୁମଠୁ ଶିଖି
ଆଗେଇ ଯାଉ ଆମେ
ପାଠ ପଢିକି ହେବୁ ମଣିଷ
ଶପଥ କରୁ ମନେ ।

ସ୍ୱାଗତ ଆହେ ନୂଆ ବରଷ
ଘେନ ଶ୍ରଦ୍ଧା ସୁମନ୍
ଆଶିଷ କର ଆମକୁ ତୁମେ
କରୁଅଛୁ ନମନ ।

ଫେରି ଯାଉ ଏ ଦୁନିଆଁ ପରୁ
ସଙ୍କଟ ମହାମାରୀ
ସବୁରି ଓଠେ ଉଛୁଳି ଉଠୁ
ହସ ଖୁସି ଯେ ଭରି ।

ସଂସାର ହେଉ ଆନନ୍ଦମୟ
ପ୍ରକୃତି ଗାଉ ଗୀତ
ନୂଆ ବରଷ ତୁମେତ ଆମ
ଅତି ପରାଣ ମିତ ।

ଅତିଥି ସାଜି ଆସୁଛ ତୁମେ
ବରଷକେ ଯେ ଥରେ
ଘେନ ଆମର ଶ୍ରଦ୍ଧା ସୁମନ
ଅଭିନନ୍ଦନ କରେ ।

♥ସାମରିକ ସେବା
ଅଠରବାଟିଆ,ବାଲୁଗାଁ,ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪

## ମୁଁ ନ ଥିବି
### ଭରତ ଚନ୍ଦ୍ର ଦାଶ



ମୁଁ ନ ଥିବି
ମଧ ରାତ୍ରୀର ଠିକ୍ ମଝିରୁ
ଚର୍ଚ୍ଚା ଜୋର ଧରିବ
ହିସାବ ନିକାଶର ଫର୍ଦ୍ଦ
ପ୍ରସ୍ତୁତ ହେବ ସଫଳତା
ବିଫଳତାକୁ ନେଇ ଲମ୍ବିଚାଲିବ
ତାଲିକା ଲେଖାଥିବ ମୋର
କର୍ମ ଅକର୍ମ ଓ ସତ୍‌କର୍ମର ବିଶେଷ
ବିବରଣୀ ପୁଣି ଲାଲ କାଳିରେ।

ମୁଁ ନଥିବି
ମୁଁ ଆସେ ଯାଏ
ସମୟର ଠିକ୍ ଗୋଟିଏ
ଘୂର୍ଣ୍ଣନ ପରେ
କାହିଁ ଏତେ ତର୍କ ବିତର୍କ
ହୁଏନି ତ କାଳଖଣ୍ଡରେ
ଜନତାଙ୍କ ବଡଦାଣ୍ଡରେ
ଏବେ କିନ୍ତୁ
ମୋତେ ନେଇ ଅନେକ ଚର୍ଚ୍ଚା
ପର୍ଦ୍ଦାରେ ପୃଷ୍ଠାରେ ପୁଣି
କଥାକୁହା ଶିକ୍ଷାବର୍ଜିତ ତୁଣ୍ଡରେ।

ମୁଁ ନଥିବି
କାଳଖଣ୍ଡର ଏହି
ଅଲୋଡା ଅଖୋଜା ପୃଷ୍ଠାରେ
ମୋ ସ୍ୱପ୍ନିଳ ସୃଜନରେ
ଶବ୍ଦ ଓ ସମ୍ଭାବନାମାନ
ଗୁନ୍ଥି ହୋଇଯାଇଥିବେ
କବିତା ରୂପରେ ଥିବ
ପାଠକର ହୃଦ ଦର୍ପଣରେ
ପ୍ରତିବିମ୍ବିତ ହେଉଥିବ
ନିରନ୍ତର ଯୁଗରୁ ଯୁଗାନ୍ତର ଯାଏ।

ମୁଁ ନଥିବି
ନିନ୍ଦୁକର ମନଶ୍ଚକ୍ଷୁରେ
ନିନ୍ଦାଗାନର ବହଳ ଧୂଆଁଧୂଳିରେ
ଅସ୍ପଷ୍ଟ ହୋଇ ପଡିଥିବ
ଚିତ୍ର ଚରିତ୍ରର ନାୟକ ନାୟିକାଙ୍କ
ପଟ୍ଟ ଚିତ୍ର ଝଲସି ଉଠୁଥିବ
ସ୍ତୁତିଗାନ ଓ ଗୁଣଗାନର ଅବଧି
ଶେଷ ହେବା ପରେ
ଦୃଶ୍ୟାନ୍ତର ବଦଳି ଯାଇଥିବ
ସିଦ୍ଧି, ସାଧନାର ଗୁଣଗାନରେ।

ମୁଁ ନ ଥିବି
ଅପ୍ରୀତିରେ ଅପ୍ରେମରେ
ପ୍ରେମ ଓ ପ୍ରଣୟର ଜୟଗାନରେ
ଫାଟିପଡୁଥିବ ସୃଜନ ଶ୍ରୀକ୍ଷେତ୍ର
କୃତି ସୁକୃତିର ପ୍ରଶଂସା କରୁଥିବ
ସର୍ବଜ୍ଞାତା ସମୟ,
କୀର୍ତ୍ତିର ଫଳକରେ
ଲେଖାହୋଇଥିବ ଶବ୍ଦବ୍ରହ୍ମ
ନିର୍ବିକଳ୍ପ ସମାଧିର ଲୀନଥିବା
ଅନାସକ୍ତ କବିଙ୍କର ନାମ ।

♥ ସଦସ୍ୟ, ଓଡିଶା ସାହିତ୍ୟ ଏକାଡେମୀ
ମାର୍କୋଣା, ବାଲେଶ୍ୱର -୭୫୬ ୧୨୬
(ମୋ) ୯୪୩୭୩୭୨୧୬୬

## ନୂଆବର୍ଷ
### ଅଞ୍ଜଳି ପଣ୍ଡା



ରାତ୍ରିର ଅନ୍ଧକାରରେ
କିଏ ଜଣେ ଆସୁଥିଲା ଅତି ସନ୍ତର୍ପଣରେ
ତମେ ତ ନୁହଁ ?
ଚେହେରାରେ ଏତେ ଖୁସିର ଝଲକ !
ଆସନ୍ନ ପ୍ରସବା ପରି ପେଟ ଭିତରେ ତମର
ସମ୍ଭାବନାର ଫରୁଆଟି
ଖୁସି ବାଣ୍ଟିବାକୁ ସତେ ଝୁମି ଯାଉଛ
ଦୁଇହଜାର ବାଇଶି !
ସେହି ମଧରାତ୍ରିରେ ଶୁଣି ପାରୁଛି
କାହାର ଏକ ବିଦାୟୀ ସଂଗୀତର
କରୁଣ ମୂର୍ଚ୍ଛନା
ତୁହାଇ ତୁହାଇ ଧାନ ବିଲ, କିଆବୁଦା ମୂଲୁ
ଶୁଭି ଯାଉଛି ଚାରି ପ୍ରହରର କାହାଣୀ
ଫଡ୍‌ଫାଡ୍ ପକ୍ଷୀଙ୍କର ଡେଣାର ଶବ୍ଦ
ହୁଏତ ଏଇମାତ୍ରେ ବାହାରି ଯିବ
କେଉଁ ଏକ ଇତିହାସ ପୃଷ୍ଠାକୁ
ପକ୍ଷୀଙ୍କ ପିଠିରେ ନାଉ ହୋଇ ।
ଆସିବାର ଆନନ୍ଦଠାରୁ ବିଦାୟର ବେଦନା
ମନେ ଭରିଦେଉଛି ଦୁଃଖ ଓ ଯନ୍ତ୍ରଣା
ହରାଇଛୁ କେତେ ସାଙ୍ଗସାଥି ଆପଣାର
ଏଯାବତ୍ ଘାଣ୍ଟି ଚାଲିଛୁ ସେଥିରେ
ସବୁ ଯେମିତି ହଜି ଗଲାଣି
ପାଠପଢ଼ା, ପୂଜାପାଠ
ମଶାଣିରେ ସ୍ଥାନର ଅଭାବ
ଅହରହ କାହାର କଳାଛାଇରେ
ଆମେ ଭୟଭୀତ ।
ଅଦରଦର ସବୁ ଜିନିଷପତ୍ର
ପନିପରିବା, ତେଲ, ଡିଜେଲ, ଖାଦ୍ୟପଦାର୍ଥ
ବ୍ୟବସାୟ ବାଣିଜ୍ୟ ଘରେ ଝୁଲିଛି ତାଲା,
ଏମିତି ରୂପଠାଣିରେ ଆସିଥିଲ ଦିନେ
କରିଥିଲୁ ସ୍ୱାଗତ ମନଖୋଲି
ସବୁ ସୁଖକୁ ସପନ କରିଦେଲ
ଆଉ କେଉଁ ମୋହମାୟା ତୁମଠି
ତୁମେ ଅତୀତ ।
ପଡ଼ୋଶୀଙ୍କ ରଣ ହୁଙ୍କାର
ବାରୁଦର ଗନ୍ଧ, ସମରସଜ୍ଜାରେ
ମୃତ୍ୟୁର ପଦଧ୍ୱନି ସୁସ୍ପଷ୍ଟ,
କିଏ ଜାଣେ ଓମିକ୍ରନ୍ ପୁଣି
ନୂଆ ବୋତଲର ପୁରୁଣା ମଦ ହୋଇ
ଫେରିଆସୁନି ତ !
ତଥାପି ତମକୁ ସ୍ୱାଗତ ହେ ନୂତନବର୍ଷ
ପୌଷ ଲକ୍ଷ୍ମୀ ସାଙ୍ଗେ ତୁମେ ବି ଆସ ।

♥ ଚୌଧୁରୀ ସାହି, ବାଲେଶ୍ୱର

## ଦୁଇହଜାର ବାଇଶି
### ପ୍ର.ଗିରିଜା ଶଂକର ଶର୍ମା



ଡିସେମ୍ବର ରାତିରେ
ଅଂଧାରର ଶିରା ପ୍ରଶିରାରେ
ବୁକ୍ ବୁକ୍ କରୁଥାଏ ଚାଇନିଜ୍ ଆଲୋକ ।
ରାଜରାସ୍ତାରେ ଶୀତ ଲହରୀକୁ
ଖାତିର ନକରି
ବୁଲୁଥାଏ ଓମିକ୍ରନ୍ ଭାଇରସ ।
ଦିଗ୍‌ବିଜୟୀ ଆଲେକ୍‌ଜାଣ୍ଡାର ପରି ।

ନୂଆବର୍ଷରେ, ନୂଆ ଉତ୍ସାହରେ
ଦୁଇ ହଜାର ବାଇଶି ଆସୁଛି ।
ହୁଳହୁଳି, ଶଂଖ ଓ
ଆତସବାଜିର ଚିତ୍କାରରେ
ଉଲ୍ଲସି ଉଠୁଛି ଜନପଦ ।
ଦୁଇ ହଜାର ବାଇଶି ଆସୁଛି ଧୀରେଧୀରେ
ନବବଧୂ ପରି ବିଦ୍ୟୁତ ଆଲୋକର
ଝଲମଲ ପୋଷାକରେ ।
ଉଲ୍ଲସିତ ଜନତାଙ୍କ ହର୍ଷ ଉଲ୍ଲାସରେ
ରାତି ବାରଟାରେ ।

ଏପଟେ ଅଦୃଶ୍ୟ ଓମିକ୍ରନ
ସୁଯୋଗ ଉଣ୍ଡୁଛି ।
ତା' ଇଚ୍ଛାରେ, ସେ ବ୍ୟାପି ଯାଆନ୍ତା
ଦୁଇ ହଜାର ବାଇଶିକୁ କବଳିତ କରି
ସ୍କୁଲ, କଲେଜ, ପାର୍ଟି ପିକ୍‌ନିକ୍,
ଭଣ୍ଡୁର କରନ୍ତା
ବାମନ ଚନ୍ଦ୍ରକୁ ଛୁଇଁବାର ଇଚ୍ଛାରେ
ହତାଶ ହେବା ପରି ।

ତାକୁ ଶିଖେଇ ଦେବାକୁ ପଡ଼ିବ,
ତା' ନିଜ ପାରିବା ପଣିଆ
ଜଣେଇ ଦେବାକୁ ହେବ
ଆମକୁ ପରାଜିତ କରିବା ସହଜ ନୁହେଁ ।
ସେ କରୋନା, ଡେଲଟା କି
ଓମିକ୍ରନ ହେଉ
ତାକୁ ମୂଳପୋଛ କରିବାକୁ ହେବ ।

ଦୁଇହଜାର ବାଇଶିରେ
ଆମେ ମିଳିମିଶି କରୋନାକୁ କବର ଦେବା
ତାର କଫିନ୍ ଉପରେ
ବିଜୟର ବାନା ଉଡ଼େଇବା
ଏ ନୂଆବର୍ଷ ଶୁଭଙ୍କର ହେଉ
ଜୈତ୍ର ବାନା ଉର୍ଦ୍ଧ୍ୱରେ ଉଡୁଥାଉ
ନୂଆବର୍ଷରେ ସବୁକିଛି ନୂଆ ହେଉ ।

♥ ଧନକଉଡ଼ା,
ସଂବଲପୁର-୭୬୮୦୦୬
(ମୋ) ୯୪୩୭୦୮୮୬୦୨

## ଅନୁରଣ
### ଶୁଭସ୍ମିତା ତ୍ରିପାଠୀ



ସ୍ୱପ୍ନ ତୃଳୀତଳ୍ପ ତଳେ, କାଦମ୍ବିନୀ କଜଳ ଛାଇରେ
ଛାୟାଚିତ୍ରେ ଅତନ୍ଦ୍ର ଆକାଶେ,ସାଗରର ନୀଳନୀଳିମାରେ
ଅଫୁରନ୍ତ ତାରକାର ବିନ୍ଦୁବିନ୍ଦୁ ଲୁହ କବିତାରେ
ନୀଳକଇଁ ଆଖିତଳ ସପନର ଗହନ ବନରେ
ସନ୍ତର୍ପଣେ ରଞ୍ଜିତ ମୋ ପଦଯୁଗ ଘୁଙ୍ଗୁରରେ ବନ୍ଧା
ଉତ୍ତରେ ତୁମଲାଗି, ଜହ୍ନରାତି ଆଜି ମଧୁଛନ୍ଦା
ଏ ରାତିର ଏଇ ସ୍ୱପ୍ନେ, ନିମିଷଙ୍କ ନୀଳୋତ୍ପଳ କୋଳେ
ନିଦ୍ରିତ ମୂର୍ଚ୍ଛନା ମୋ ନିଦ୍ରାୟିତ ଆକାଶର ତଳେ
ଚନ୍ଦ୍ରିକା ଏ ସାକ୍ଷୀ ଆଜି, ସାକ୍ଷୀ ସବୁ ପଂକ୍ତି କବିତାର
ମନମଧୁସିକ୍ତ ଫୁଲେ ତୁମେ ନୀଳ ଏକ ବିନ୍ଦୁକ ଶିଶିର
ଶିଶିରର ସ୍ନିଗ୍ଧତାରେ, ମୁଗ୍ଧା ମୁଁ ପ୍ରଲୁବ୍ଧା ମାଳିନୀ
ଅନନ୍ୟର ସନ୍ଧାନରେ ଝୁରେ କେଉଁ ଅମୃତ ତଟିନୀ
ତଣ୍ଡୁବଲ୍ଲରୀର ଫୁଲ ମହକିତ ଲୋଟିଯାଏ ତଳେ
ନାଚିଉଠେ ତୁମପାଦ ଘୁଙ୍ଗୁରର କଲ୍ଲୋଳିତ ତାଳେ
ପଦ୍ମଲତା ପାଖୁଡ଼ାରେ ତ୍ୱସ୍ପର୍ଶ ଅଲକ୍ତକରାଗ
ଅର୍ଚ୍ଚନାର ନିବେଦନେ ଏ ମୁହୂର୍ତ୍ତେ ଝୁରେ ଅନୁରାଗ
ଜହ୍ନର ଜ୍ୟୋତି ନେଇ, ନୀଳନେଇ ସାଗର ବୁକୁର
ରାତିର କଜଳ ଆଣି, ରଙ୍ଗ ତୋଳି କୁସୁମ କୋଳର ।
ଆଙ୍କେଯେତେ ପ୍ରତିଛବି କାହିଁହୁଏ ଅସ୍ପଷ୍ଟ,ଅସ୍ଥିର
ସ୍ଥିରତାର କକ୍ଷଚିତ୍ରେ ତୁମେ ମୋର ତରଙ୍ଗ ମନର
ଦେଖେ ତୁମ ଫଗୁରଙ୍ଗ, ରଙ୍ଗିମା ଏ ବିସ୍ତାରିତ ଭୂମା
ଅନନ୍ତର ପଥଧାରେ ଦୃଷ୍ଟି ମୋର ଛୁଏଁ ନାହିଁ ସୀମା
ସୀମାହୀନତ୍ୱର ପଥେ ସ୍ୱରାୟିତ ଅସ୍ତବ୍ୟସ୍ତ ଛନ୍ଦେ
ରଜନୀର ନିବିଡ଼ତା, କୁସୁମର ଭରାଭରା ଗନ୍ଧେ
ଧୂପପରି ବିସ୍ତାରିତ ଉଡିଯାଅ ଅନନ୍ତ ଆକାଶେ
ମୁଁ ଯେବେ ଅଚେତନ, ତୁମ ମାୟାପ୍ରହେଳିର ଫାଶେ
ପାଷାଣର ପଦ୍ମହସେ, ହସେ ପୁଣି ଝାଉଁକୁଞ୍ଜବନ
ବାଲୁକାର ପାଦଚିହ୍ନ ଧୋଉଥାଏ ଲହରୀର ତାନ
ଇଚ୍ଛାକରେ ନୀଳକଇଁ ଯିବାଲାଗି ନିତି ଜୋଛନାରେ ଜଳି
ଅଭିସାର କୋମଳ କଳି ମୋ ପ୍ରସ୍ଫୁଟିତ କିଛି ଏହିଭଳି...!!

♥ ଲକ୍ଷ୍ମୀନୃସିଂହ ସାହି-୧୨, ବ୍ରହ୍ମପୁର,
ଗଂଜାମ-୭୬୦୦୦୬
(ମୋ)-୯୫୮୩୫୦୯୭୫୮

## ପ୍ରେମର କିଛି ଦୃଶ୍ୟ
### ଅଜୟ କୁମାର ଜେନା



॥ ଏକ ॥

ଲାଲ ଜରଜର ତା' ଜିଭର ଖସଡ଼ା ଛାତିରୁ
ଖସିଡିପଡିଥିବା କେଇଟା ପାଣିଚିଆ ଶବ୍ଦ
ତିଆରି କରନ୍ତି ମୋ ଆଖିରେ ଆଖିଏ ସ୍ୱପ୍ନ !

ସେ ସ୍ୱପ୍ନସାରା ସୋରିଷ ଫୁଲର କ୍ଷେତ
କ୍ଷେତସାରା ହଳଦି ଫୁଲଙ୍କର ବାସ
ମାଗିନି ! ଅଥଚ କେହିଜଣେ ଆଞ୍ଜୁଳିରେ
ଆଙ୍କିଦିଏ ଆକାଶ !

॥ ଦୁଇ ॥

କଥାଥିଲା ଜହ୍ନର ବିନ୍ଦୁଏ ଜ୍ୟୋତ୍ସ୍ନାରେ
ସେ ଗଢ଼ିଦେବ ମୋ ମଥାର ବିନ୍ଦି !
ଏବେ କିନ୍ତୁ ସେ ଅମଙ୍ଗ ହୁଏ !

କହେ; ସହରସାରା ଏବେ ରାତିର ଚିହ୍ନ
ଚାରିଆଡେ କଳାରଙ୍ଗି ଦୁଃଖ
ବାଲକୋନିରେ ମହକହୀନ ମଉଳା ମଲ୍ଲିକଢ଼ !
ଓ ମୋ କାନ ପାଖରେ ଫିସ୍ ଫିସ୍ କହୁଥାଏ
ମୁଁ କୁଆଡେ ତା' ଜୀବନ ଯାକର ଜହ୍ନ !

॥ ତିନି ॥

ମୁଁ ସବୁଥର ତା' ମାତାଲପଣର ଶ୍ରାବଣଟେ ଇଛେ
ଟୋପା ଟୋପା ବର୍ଷା ବିନ୍ଦୁ ଇଛେ
ଇଛେ ପୁଣି ବର୍ଷା ଭିଜା ନାଲି,ନୀଳ,
ଗୋଲାପି ଓ ହଳଦୀ ରଙ୍ଗର ଫୁଲ ସବୁକୁ,
ଯାହା ସେ ସରାଗରେ ଉତ୍ତାରୀ ଦେଇଛି
ତା' ମନ ବଗିଚାରେ !

ମୁଁ ସେ ଫୁଲସବୁଙ୍କୁ ମୋ ଅଗଣାରେ ସଜେଇଲାବେଳେ
ସେ ଫୁଲମାନଙ୍କୁ କହୁଥାଏ, ମୁଁ ତା'ପ୍ରେମର ପ୍ରସ୍ଫୁଟିତ ଫୁଲ
ଓ ତା' ମାଟିର ମହକାନ୍ୱିତ ମୂଳ !!

♥ ବଡ଼ରମ୍ଭାସ, କେନ୍ଦୁଝର
(ମୋ)୬୩୭୨୨୬୦୪୭୯

## ଖୁସି
### ବାଉରିବନ୍ଧୁ ଲେଙ୍କା

ସ୍ୱଳ୍ପ ଏହି ଜୀବନର
ପ୍ରତିଟି ମୁହୂର୍ତ୍ତରେ ମୁଁ ଖୁସି,
କାମ ଥିଲେ ଖୁସି, ନଥିଲେ ବି ଖୁସି ।

ଡାଲିଭାତ ହେଉ କି ଖାଲି ଭାତ ହେଉ
ଯାହା ବି ମିଳିଲେ ଖୁସି ।

ଦେଖି ପାରିଲେ ଖୁସି,
ନଦେଖି ପାରିଲେ, ତା'ର କଥା ପଦେ
କାନରେ ବାଜିଲେ ବି ଖୁସି ।

ମନ ଚାହେଁ ଯାହା, ସବୁ ପାଇ ହୁଏନି,
ନପାଇଲେ ବି ତାକୁ ଭାବିକରି ମୁଁ ଖୁସି ।

ହଜି ଯାଇଥିବା ଅତୀତ,
କେବେ ଆଉ ଫେରିଆସେନା,
ହେଲେ ତା'ର ସ୍ମୃତିରେ ବି ମୁଁ ଖୁସି ।

କିଏ ଜାଣେ ଭବିଷ୍ୟତ କଣ ହେବ ?
ହେଲେ ତା'ର ପ୍ରତୀକ୍ଷାରେ ବି ମୁଁ ଖୁସି ।

ଛୁଇଁବ ଯଦି ହୃଦୟକୁ
ମୋର ଏଇ କଥା କେଇ ପଦ,
ଆଶା କରିବି ଉତ୍ତର ଦେବ ବୋଲି,
ନହେଲେ ବିନା ଉତ୍ତରରେ ବି ମୁଁ ଖୁସି ।

♥ ଫ୍ଲାଟ ନଂ- ବି ୪୦୩, ଦ ପର୍ଲ
ରେସିଡେନ୍ସି,
ଦୂର୍ଗାମାଧବ ନଗର, ମହାଲକ୍ଷ୍ମୀ ବିହାର
ଭୁବନେଶ୍ୱର - ୭୫୧୦୨୯
(ମୋ) ୯୮୫୩୫୩୫୮୪୪

## ନୂଆବର୍ଷକୁ...
### ଶ୍ରୀ ସତ୍ୟବ୍ରତ ସାହୁ



ମଥାରେ ହାତେ ଲମ୍ବା କୁହୁଡ଼ିର ଓଢ଼ଣା ଟାଣି
ଗଭାରେ ଗେଣ୍ଡୁଫୁଲର ମାଳ ଖୋସି
କାଖରେ ଶୀତର ପସରା ଧରି ବଧୂଲି ବେଶରେ
କେହିଜଣେ ଆସୁଛି ପାଦ ଗଣି ଗଣି
ଦେଖତ ବନ୍ଧୁ..
ସୁନେଲି ଧଡି ପକା ସବୁଜିଆ ଶାଢ଼ୀ ପିନ୍ଧି
ହଳଦୀ ଗୁରୁଗୁରୁ ସୁନାନାକୀ ନବବଧୂ ଜଣକ କିଏ ?
ଆରେ..ଚିହ୍ନି ପାରୁନ...! ସେ ପରା ନୂଆବର୍ଷ...

ନୂଆବର୍ଷ... ତୁ..ଆ...
ଫୁଲର ମନ ନେଇ-କଣ୍ଟାର ନୁହଁ
ବନ୍ଧୁତ୍ୱର ହାତ ବଢ଼ାଇ-ବନ୍ଧୁକର ନୁହଁ
ଶାନ୍ତିର ବାର୍ତ୍ତା ନେଇ-ଆତଙ୍କବାଦ/ଯୁଦ୍ଧର ନୁହଁ
ସୁଖର ଫଲଗୁ ଝରାଇ-ଦୁଃଖର ନୁହଁ
ପ୍ରେମର ଫଗୁଆ ନେଇ-ପ୍ରତାରଣାର ନୁହଁ
ଆଶା ବୈତରଣୀ ବୁହାଇ-ନିରାଶର ନୁହଁ
ମାନବିକତାର ନେତ ଉଡାଇ-ପଶୁତ୍ୱର ନୁହଁ
ଏକତାର ରାହା ଦେଖାଇ-ବିଖଣ୍ଡତାର ନୁହଁ
ପ୍ରୀତିର ଝର ଝରାଇ-ରକ୍ତର ନୁହଁ...
ତେବେ ସିନା ତୋ' ଆସିବାର ସାର୍ଥକତା..
ନହେଲେ କ'ଣ ଯେ !!!

♥ ପଲ୍ଲୀସାହି, କମାଳପୁର,
ଅହିୟାସ, ଯାଜପୁର-୭୫୫୦୩୬
(ମୋ)୯୩୩୮୧୬୫୬୧୯

## କେବେ ଯିବନି ତ ଭୁଲି
### ଜୟନ୍ତ କୁମାର ମଲ୍ଲିକ୍



ପାହାନ୍ତିଆ ତାରା ଦେଖିଲେ ତୁମର
ଛବିଟା ଛାଆଁକୁ ଆସେ
ଶୀତୁଆ କିରଣ ଦେହରେ ଲାଗିଲେ
କେମିତି କେମିତି ବାସେ ।

ଗୋଲାପ ଫୁଲଟି ସାଇତି ରଖିଛି
ଯେଉଁ ଦିନ ମୋତେ ଦେଲ
ସେହିଦିନ ଠାରୁ ମନେ ମନେ କେତେ
ପାଇ ମୁଁ ବସିଲି ଭଲ ।

ଲାଜ ଲାଗେ ମୋତେ କଥା ହେବା ପାଇଁ
ଦେଖା କରିବାକୁ ଗଲେ
ମୋ ମନରେ ଯେତେ ଅକୁହା କଥାକୁ
କହି ପାରୁନାହିଁ ଭଲେ ।

ନୂଆ ବରଷରେ ତୁମକୁ ନେଇ ମୁଁ
କବିତାଟି ଲେଖି ଦେଲି
ପ୍ରକୃତରେ ଯଦି ମୋତେ ଭଲପାଅ
କେବେବି ଯିବନି ଭୁଲି ।

♥ ଶୂରଡିହ, ନନ୍ଦିପୁର, ଯାଜପୁର
(ମୋ)୯୪୩୭୮୬୫୭୨୭

## କେହି ଯିବା ପରେ
### ଲକ୍ଷ୍ମୀପ୍ରିୟା ମାଇତି

କେହି ଯିବା ପରେ
ମୁଁ ଆଉ ଫେରିନି
ଅତୀତର କୃଷ୍ଣଚୂଡ଼ା ଗଛ ମୂଳକୁ।

ଶୂନଶାନ ମଇଦାନ ଭିତରେ
ଏବେ ବି ଶୁଭେ କାହା ବଂଶୀ ସ୍ୱନ
ଦିଶେ କଦମ୍ବର ଛାଇ
ରୁଣୁଝୁଣୁ ପାଉଁଜିର ସାଥେ
କିଏ ଡାକେ ରାଇ ରାଇ।



ଯମୁନା ବହୁଛି ଉଜାଣି
ହୋଉ ନାହିଁ ଲେଖା ଆଉ
କୁଞ୍ଜବନରେ ଯୁଗଳ ପ୍ରୀତିର କାହାଣୀ।

ଆସ ଆମେ ଯିବା
ବର୍ତ୍ତମାନ ବାରବାଟୀ ଆଡେ
ଖେଳ ପରି କରିବା
ଜୀବନକୁ ଉପଭୋଗ
କଥା ସାରିବ ଆମ ପାଦ ଚଲା ବାଟ
ମାତ୍ର କେଇଟି ମୂହୁର୍ତ୍ତ
ହେବା ଏକାନ୍ତ ସହଚର
ଯାହା ବେଦରେ ପଡ଼ିବନି ଗାର।

♥ ଏରସମା, ଜଗତସିଂହପୁର

## ଖବର
### ବୀରେନ୍ଦ୍ର ନାୟକ



ନିଦ ସବୁ ଏବେ ଖୁବ୍ ଅମାନିଆ
ତମ ଆସିବା ଖବର ପାଇ !
କେମିତି ପାଇଲି ?
କୋଉଠୁ ପାଇଲି
ପ୍ଲିଜ୍ ଆଉ ପ୍ରଶ୍ନକର ନାହିଁ।

ତମ ଆଜ୍ଞାତରେ ମୁଁ ଯେ ଖବରି ସାଜିଛି
ଏ ବି ତମର ଭୁଲ୍ ଧାରଣା ।
ସବୁ ଖବର ଯେ ତଲାସୀବାକୁ ପଡ଼େ
କୁହତ ଏ କଥା କେଉଁଠି ଲେଖାଅଛି ?

ବେଳେବେଳେ କିଛି ଖବର
ଏମିତିରେ ମିଳିଯାଏନି କି ?
ଏଇ ଯେମିତି
ଅଚାନକ ତମ ସହର ବଦଳି
କଫି ସପ୍‌ରେ ନୂଆ ବଏଫ୍ରେଣ୍ଡ
ମୋ ଫୋନ୍ ସ୍ୱିଚଅଫ୍ ଥାଇ ବି
ତମର ଘଣ୍ଟା ଘଣ୍ଟା ୱେଟିଂ !

ଏ ଖବର ବି ଏବେ ଏବେ ପାଇଲି
ତମ ଅଗଣାରେ ଏବେ କୁଆଡେ
ଲୁହ ରଙ୍ଗର ମୁରୁଜ
କୋହର ଗୋଟେ ବିରାଟ ପାର୍ବଣ
ମୁହଁରେ ଗୋଟେ ମଲା ଫୁଲର ହସ
ରାତି ନପାହୁଣୁ ତମ ପଟେ ଏବେ
ସକାଳ ହେଉଛି ଶେଷ !

ତମେ ବି ଏବକୁ କୁଆଡେ ଖୁବ୍ ଡରିଲଣି
ଏଇ ଯେମିତି ମୁ ଡରୁଥିଲି,
ଛ' ମାସ ତଳେ !
ତମକୁ ଘାରିଛି କି ମରୀଚିକା ?
କିଛି ନଥାଇ ବି ଥିବା କଥା ?

ହଉ ଛାଡ଼ ସବୁ !
ତମେ କଣ ପୁଣି ଫେରୁଛ ଏ ସହରକୁ ?
ପୁଣି କଣ ନିଜର କରିବ
ସେ ପାର୍କର ଏକଲା ବେଞ୍ଚକୁ ?
ସେ ଡାଇରୀର ମଲା ଗୋଲାପକୁ ?
ଆପଣେଇ ପାରିବ
ଏ ସହରର ଆମାନିଆ ମନକୁ ?
ନା ପୁଣି ମୋ ସାମ୍ନା ବାଲକୋନୀ ରେ
ଫର ଫର ଉଡ଼ିବ ତମ ରକ୍ତ ରଙ୍ଗର ଚୁନୂରି
ଆମ ପ୍ରେମଧ୍ୱଜା ହୋଇ !
ଏ ଖବର କଣ ସତ
ଏଇ, ତୁମେ ପାରିବ କି କହି ?

♥ ଅତା, ସୁକିନ୍ଦା,
ଯାଜପୁର-୭୫୫୦୧୮
ସମ୍ପର୍କ ୭୩୭୭୯୪୨୮୫୦

## ନୂଆବର୍ଷ ତୁମେ ଆସିଅଛ ବୋଲି
### ଶରତ ଚନ୍ଦ୍ର ଜାଲି



ନୂଆବର୍ଷ ତୁମେ ଆସିଅଛ ବୋଲି
ମନଟା ଖୁସିରେ ନାଚୁଛି
ସ୍ନେହ, ଶ୍ରଦ୍ଧା ଆଉ ମମତା ବିଭବେ
ପରପାଇଁ ଭଲ ପାଞ୍ଚୁଛି ।
ହୃଦ ବଗିଚାରେ ଆଶାର ଗୋଲାପ
ପାଖୁଡାକୁ ମେଲି ଫୁଟିଛି
କେତେ ସମ୍ଭାବନା ସମୃଦ୍ଧି ଭାବନା
ସତ୍ୟପଥେ ଆସି ଭେଟିଛି ।
ବଦଳି ଯାଇଛି କ୍ୟାଲେଣ୍ଡର ପୃଷ୍ଠା
ବଦଳିଛି ଘର ଅଗଣା
ଜୀବନେ ହରଷ ଅମୃତ ପରଶ
ଢାଳି ଦେଇଛି କେ ମାଗଣା ।
ବନ୍ଧୁବାନ୍ଧବଙ୍କ ସାଥେ ଭେଟ ହେଲେ
ଖେଳିଯାଏ ହସ ଜୁଆର
କେତେ ଭଲମନ୍ଦ କଥାର ଆସର
ଯୋଗାଏ ସୁଖର ଫୁଆର ।
ଭୂମିଠାରୁ ଭୂମା ପ୍ରକୃତି ସୁଷମା
ଦେଖିଦେଲେ ଭରେ ପୁଲକ
ଯହିଁଦେଲେ ଚାହିଁ କୁସୁମ ସମ୍ଭାର
ପଡୁନି ନିମିଷେ ପଲକ ।
କେତେ ଯେ କାମନା କରୁଛନ୍ତି ସିନା
ତୁମପାଇଁ ବସି ମନ୍ଦିରେ
ସୁଖଶାନ୍ତର ସେ ସୌଭାଗ୍ୟ ସୌରଭ
ବାସୁଥାଉ ଗଳିକନ୍ଦିରେ ।
ସହର ବଜାର ସାଜସଜାମୟ
ସରଗ ଲୋଟିଛି ମାଟିରେ
ଗୀତର ଝଙ୍କାର ଶୁଭୁଛି ସବୁଠେ
ମନ୍ତ୍ର ଝରେ ସର୍ବ ପାଟିରେ ।
ତୁମେ ଆସିଅଛ ଧରି ବାରମାସ
ଚିରି ଦେଇ ଘନ ଅନ୍ଧାର
ଅଳିକରେ ଖାଲି ଘୁଞ୍ଚି ଯାଉ କଳି
ଦିବାନିଶି ହେଉ ସୁନ୍ଦର ।
ନୂଆବର୍ଷ ତୁମେ ଆସିଅଛ ବୋଲି
କହୁଛି ତୁମକୁ ଏତିକି
ରହି ବିଶ୍ୱ ସାଥେ ବିଶ୍ୱାସ ଭରିବ
ସାଥିରେ ଆଣିଛ ଯେତିକି ।

♥ ଶିକ୍ଷକ
ପଥରା, ଖଲ୍ଲିକୋଟ, ଗଂଜାମ
(ମୋ) ୮୨୪୯୫୩୪୨୭୪

## ଗୋଟେ କପ୍ କବିତା
### ଭକ୍ତ ଚରଣ ସୁନାନୀ



ଦିନେ ଦିନେ ଗୋଟେ କପ୍ କବିତାରେ
ପୁରିଯାଏ ପେଟ
ମେଣ୍ଟିଯାଏ ଶୋଷ
ଭୁଲିଯାଏ ମୁଁ ଦିନ ତମାମର କ୍ଲାନ୍ତି
ଜୀବନର ସବୁ ଦୁଃଖ।

ହଜିଯାଏ କବିତାର ସବୁଜ ବନାନୀରେ
ମୋ ଏକ୍ଲାପଣ
ଅକୁହା ବେଦନା
ଲୁହର ଠିକଣା
ଅସଂଖ୍ୟ ଶବ୍ଦର ଭିଡ଼ରେ
ବିଭୋର ହୋଇଯାଏ ମୁଁ
ନିଜର କରିନିଏ ମତେ ଅନେକ ଭାବନା।

ଏମିତି କଟିଯାଏ ଦିନ
ମତୁଆଲା କରିଦିଏ ମତେ
କବିତାର ମହୁଲି ପ୍ରେମ
ନୀଳ ଆକାଶର ଛାତିରେ ଉଡିବୁଲେ
ସପନର ଡେଣା ଯୋଡ଼ି
ଫେରିବାକୁ ଆଉ ଇଚ୍ଛା ହୁଏ ନାହିଁ
ମଜ୍ଜିଯାଏ ସେଠି ମନ।

♥ ଖୁଣ୍ଟିଆ ପର୍ଲା, କଳାହାଣ୍ଡି
(ମୋ) ୯୩୩୭୬୭୪୬୭୧

# ନବୀନ ସରକାର ଆଦିବାସୀ ବିରୋଧି : କଂଗ୍ରେସ

ଭୁବନେଶ୍ୱର,୩/୧ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ସଂସ୍ଥା ନିର୍ବାଚନ କ୍ଷେତ୍ରରେ ଓଡ଼ିଶାର ୩୦ଟି ଜିଲ୍ଲା ମଧ୍ୟରୁ ୨୩ ଟି ଜଲ୍ଲାରେ ଆଦିବାସୀମାନଙ୍କ ପାଇଁ ଆଦୌ ସଂରକ୍ଷଣ ବ୍ୟବସ୍ଥା କରାଯାଇନଥିବାରୁ କଂଗ୍ରେସ ତା’ର ତୀବ୍ର ବିରୋଧ କରିଛି । ଆଜି କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମିଡିଆ ଅଧ୍ୟକ୍ଷ ଗଣେଶ୍ୱର ବେହେରା ଏହି ପ୍ରସଙ୍ଗରେ ସ୍ୱର ଉଠାଇ ବିଜେଡ଼ି ସରକାର ଆଦିବାସୀ ବିରୋଧ ବୋଲି ଅଭିଯୋଗ କରିଛନ୍ତି । ଶ୍ରୀ ବେହେରା ଦର୍ଶାଇଛନ୍ତି ଯେ ଆଦିବାସୀ ମାନଙ୍କ ପାଇଁ ରାଜନୀତିକ ସଂରକ୍ଷଣ ଏକ ସାମ୍ବିଧାନିକ ଅଧିକାର । ଆମ ସମ୍ବିଧାନର ୨୪୩ (ଡି) ଧାରାରେ ଉଭୟ ଅନୁସୂଚୀତ ଜାତି ଓ ଅନୁସୂଚିତୀ ଜନଜାତିଙ୍କ ପାଇଁ ପଂଚାୟତିରାଜ ବ୍ୟବସ୍ଥାରେ ଆସନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ତଦ୍‌ନୁଯାୟୀ ବସ୍ତୁତ ଓଡ଼ିଶା ଗ୍ରାମପଂଚାୟତ ଆଇନ ୧୯୬୪ ଓ ପଂଚାୟତ ସମିତି ଆଇନ ୧୯୫୯ରେ ପ୍ରାଗଧାନ କରାଯାଇଛି । ପ୍ରତ୍ୟେକ ପଂଚାୟତ, ପଂଚାୟତ ସମିତିରେ ଆଦିବାସୀଙ୍କ ନିମନ୍ତେ ଆସନ ସଂରକ୍ଷଣ ସହ ପଂଚାୟତ ସମିତି ଅଧ୍ୟକ୍ଷ ପଦ ପାଇଁ ମଧ୍ୟ ଗ୍ରାମପଂଚାୟତ ଆଇନ ୧୯୬୪ ର ଧାରା ୧୦ ଓ ପଂଚାୟତ ସମିତି ଆଇନ ଧାରା ୧୬ରେ ଅତ୍ୟନ୍ତ ସ୍ୱଷ୍ଟ ଭାବେ ଉଲ୍ଲେଖ କରାଯାଇଛି ।

ଏପରି ବ୍ୟବସ୍ଥାମାନ ଥିବା ସତ୍ୱେ ରାଜ୍ୟ ସରକାର କିପରି ଓଡ଼ିଶାର ଆଦିବାସୀମାନଙ୍କ ପାଇଁ ୨୩ ଜିଲ୍ଲାରେ ସଂରକ୍ଷଣ ବ୍ୟବସ୍ଥା କରିନାହାନ୍ତି ? ଏହା କେବଳ ସମ୍ବିଧାନର ବିରୋଧାଚରଣ ନୁହେଁ ଆଦିବାସୀ ସଂପ୍ରଦାୟର ସ୍ୱାର୍ଥ ବିରୋଧି । କଂଗ୍ରେସ ଏହାର ଦୃଢ଼ ବିରୋଧ କରୁଛି ଓ ଦାବି କରୁଛି ସରକାର ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ଚିଠା ସଂଶୋଧନ କରନ୍ତୁ, ଏହି ଜିଲ୍ଲାରେ ଆଦିବାସୀ ମାନଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରି ପୁନଃ ଚିଠା ପ୍ରକାଶନ କରନ୍ତୁ ଓ ତା’ପରେ ନିର୍ବାଚନ କରନ୍ତୁ । ବିନା ଆଦିବାସୀ, ବିନା ଓବିସି ସଂରକ୍ଷଣରେ ନିର୍ବାଚନ କଲେ କଂଗ୍ରେସ ପ୍ରତିବାଦକୁ ଅଧିକ ଦୃଢ଼ କରିବ ଓ ଆନ୍ଦୋଳନକୁ ଯିବ ବୋଲି ଶ୍ରୀ ବେହେରା ଚେତାବନୀ ଦେଇଛନ୍ତି ।

ଏହି ସମ୍ମିଳନୀରେ ଅଭିମତ ରଖି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ ମହାପାତ୍ର କହିଥିଲେ ଯେ ନବୀନ ସରକାର ଆଦିବାସୀ ମାନଙ୍କୁ ସଂରକ୍ଷଣରୁ ବଂଚିତ କରି ନିଜର ଆଦିବାସୀ ବିଦ୍ୱେଷ ମନୋଭାବ ପରିଚୟ ଦେଇଛନ୍ତି ଓ ଓବିସି କ୍ଷେତ୍ରରେ ମଧ୍ୟ ଅନୁରୂପ ଆଭିମୁଖ୍ୟ ଅତ୍ୟନ୍ତ ଦୁଃଭାଗ୍ୟଜନକ । ୨-ଜାନୁଆରୀ, ୨୦୦୬ରେ ଘଟିଥିବା ବହୁଚର୍ଚ୍ଚିତ କଳିଙ୍ଗନଗର ଗଣହତ୍ୟାକୁ ସ୍ମରଣ କରି ଶ୍ରୀ ମହାପାତ୍ର କହିଲେଯେ ଭିଟାମାଟି ପାଇଁ ଆନ୍ଦୋଳନ କରୁଥିବା ଆଦିବାସୀମାନଙ୍କୁ ରାଜ୍ୟ ସରକାର ପୋଲିସ ଲଗାଇ ଗୁଳିମାରି ହତ୍ୟା କରିଥିଲେ ଓ ସେମାନଙ୍କ ହାତ ପାପୁଲି କାଟିଥିଲେ । ଆଜି ୨୩ ଟି ଜିଲ୍ଲାର ୧୯୫ଟି ବ୍ଲକରେ ଥିବା ଆଦିବାସୀ ମାନଙ୍କୁ ସରକାର ତାଙ୍କର ସାମ୍ବିଧାନିକ ଅଧିକାରରୁ ବଂଚିତ କରି ମୁଣ୍ଡକାଟ କରିବା ଯୋଜନା କରୁଛନ୍ତି କି ? ଯାହା ସଂପୂର୍ଣ୍ଣ ଭାବରେ ଅସମ୍ବିଧାନିକ ।

ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରାଜ୍ୟ ଆଦିବାସୀ କଂଗ୍ରେସ ଉପସଭାପତି ଶ୍ରୀଯୁକ୍ତ ବିଦ୍ୟାଧର ଦେହୁରି ନିଜର ମତ ଦେଇ କହିଛନ୍ତି ଯେ ଅବହେଳିତ ଶ୍ରେଣୀ ଆଦିବାସୀ ସଂପ୍ରଦାୟ ପ୍ରତି ଅବିଚାର ଅକ୍ଷମଣୀୟ । ଦେଶ ତଥା ରାଜ୍ୟର ସାମଗ୍ରିକ ସମୃଦ୍ଧି ସେତେବେଳେ ସମ୍ଭବ ଉଭୟ ଅନୁସୂଚିତ ଜନଜାତି ଓ ପଛୁଆବର୍ଗ ମାନଙ୍କର ସାମାଜିକ, ଅର୍ଥନୈତିକ ଅଭିବୃଦ୍ଧି ହେବ ଓ ତାହା କେବେଳ ସାମ୍ବିଧାନିକ ବ୍ୟବସ୍ଥା ଅନୁପାଳନରେ ସମ୍ଭବ ହୋଇପାରିବ । ରାଜ୍ୟ ସରକାର ଏଥିପ୍ରତି ଉଦାସୀନ ହେଲେ ପରିସ୍ଥିତ ଭୟାବହ ହେବ ।

# ରାଜଧାନୀରେ ବନ୍ଦୀ ଜୀବନ କାଟୁଛନ୍ତି ମାଆ, ପୁଅ

ଭୁବନେଶ୍ୱର,୩/୧ (ନି.ପ୍ର): ନିଜ ଘରେ ଗୃହବନ୍ଦୀ ହୋଇ ରହିଛନ୍ତି ମାଆ-ପୁଅ । ୪ରୁ ୫ ଦିନ ଧରି ବନ୍ଦୀ ଜୀବନ କାଟୁଛନ୍ତି ମାଆ ଓ ପୁଅ । ରାଜଧାନୀର ଛାତି ଉପରେ ଦେଖିବାକୁ ମିଳିଛି ଏଭଳି ହୃଦୟ ବିଦାରକ ଘଟଣା । ଭୁବନେଶ୍ୱର ବ୍ୟସ୍ତବହୁଳ ସିଆରପି ଛକର ପ୍ରିୟଦର୍ଶନୀ ମାର୍କେଟ ପଛ ପଟେ ଏକ ଘରେ ଏମାନଙ୍କୁ ବନ୍ଦୀ କରି ରଖାଯାଇଛି ।

ଅଭିଯୋଗ ହୋଇଛି ୭୬ ବର୍ଷୀୟ ଅନୁସୂୟା ମହାନ୍ତି ଓ ତାଙ୍କ ପୁଅ ମୃତ୍ୟୁଞ୍ଜୟ ମହାନ୍ତିଙ୍କୁ ଗତ ୪-୫ ଦିନ ହେଲା ବାହାରୁ ତାଲା ପକାଇ ରଖାଯାଇଛି । ଉଭୟଙ୍କ ଅଭିଯୋଗ ଅନୁଯାୟୀ, ସେହି ବିଲଡିଂରେ ପୂର୍ବରୁ ରହୁଥିବା ଅନ୍ୟ ଜଣେ ମହିଳା ଓ ତାଙ୍କ ପରିବାର ଲୋକେ ସେମାନଙ୍କୁ ତାଲା ପକାଇ ପଳାଇଛନ୍ତି । ଘର ଓ ଜାଗାବାଡ଼ିକୁ ନେଇ କିଛି ଆଇନଗତ ସମସ୍ୟା ରହିଛି । ଏହି ଘରର ମାଲିକାନାକୁ ନେଇ ଉଭୟ ପକ୍ଷ ଦାବି କରୁଛନ୍ତି । ତେବେ ବନ୍ଦୀ ଥିବା ମାଆ ଓ ପୁଅ କାଗଜପତ୍ର ଦେଖାଇ ସେମାନଙ୍କ ମାଲିକାନା ଏହି ଘର ଉପରେ ଥିବା ଦାବି କରିଛନ୍ତି । ଅନୁସୂୟା ମହାନ୍ତି କହିଛନ୍ତି-“ସନ୍ଧ୍ୟାରାଣୀ ସାହୁ, ତାଙ୍କ ଝିଅ ଓ କାହ୍ନୁ ବୋଲି ଗୋଟିଏ ପିଲା ଘରେ ତାଲା ପକାଉଥିଲା ଏବଂ ଖୋଲୁଥିଲା । ମାତ୍ର ଗତ ୪ରୁ ୫ ଦିନ ହେବ ଆଉ ତାଲା ଖୋଲୁନାହିଁ । ଯେତେ ଅନୁରୋଧ କଲେ ମଧ୍ୟ ଖୋଲୁନାହିଁ । ମୋ ପୁଅକୁ ଜ୍ୱର ହୋଇଛି । ତାଲା ଖୋଲିବାକୁ କହିବାରୁ ପୁଲିସ୍ ମନା କରିଛି ବୋଲି କହୁଛି ।” ଅନୁସୂୟାଙ୍କ ପୁଅ ମୃତ୍ୟୁଞ୍ଜୟ କହିଛନ୍ତି- “ଘର ଭିତରେ ବନ୍ଦୀ ଜିବନ କାଟୁଥିବାରୁ ଖାଇବା ପାଇଁ ପାଉନାହୁଁ । କେବଳ ବିସ୍କୁଟ ଖାଇ ବଞ୍ଚୁଛୁ । ତାଲା ଖୋଲିବା ପାଇଁ ପୁଲିସକୁ କହିଛୁ । ମାତ୍ର କେହି ଖୋଲୁନାହାନ୍ତି । ନୂଆବର୍ଷଟାରେ ବନ୍ଦୀ ଜୀବନ କାଟୁଛି । ଆମେ ଆଜାଦି ଚାହୁଁଛୁ ।”

# ୧୮୮୨ ଜଣ କିଶୋର ଟିକା ନେଇ ସାରିଲେଣି : ପରିବାର କଲ୍ୟାଣ ନିର୍ଦ୍ଦେଶକ



ଭୁବନେଶ୍ୱର,୩/୧ (ନି.ପ୍ର) : ୧୫ରୁ ୧୮ ବର୍ଷ ବୟସ୍କ କିଶୋରଙ୍କ ଟିକାକରଣ ଆରମ୍ଭ ହୋଇଛି । ଜାନୁଆରୀ ୧ ତାରିଖରୁ ପଞ୍ଜିକରଣ ଆରମ୍ଭ ହୋଇଥିଲା । ୩୧୯୩ କେନ୍ଦ୍ରରେ ଟିକାକରଣ କରାଯିବ । କେବଳ ୯୩୯ କେନ୍ଦ୍ରରେ ୧୫ରୁ ୧୮ ବର୍ଷ ପିଲାଙ୍କ ଟିକାକରଣ ଚାଲିଛି । ଏଥିପାଇଁ ପିଲାମାନେ ଅନଲାଇନ ପଞ୍ଜିକରଣ କରିଥିଲେ ।

ପରିବାର କଲ୍ୟାଣ ନିର୍ଦ୍ଦେଶକ ବିଜୟ ପାଣିଗ୍ରାହୀ କହିଛନ୍ତି, ପିଲାମାନେ ସିଧାସଳଖ ଆସି ବି ଟିକା ନେଇପାରିବେ । ଯେଉଁମାନେ ଅନଲାଇନ ପଞ୍ଜିକରଣ କରିନାହାନ୍ତି, ସେମାନଙ୍କର ଅନସାଇଟ ପଞ୍ଜିକରଣ କରାଯାଇ ଟିକା ଦିଆଯିବ । ସମସ୍ତ କୋଭିଡ ନିୟମ ମାନିବାକୁ ପରାମର୍ଶ ଦିଆଯାଇଛି । କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି ଯେଉଁମାନଙ୍କର ପରୀକ୍ଷା ଅଛି ସେମାନଙ୍କୁ ପରୀକ୍ଷା ପରେ ଟିକା ଦିଆଯିବ । ସକାଳୁ ବର୍ତ୍ତମାନ ସୁଦ୍ଧା ୧୮୮୨ ଜଣ ୧୫ରୁ ୧୮ ବର୍ଷ ପିଲା ଟିକା ନେଇ ସାରିଲେଣି । ଗତକାଲି ଶିକ୍ଷା ବିଭାଗ ସହ ବୈଠକରେ ନିଷ୍ପତ୍ତି ହୋଇଛି ଶିକ୍ଷକମାନେ ପିଲା ଓ ଅଭିଭାବକଙ୍କୁ ସଚେତନ କରିବେ । ପିଲାମାନଙ୍କୁ କୋଭାକ୍ସିନ ଟିକା ଦିଆଯିବ, ଯାହାକି ସମ୍ପୂର୍ଣ୍ଣ ନିରାପଦ । ପ୍ରତି ସ୍କୁଲ ମଧ୍ୟ ୧୫ରୁ ୧୮ ବର୍ଷ ପିଲାଙ୍କ ଏକ ତାଲିକା ପ୍ରସ୍ତୁତ କରିବେ । ଯେଉଁ ସ୍କୁଲ ଭିତ୍ତିଭୂମି ଠିକ୍ ଅଛି କିମ୍ବା ପରୀକ୍ଷା ନାହିଁ ସେହି ସ୍କୁଲରେ ଟିକାକରଣ କେନ୍ଦ୍ର କରିପାରିବେ । ଆଜି ବି ବହୁ ସ୍କୁଲରେ ଟିକାକରଣ କେନ୍ଦ୍ର କରାଯାଇଛି ।

# ଡବ୍ଲୁପିଏସ୍‌ଆଇ ରିପୋର୍ଟ : ବର୍ଷକରେ ୧୬୬ ବାଘ ମୃତ

ଭୁବନେଶ୍ୱର : ୨୦୨୧ରେ ଦେଶରେ ୧୨୭ ବାଘଙ୍କ ମୃତ୍ୟୁ ହୋଇଛି । ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ)ଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଏଭଳି ତଥ୍ୟ ସାମ୍ନାକୁ ଆସିଛି । ଏହି ରିପୋର୍ଟଠାରୁ ଆହୁରି ସାଂଘାତିକ ତଥ୍ୟ ଦେଇଛି ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟ୍ ଅଫ୍ ଇଣ୍ଡିଆ । ସଂସ୍ଥା ପକ୍ଷରୁ କୁହାଯାଇଛି ଯେ ୧୨ ମାସରେ ଦେଶରେ ୧୬୬ଟି ବାଘଙ୍କର ମୃତ୍ୟୁ ଘଟିଛି । ଉଭୟ ସଂସ୍ଥା ରିପୋର୍ଟରେ ଦର୍ଶାଇଛନ୍ତି ଯେ ମଧ୍ୟପ୍ରଦେଶରେ ସର୍ବାଧିକ ବାଘଙ୍କ ମୃତ୍ୟୁ ଘଟିଛି । ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ବି ବାଘ ମୃତ୍ୟୁ ଚିନ୍ତାଜନକ ରହିଛି । ଗୋଟିଏ ପଟେ ବାଘଙ୍କ ସଂଖ୍ୟା ବୃଦ୍ଧି ନେଇ କେନ୍ଦ୍ର ସରକାର ଆତ୍ମସନ୍ତୋଷ ଲାଭ କରୁଥିବା ବେଳେ ଅନ୍ୟପଟେ ଗୋଟିଏ ବର୍ଷରେ ଏତେ ସଂଖ୍ୟକ ବାଘଙ୍କ ମୃତ୍ୟୁ ନେଇ ବିଶେଷଜ୍ଞମାନେ ଚିନ୍ତା ପ୍ରକଟ କରିଛନ୍ତି । ଆଶ୍ୱସ୍ତିକର ବିଷୟ ହେଉଛି ଏହି ସମୟ ମଧ୍ୟରେ ଓଡ଼ିଶାରେ ଗୋଟିଏ ମହାବଳ ବାଘ ମରିନାହାନ୍ତି । ମାତ୍ର ୨୪ଟି କଲରାପତିରିଆ ବାଘଙ୍କ ମୃତ୍ୟୁ ହୋଇଛି । କେନ୍ଦ୍ର ସରକାରଙ୍କ ଅଧୀନ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନ୍‌ଟିସିଏ) ତଥ୍ୟ ଅନୁଯାୟୀ ୨୦୨୧ରେ ଏ ପର୍ଯ୍ୟନ୍ତ ମରିଥିବା ଶହେ ବାଘଙ୍କ ମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୪୨ଟି ବାଘ ରହିଛନ୍ତି । ୧୨୬ତମ ବାଘର ମୃତ୍ୟୁ ମହାରାଷ୍ଟ୍ରର ଗଡଚିରୋଲି ସର୍କଲର ଅହେରି ରେଞ୍ଜରେ ହୋଇଛି । ମହାରାଷ୍ଟ୍ରରେ ୨୬, କର୍ଣ୍ଣାଟକରେ ୧୪ ବାଘର ମୃତ୍ୟୁ ହୋଇଥିବା ବେଳେ ଉତ୍ତରାଖଣ୍ଡ, ଛତିଶଗଡ଼, ବିହାର, କେରଳ, ଆସାମ, ତାମିଲନାଡୁ, ଉତ୍ତର ପ୍ରଦେଶ, ରାଜସ୍ଥାନ, ତେଲେଙ୍ଗାନାରେ ବି ବାଘଙ୍କର ମୃତ୍ୟୁ ହୋଇଛି । ତେବେ ଅଧାରୁ ଅଧିକ ଅର୍ଥାତ ୬୬ଟି ବାଘ ଅଭୟାରଣ୍ୟ ଭିତରେ ହିଁ ପ୍ରାଣ ହରାଇଛନ୍ତି । ମୃତ ବାଘଙ୍କ ମଧ୍ୟରେ ୧୫ଟି ଛୁଆ ରହିଥିବା ରିପୋର୍ଟରେ କୁହାଯାଇଛି । ୱାଇଲ୍ଡ ଲାଇଫ୍ ପ୍ରୋଟେକ୍ସନ ସୋସାଇଟି ଅଫ୍ ଇଣ୍ଡିଆର ତଥ୍ୟ କିନ୍ତୁ ଅଲଗା କହୁଛି । ୨୦୨୧ରେ ୧୬୬ଟି ବାଘଙ୍କର ମୃତ୍ୟୁ ହୋଇଛି, ଯାହାକି ୨୦୨୦ ତୁଳନାରେ ବହୁତ ଅଧିକ । ୨୦୨୦ରେ ୧୧୧ଟି ବାଘଙ୍କର ମୃତ୍ୟୁ ହୋଇଥିଲା । ଚଳିତବର୍ଷ ୧୧୨ଟି ବାଘଙ୍କର ସ୍ୱାଭାବିକ ମୃତ୍ୟୁ ହୋଇଥିବା ବେଳେ ୫୪ଟିକୁ ଶିକାର କରାଯାଇଛି କିମ୍ବା ବାଘ ଛାଲ ଜବତ ହୋଇଛି । ୨୦୨୦ରେ ଏହି ସଂଖ୍ୟା ଯଥାକ୍ରମେ ୮୦ ଓ ୩୧ ରହିଥିଲା । ଆଶ୍ୱସ୍ତିର ବିଷୟ ହେଉଛି ଯେ କଲରାପତିରିଆ ବାଘଙ୍କ ମୃତ୍ୟୁ ସଂଖ୍ୟା ଏ ବର୍ଷ କିଛିଟା କମ୍ ରହିଛି । ୨୦୨୦ରେ ୬୭୩ଟି କଲରାପତିରିଆଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୨୧ରେ ୬୧୨ଟି ମରିଛନ୍ତି । ତେବେ ବର୍ଷର ଶେଷ ତିନି ମାସରେ ୧୩୨ଟି କଲରାପତିରିଆ ମରିବା ଏବେ ଚିନ୍ତାର ବିଷୟ ପାଲଟିଛି । ଅର୍ଥାତ୍ ପ୍ରତି ମାସରେ ୪୪ଟି ଲେଖାଏ କଲରାପତିରିଆଙ୍କ ମୃତ୍ୟୁ ହୋଇଛି । ସେମାନଙ୍କ ମଧ୍ୟରୁ ୧୮୧ଟି ଶିକାରୀଙ୍କ ହାତରେ ମରିଛନ୍ତି ।

ଗତ ଦୁଇ ଦଶନ୍ଧି ହେଲା ବାଘ ଓ କଲରାପତିରିଆ ଶିକାର ଉତ୍‌ଥାନ ପତନ ଦେଇ ଗତି କରୁଛି । ୧୯୯୫ରେ ସର୍ବାଧିକ ୧୨୧ଟି ବାଘ ଶିକାର ହୋଇଥିବା ନେଇ ସଂସ୍ଥା ପକ୍ଷରୁ କୁହାଯାଇଛି । ସୌଭାଗ୍ୟକୁ ୨୦୨୧ରେ ଓଡ଼ିଶାରେ ଗୋଟିଏ ବି ମହାବଳ ବାଘର ମୃତ୍ୟୁ ହୋଇ ନ ଥିବା ଏନ୍‌ଟିସିଏ ରିପୋର୍ଟରେ କୁହାଯାଇଛି । ତେବେ କଲରାପତିରିଆଙ୍କ ଶିକାର ବଢ଼ିଛି । ମଧ୍ୟପ୍ରଦେଶରେ ଦେଶର ସବୁଠାରୁ ଅଧିକ କଲରାପତିରିଆଙ୍କ ମୃତ୍ୟୁ ଘଟିଛି । ମହାରାଷ୍ଟ୍ର, ଉତ୍ତରାଖଣ୍ଡ, ହରିୟାଣା, ପଞ୍ଜାବରେ ବି ମୃତ୍ୟୁ ଘଟିଛି । ୧୨ ମାସରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ବନ ବିଭାଗ ଓ ଏସ୍‌ଟିଏଫ୍ ପାଖାପାଖି ୨୪ଟି ବାଘ ଛାଲ ଜବତ ହୋଇଛି ।



ଏନଟିସିଏ ପକ୍ଷରୁ ଆହୁରି କୁହାଯାଇଛି ଯେ ୨୦୧୨ରେ ଦେଶରେ ୮୮ଟି ମହାବଳ ବାଘଙ୍କର ମୃତ୍ୟୁ ହୋଇଥିବା ବେଳେ ଧୀରେ ଧୀରେ ସଂଖ୍ୟା ବଢ଼ିବାରେ ଲାଗିଛି । ୨୦୧୩ରେ ୬୮, ୨୦୧୪ରେ ୭୯, ୨୦୧୫ରେ ୮୨, ୨୦୧୬ରେ ୧୨୧, ୨୦୧୭ରେ ୧୧୬, ୨୦୧୮ରେ ୧୦୨, ୨୦୧୯ରେ ୯୫ ଓ ୨୦୨୦ରେ ୧୦୬ଟି ବାଘଙ୍କର ମୃତ୍ୟୁ ହୋଇଛି । ଅର୍ଥାତ ୨୦୧୨ରୁ ୨୦୨୦ ମଧ୍ୟରେ ଦେଶରେ ୮୫୭ଟି ବାଘଙ୍କର ମୃତ୍ୟୁ ହୋଇଛି । ସେଥିମଧ୍ୟରୁ କେବଳ ମଧ୍ୟପ୍ରଦେଶରେ ୨୦୨, ମହାରାଷ୍ଟ୍ରରେ ୧୪୧, କର୍ଣ୍ଣାଟକରେ ୧୨୩, ଉତ୍ତରାଖଣ୍ଡରେ ୯୩, ତାମିଲନାଡୁରେ ୬୨, ଆସାମରେ ୬୦ଟି ବାଘଙ୍କର ଜୀବନ ଯାଇଛି । ଏହି ସମୟ ମଧ୍ୟରେ ଓଡ଼ିଶାରେ ୭ଟି ବାଘଙ୍କର ମୃତ୍ୟୁ ହୋଇଥିବା ନେଇ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# ସ୍ୱାଧୀନତା ସଂଗ୍ରାମୀଙ୍କ ନିକଟରେ ଦେଶ ସବୁବେଳେ ଋଣୀ : ରାଜ୍ୟପାଳ

ଭୁବନେଶ୍ୱର,୩/୧ (ନି.ପ୍ର): ଭୁବନେଶ୍ୱରସ୍ଥିତ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆଠାରେ ‘ଅମର ସହିଦ ସ୍ମୃତିସ୍ତମ୍ଭ’ ରବିବାର ଉଦ୍‌ଘାଟିତ ହୋଇଛି । ଭର୍ଚୁଆଲରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଉଦ୍ ?ଘାଟନ କରିଛନ୍ତି । ଅପରପକ୍ଷେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଓ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ସମେତ ମନ୍ତ୍ରୀ ପରିଷଦର ବହୁ ସଦସ୍ୟ ତଥା ଦଳମତ ନିର୍ବିଶେଷରେ ରାଜନେତାମାନେ ଉପସ୍ଥିତ ରହି ଅମର ସହିଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ପରେ ସହିଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ‘୩୫ତମ ସ୍ୱାଧୀନତା ସଂଗ୍ରାମୀ ଦିବସ ମହୋତ୍ସବ’ ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ଓ ସହିଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଲେ, ସ୍ୱାଧୀନତା ସଂଗ୍ରାମୀମାନଙ୍କ ନିକଟରେ ଦେଶ ସବୁବେଳେ ଋଣୀ ହୋଇ ରହିବ । କିଛି ପାଇବା ପାଇଁ କିଛି ତ୍ୟାଗ ବି ଜରୁରି । ଆମ ସଂଗ୍ରାମୀମାନେ ମାନବିକତାର ରକ୍ଷା ଓ ସ୍ୱାଧୀନତା ପାଇଁ ନିଜକୁ ତ୍ୟାଗ କରି ଦେଇଥିଲେ । ଅମର ସହିଦ ଓ ସଂଗ୍ରାମୀମାନଙ୍କ ତ୍ୟାଗ ତଥା ତିତିକ୍ଷାରୁ ଆମେ ସ୍ୱାଧୀନତା ପାଇଥିଲେ । କିନ୍ତୁ ତାଙ୍କ ସଂଗ୍ରାମ ନିଜର ସ୍ୱାଧୀନତା ନୁହେଁ, ମାନବିକତାର ସ୍ୱାଧୀନତା ପାଇଁ ଥିଲା । ସେମାନେ ସାରା ବିଶ୍ୱକୁ ‘ସର୍ବେ ଭବନ୍ତୁ ସୁଖୀନଃ’ର ଶିକ୍ଷା ଦେଇଯାଇଛନ୍ତି । ନିଜ ଜୀବନ, ପରିବାର ଓ ସବୁ କିଛିକୁ ତ୍ୟାଗ କରି ଇଂରେଜମାନଙ୍କର ଅକଥନୀୟ ଅତ୍ୟାଚାର ସହି ଆମ ସଂଗ୍ରାମୀମାନେ ଭାରତମାତା ଓ ଆମକୁ ସ୍ୱାଧୀନତାର ଉପହାର ଦେଇଛନ୍ତି ।

# ଲଗାତାର ଦ୍ୱିତୀୟ ଦିନ ପାଇଁ ରାଜ୍ୟରେ ୪ ଶହରୁ ଅଧିକ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର ,୩/୧ (ନି.ପ୍ର): ଗତ ୨୪ ଘଣ୍ଟାରେ ରାଜ୍ୟରେ ୪୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଏହା ସହିତ ଲଗାତାର ଦ୍ୱିତୀୟ ଦିନ ପାଇଁ ରାଜ୍ୟରେ ୪ ଶହରୁ ଅଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଏହା ପୂର୍ବରୁ ଗତକାଲି ଯେଉଁ ରିପୋର୍ଟ ଆସିଥିଲା ସେଥିରେ ମଧ ୪୨୪ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା କୁହାଯାଇଥିଲା । ପ୍ରାୟ ଦୁଇ ମାସ ପରେ ରାଜ୍ୟରେ ପୁଣି ଦୈନିକ ସଂକ୍ରମଣ ୪ ଶହରୁ ଅଧିକ ରହିଛି । ସଦ୍ୟ ୪୨୪ କରୋନା ପଜିଟିଭ୍‌ଙ୍କ ମଧ୍ୟରେ ୧୮ ବର୍ଷରୁ କମ୍ ବର୍ଗର ୪୭ ଜଣ ଅଛନ୍ତି । ସେହିପରି ୨୪୬ ଜଣ କ୍ୱାରେଣ୍ଟାଇନ୍‌ରେ ଥିବା ବେଳେ ବାକି ୧୭୮ଟି ଲୋକାଲ୍ କେସ୍ । ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୧୫୧ ଜଣ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୨୯, ବରଗଡ଼ରୁ ୫, ଭଦ୍ରକରୁ ଜଣେ, ବଲାଙ୍ଗିରରୁ ୬, କଟକରୁ ୬୬, ଦେବଗଡ଼ରୁ ୪, ଢେଙ୍କାନାଳରୁ ୬, ଗଞ୍ଜାମରୁ ୩, ଜଗତସିଂହପୁରରୁ ୮, ଯାଜପୁରରୁ ୬, ଝାରସୁଗୁଡ଼ାରୁ ୧୪, କଳାହାଣ୍ଡିରୁ ୨, କେନ୍ଦ୍ରାପଡ଼ାରୁ ୨, କେନ୍ଦୁଝରରୁ ଜଣେ, କୋରାପୁଟରୁ ୩, ମାଲକାନଗିରିରୁ ୨, ମୟୂରଭଞ୍ଜରୁ ୪, ନବରଙ୍ଗପୁରରୁ ୫, ନୟାଗଡ଼ରୁ ୫, ପୁରୀରୁ ୧୨, ରାୟଗଡ଼ାରୁ ୨, ସମ୍ବଲପୁରରୁ ୨୨, ସୋନପୁରରୁ ୭ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨୭ ଜଣ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟ୍ ପୁଲ୍‌ରୁ ୩୧ ଜଣ ଚିହ୍ନଟ ହୋଇଛନ୍ତି ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଷୋଡ଼ଶ ଅଧିବେଶନ ସମାପିତ

ଭୁବନେଶ୍ୱର,୩/୧ (ନି.ପ୍ର): ରାଷ୍ଟ୍ରୀୟ ବିଚାରଧାରାର ସାରସ୍ୱତ ମଂଚ ଅଖିଳ ଭାରତୀୟ ସାହିତ୍ୟ ପରିଷଦର ୧୬ ତମ ଅଧିବେଶନ ଡିସେମ୍ବର ୨୫ ଓ ୨୬ ଦୁଇଦିନ ଧରି ଉତରପ୍ରଦେଶର ହରଦୋଇ ଜିଲ୍ଲାର ଅଲିପୁର ଗ୍ରାମରେ ଡ. ରାମ ମନୋହର ଲୋହିଆ ଡିଗ୍ରୀ ମହାବିଦ୍ୟାଳୟରେ ବିଶେଷ ବିଚାର ମନ୍ଥନ ସହିତ ସମାପନ ହୋଇଯାଇଛି । ଏହି ଦ୍ୱିଦିବସୀୟ ସମାବେଶରେ ଓଡ଼ିଶା ପ୍ରଦେଶର ବିଭିନ୍ନ ଜିଲ୍ଲାରୁ ମୋଟ୍ ୧୬ ଜଣ କବି ଲେଖକ ସଂଗଠନ ସମ୍ପାଦକ ଶ୍ରୀ ନାରାୟଣ ନାୟକ, ସଂଯୋଜକ ଶ୍ରୀ ରାମକୃଷ୍ଣ ତ୍ରିପାଠୀ ଓ ବିରଂଚି ନାରାୟଣ ଦାସଙ୍କ ନେତୃତ୍ୱରେ ଯୋଗଦାନ କରିଥିଲେ । ଉଦଘାଟନ ସତ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ଔପନ୍ୟାସିକ ପଦ୍ମଶ୍ରୀ ଏସ ଏଲ ଭୈରପ୍ପା ଭାରତର ସମୃଦ୍ଧ ଜ୍ଞାନ ପରମ୍ପରା ଓ ପୌରାଣିକ ସାହିତ୍ୟର ଆଲୋଚନା ବିସ୍ତୃତ ଭାବେ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର ଅଖିଳ ଭାରତୀୟ ବୌଦ୍ଧିକ ପ୍ରମୁଖ ଶ୍ରୀ ସ୍ୱାନ୍ତାରଞ୍ଜନ ସାହିତ୍ୟ ଭାରତ ଅନୁକୂଳ ହେବା ସମ୍ପର୍କରେ ମତ ପ୍ରଦାନ କରିଥିଲେ । ସାହିତ୍ୟର ପ୍ରଦେୟ ଆଧାରିତ ଏହି ସମାବେଶରେ ବିଭିନ୍ନ ସତ୍ରରେ ଯୋଗଦାନ କରିଥିବା ବିଶିଷ୍ଟ ଅତିଥିଗଣ ନିଜ ନିଜର ମୂଲ୍ୟବାନ ମତାମତ ଉପସ୍ଥାପନ କରିଥିଲେ ।

ଏହି ପ୍ରଥମ ସତ୍ରରେ ପରିଷଦର ୱେବସାଇଟ ଉନ୍ମୋଚନ କରିଥିଲେ ପୁଣେରୁ ଆସିଥିବା ପ୍ରଫେସର କ୍ଷିତିଶ ପାଟକୁଲେ । ଏହା ସହିତ ସାହିତ୍ୟ ପରିକ୍ରମା ପତ୍ରିକାର ’ସାହିତ୍ୟ କା ପ୍ରଦେୟ’ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା । ଏଥିରେ ସାରା ଦେଶର ଲେଖକ ଲେଖିକା ମାନଙ୍କର ଆଲେଖ ସ୍ଥାନ ପାଇଥିବା ବେଳେ ଓଡ଼ିଶାର ଲେଖକ ଶ୍ରୀ ରାମଚନ୍ଦ୍ର ପଟେଲ, ଡ. ସୂର୍ଯ୍ୟ ନାରାୟଣ ପଣ୍ଡା ଏବଂ ପ୍ରାକ୍ତନ ପ୍ରାଧ୍ୟାପକ ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଆଲେଖ ମଧ୍ୟ ସ୍ଥାନ ପାଇଛି । ପ୍ରଥମ ଦିବସର ବହୁଭାଷୀୟ କବିତାପାଠୋତ୍ସବରେ ଓଡ଼ିଶା ପ୍ରଦେଶର କବି ଶ୍ରୀ ନିତ୍ୟାନନ୍ଦ ବାରିକ, ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଶ୍ରୀ ସତ୍ୟନନ୍ଦ ବିଶ୍ୱାଳ, ସୁଶ୍ରୀ ସଂଯୁକ୍ତା ପରିଚ୍ଛା ଓ ସୁଶ୍ରୀ ସବିତା ଭୋଇ ନିଜ ନିଜର କବିତା ପାଠ କରିଥିଲେ । ବିଭିନ୍ନ ସତ୍ରରେ ପ୍ରମୁଖ ଅତିଥିଭାବେ ପରିଷଦର ପୂର୍ବ ଅଧ୍ୟକ୍ଷ ତଥା ସାଗର ବିଶ୍ୱବିଦ୍ୟାଳୟର କୁଳପତି ଡକ୍ଟର ବଳବନ୍ତ ଜାନୀ, ପରିଷଦର ପୂର୍ବ ଉପାଧ୍ୟକ୍ଷ ଡ ଦେବେନ୍ଦ୍ର ଚନ୍ଦ୍ର ଦାସ, ସାହିତ୍ୟ ପରିକ୍ରମାର ସମ୍ପାଦକ ଡ. ଇନ୍ଦୁଶେଖର ତତ୍ପୁରୁଷ, ମୋତିହାରୀ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଞ୍ଜୀବ ଶର୍ମା, ଶ୍ରୀ ଅଭିରାମ ଭଟ୍ଟ, ଡ ରାମସନେହୀ ଲାଲ, ଡ. ଜନାର୍ଦ୍ଦନ ଯାଦବ, ଡ. ଆଶା ତିୱାରୀ, ଡ. ସଞ୍ଜୟ ପଙ୍କଜ, ଲେଖକ କ୍ଷିତିଶ ପାଟକୁଲେ ପ୍ରମୁଖ ଉପସ୍ଥିତ ଥିଲେ । ଅଖିଳ ଭାରତୀୟ ସାହିତ୍ୟ ପରିଷଦର ସଂଗଠନ ମନ୍ତ୍ରୀ ଶ୍ରୀ ଶ୍ରୀଧର ପରାଡ଼କର ସଙ୍ଘର ଶତାବ୍ଦୀ ବର୍ଷେ, ସ୍ୱାଧୀନତାର ଅମୃତ ମହୋତ୍ସବ ଓ ଭାଷା ସାହିତ୍ୟରେ ଔପନିବେଶିକତାର ପ୍ରଭାବ ସମ୍ପର୍କରେ ବିସ୍ତୃତ ଆଲୋଚନା କରି କବି ସାହିତ୍ୟିକ ଓ ଲେଖକ ମାନଙ୍କୁ ସଚେତନ କରାଇବା ସହିତ ସ୍ୱଭାଷା, ସ୍ୱସଂସ୍କୃତି ଓ ସ୍ୱପରମ୍ପରା ସାହିତ୍ୟରେ ପ୍ରତିଫଳିତ ହେବା ଆବଶ୍ୟକ ବୋଲି ଦର୍ଶାଇ ଥିଲେ । ସ୍ଥାନୀୟ ଆୟୋଜକ ମାନଙ୍କ ଦ୍ୱାରା ପ୍ରାକୃତିକ ପରିବେଶ ମଧ୍ୟରେ ନିର୍ମିତ କୁଟୀର ସମୂହ ନୈମିଷାରଣ୍ୟର ଭ୍ରମ ସୃଷ୍ଟି କରୁଥିଲା । ଭୋଜନ ପରିବେଷଣ କଦଳୀ ପତ୍ରରେ ଓ ମାଟି ବାସନରେ କରାଯାଉଥିଲା । ଶୟନ ପାଇଁ ଖଟିଆ ବ୍ୟବସ୍ଥା କରାଯାଇଥିଲା । ଗୁରୁକୁଳର ପ୍ରତିକାତ୍ମକ ଦୃଶ୍ୟ ଓ ଯଜ୍ଞାଦି ଅନୁଷ୍ଠାନ ସମବେତ ସାରସ୍ୱତ ସାଧକମାନଙ୍କ ମଧ୍ୟରେ ଏକ ଦିବ୍ୟ ଅନୁଭୂତି ସଂଚାର କରିଥିଲା ।

କାର୍ଯ୍ୟକ୍ରମ ଅବସରରେ ଅମର ବଳିଦାନୀ ଶହୀଦ ମେଜର ପଙ୍କଜ ପାଣ୍ଡେଙ୍କ ପିତା ଶ୍ରୀ ଅବଧେଶ ପାଣ୍ଡେ ଏବଂ ମହାନ୍ କବି ସ୍ୱର୍ଗୀୟ ଶ୍ୟାମ ନାରାୟଣ ପାଣ୍ଡେଙ୍କ ଧର୍ମପତ୍ନୀ ଶ୍ରୀମତୀ ରମାବତୀ ପାଣ୍ଡେଙ୍କୁ ମଧ୍ୟ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ହିନ୍ଦୀ ରାଜଭାଷା ନିୟମକୁ କଡ଼ା କଡ଼ି ଭାବେ ପାଳନ କରିବା ଏବଂ ସରକାରୀ ନଥିପତ୍ରରେ ଦେଶର ନାମ ଇଣ୍ଡିଆ ପରିବର୍ତ୍ତେ ଭାରତ ପ୍ରଚଳନ କରିବା ପାଇଁ ପ୍ରସ୍ତାବ ଉପସ୍ଥାପନ କରାଯାଇଥିଲା । ସାଙ୍ଗଠନିକ ବ୍ୟବସ୍ଥା ଅନୁଯାୟୀ ତିନୋଟି ଦାୟିତ୍ୱ ପରିବର୍ତ୍ତନ ହୋଇଥିଲା ।

# ସମବାୟ ସମିତି ଏବଂ କ୍ଷୀର ଚାଷୀଙ୍କ ମଧ୍ୟରେ ବଢୁଛି ତିକ୍ତତା : ଓମ୍‌ଫେଡ୍‌କୁ ମିଳୁନି ଆବଶ୍ୟକତା ଅନୁସାରେ କ୍ଷୀର !

ଭୁବନେଶ୍ୱର ,୩/୧ (ନି.ପ୍ର): ସମବାୟ ସମିତି ଏବଂ କ୍ଷୀର ଚାଷୀଙ୍କ ମଧ୍ୟରେ ବିବାଦ ଓ ତିକ୍ତତାର ଫଳ ଓମ୍‌ଫେଡ୍ ଭୋଗୁଛି । ଓମ୍‌ଫେଡ୍‌କୁ ଦୈନିକ ୭ ଲକ୍ଷ ଲିଟର କ୍ଷୀରର ଆବଶ୍ୟକତା ଥିବା ବେଳେ ଏହି କାରଣରୁ ଦୈନିକ ପାଖାପାଖି ୨ ଲକ୍ଷ ଲିଟର କମ୍ ମିଳୁଛି । ଅପରପକ୍ଷେ ପ୍ରାପ୍ୟ କମ୍ ମିଳୁ ଥିବାରୁ କିଛି ଚାଷୀ ଅନ୍ୟ ଘରୋଇ ସଂସ୍ଥାକୁ କ୍ଷୀର ବିକି ଦେବା ମଧ ଏହାର ଅନ୍ୟ ଏକ କାରଣ ବୋଲି କୁହାଯାଉଛି ।

ସୂଚନା ଅନୁଯାୟୀ, ରାଜ୍ୟରେ ୩୬୦୦ରୁ ଅଧିକ ସମବାୟ ସମିତିରେ ପ୍ରାୟ ୩ ଲକ୍ଷ ୬୩ ହଜାର କ୍ଷୀର ଚାଷୀ ପଞ୍ଜୀକୃତ ହୋଇଛନ୍ତି । ଜାନୁଆରିରୁ ଏପ୍ରିଲ ମଧ୍ୟରେ ଏହି ଚାଷୀମାନଙ୍କଠାରୁ ୭ ଲକ୍ଷ ଲିଟର କ୍ଷୀର ସଂଗ୍ରହ ହୋଇଥାଏ । ଅକ୍ଟୋବରରୁ ଡିସେମ୍ବର ପର୍ଯ୍ୟନ୍ତ ଦୈନିକ ୪ଲକ୍ଷ ଲିଟର ସଂଗ୍ରହ ହୋଇଥାଏ । ତେବେ ଏହା ପଛରେ ଏକାଧିକ କାରଣ ଥିବା ସାମ୍ନାକୁ ଆସିଛି । ଅନେକ ସମୟରେ ଚାଷୀ ସମବାୟ ସମିତିକୁ କ୍ଷୀର ନଦେଇ ଘରୋଇ କମ୍ପାନିଗୁଡ଼ିକୁ କ୍ଷୀର ଦେବା ଫଳରେ ଏଭଳି ସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି । ଅନ୍ୟପକ୍ଷରେ ଓମଫେଡ୍ ବିଭିନ୍ନ ସମୟରେ ସେମାନଙ୍କ କ୍ଷୀର ନେଉ ନଥିବା ତଥା ସେମାନଙ୍କୁ କ୍ଷୀରର ଉଚିତ୍ ପ୍ରାପ୍ୟ ଦେଉନାହିଁ ବୋଲି କ୍ଷୀର ଚାଷୀମାନେ ଅଭିଯୋଗ କରୁଛନ୍ତି । ଏହି କାରଣରୁ କିଛି ଚାଷୀ ପ୍ରତିବାଦସ୍ୱରୂପ ରାସ୍ତାରେ କ୍ଷୀର ଢାଳି ପ୍ରତିବାଦ କରିବାର ଅନେକ ନଜିର ରହିଛି ।



ଆଉ ଏକ କାରଣ ହେଲା, ସମବାୟ ସମିତି ଏବଂ କ୍ଷୀର ଚାଷୀଙ୍କ ମଧ୍ୟରେ ସମ୍ପର୍କ କିଛି ବର୍ଷ ହେଲା ତିକ୍ତ ହେବାରେ ଲାଗିଛି । ପୂର୍ବରୁ ସମବାୟ ସମିତି ପକ୍ଷରୁ ଚାଷୀମାନଙ୍କୁ ଗୋ-ଖାଦ୍ୟ ପ୍ରଦାନ, ଗୋରୁଙ୍କ ଚିକିତ୍ସା ବ୍ୟବସ୍ଥା, ସ୍ୱାସ୍ଥ୍ୟ ଶିବିର ଆଦି ବିଭିନ୍ନ ପ୍ରକାର ଗୋ-ମଙ୍ଗଳମୟ କାର୍ଯ୍ୟକ୍ରମ କରାଯାଉଥିଲା । ମାତ୍ର କିଛି ବର୍ଷ ହେଲା, ତାହା ବନ୍ଦ ପଡ଼ିଛି । ତେଣୁ ସମବାୟ ସମିତି ବିରୋଧରେ ଚାଷୀଙ୍କ ଅସନ୍ତୋଷ ବୃଦ୍ଧି ପାଉଛି । ଅପରପକ୍ଷେ ସମବାୟ ସମିତିଗୁଡ଼ିକରେ କେବଳ ନିର୍ଦ୍ଦିଷ୍ଟ କିଛି ଚାଷୀଙ୍କ ପ୍ରଭାବ ରହୁଛି ଅଭିଯୋଗ ହେଉଛି । ଏଥିଯୋଗୁଁ ଚାଷୀ ଏହି ସମବାୟ ସମିତି ନିକଟରେ ପଞ୍ଜୀକୃତ ହୋଇଥିଲେ ମଧ୍ୟ ସେମାନଙ୍କଠାରୁ ଦୂରେଇ ଯାଉଛନ୍ତି ।

୨୦୧୨ ମସିହାରୁ ସମବାୟ ସମିତିଗୁଡ଼ିକରେ ଅଡିଟ୍ କରାଯାଇ ନଥିବାରୁ ପ୍ରକୃତରେ ଚାଷୀମାନଙ୍କ ପାଇଁ ଆସୁଥିବା ଟଙ୍କାକୁ ସେମାନେ କେଉଁଠାରେ ଖର୍ଚ୍ଚ କରୁଛନ୍ତି, ତାହା ଜଣାପଡୁନାହିଁ । ସେହିପରି ପ୍ରାପ୍ୟଜନିତ କିଭଳି ସମସ୍ୟା ରହୁଛି ଯେ ଚାଷୀ ସମବାୟ ସମିତିକୁ କ୍ଷୀର ନଦେଇ ଘରୋଇ କମ୍ପାନିକୁ ଦେବା ପାଇଁ ଚାହୁଁଛି, ତାହା ମଧ ବୁଝିବାକୁ କେହି ନାହାନ୍ତି । ଏ ସଂପର୍କରେ ଓମ୍‌ଫେଡ୍ ପକ୍ଷରୁ କୁହାଯାଇଛି, ବର୍ତ୍ତମାନ ପୂର୍ବ ଭଳି ସ୍ଥିତି ନାହିଁ ।

## ଦେଶ ସାଂପ୍ରଦାୟିକ...

(ପୃଷ୍ଠା ୪ର ଅବଶିଷ୍ଟାଂଶ)

ହଣାକଟା ଚାଲିଛି, ଜଳାପୋଡା ଚାଲିଛି, ଧର୍ମ ଓ ସାଂପ୍ରଦାୟିକତାର ଯୂପକାଠରେ ବଳିପଡିଛି ନିରୀହ ମଣିଷ । ଅନ୍ଧଧର୍ମର ଅଗ୍ନିକାଣ୍ଡରେ ଜଳିଯାଉଛି କେତେ କାହାର ପରିବାର । ସବୁଠି ଖାଲି ହା-ହୁତାଶ ଆଉ ହାହାକାର । ସମଗ୍ର ଦେଶ ଯେମିତି ମୁହାଇଁ ଯାଉଛି ଗୋଟାଏ ଅନ୍ଧମୁହାଣି ଆଡକୁ ... ସାଂପ୍ରଦାୟିକ ଫାସିବାଦର ଅତଳ ଆବର୍ତ ଗର୍ଭକୁ ! ଭାରତବର୍ଷର ସାଧାରଣ ମଣିଷ ଆଜି ଏଇ ଘନୀଭୁତ ଅନ୍ଧକାର ରାତ୍ରିରେ ବିକଳରେ ବାଟ ଅଣ୍ଡାଳୁଛି – ତା' ପାଇଁ ସାନ୍ତ୍ୱନା ନାହିଁ, ପଥ ନିର୍ଦ୍ଦେଶ ନାହିଁ - ନାହିଁ କେଉଁଠି ବିଶ୍ରାମର ଛୋଟ ଚଟିଘରଟିଏ ।

ଆଜି ଥିଲାବାଲା, ନଥିଲାବାଲା ମଧ୍ୟରେ ଲଢେଇ ଥମିଯାଇଛି । ନଥିଲାବାଲା ଲୋକେ ଦାରିଦ୍ର୍ୟ, ନିରକ୍ଷରତା, ଅଜ୍ଞତାର ଅନ୍ଧକାରରେ ଭୁଆଁ ବୁଲି ବିପଦବେଳେ ଭାଗ୍ୟ ଭଗବାନଙ୍କୁ ଗୁହାରି କରୁଛନ୍ତି । ଏହାର ସୁଯୋଗରେ ଦଳେ ଇଶ୍ୱର-ଆଲ୍ଲା, ରାମ-ରହିମ ନାଁରେ ଭୋଟ ବ୍ୟବସାୟ ଆରମ୍ଭ କରିଦେଇଛନ୍ତି । ହିଟ୍‌ଲରୀ ଫାସିବାଦ ଅପେକ୍ଷା ବର୍ତମାନର ଏ ସାଂପ୍ରଦାୟିକ ଫାସିବାଦ ଦେଶକୁ ଭୟଙ୍କର ବିପଦ ଆଡକୁ ଟାଣି ନେଉଛି । ସାଂପ୍ରଦାୟିକ ଶକ୍ତିମାନେ ମେଂଟ କରି ଫୁତ୍‌କାର ଛାଡୁଚନ୍ତି... ସେମାନଙ୍କ ହିଂସାର ହେଂତାଳରେ ଦେଶର ମାଟି, ପାଣି, ପବନ ଆଜି ଥରହର । ଧର୍ମନିରପେକ୍ଷ ବାମଗଣତାନ୍ତ୍ରିକ ଶକ୍ତିମାନଙ୍କ ମଧ୍ୟରେ ବାସ୍ତବ ମେଂଟ ଗଢି ଉଠିନି । ଏହି ସାମୁଖ୍ୟ ଯେତେ ଶିଘ୍ର ଗଢି ନ ଉଠିବ ଏହି ଅଦୃଶ୍ୟ ମହାବିପଦ ଦେଶକୁ ଧ୍ୱଂସ ଆଡକୁ ଟାଣିନେବ । ହୁସିଆର...

+ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩

## ଖୋର୍ଦ୍ଧା ଡାକ୍ତରଖାନାରେ ହାତୀପଲ ପ୍ରବେଶ : ରୋଗୀ ଆତଙ୍କିତ

ଖୋର୍ଦ୍ଧା, ୦୨/୦୧ (ନି.ପ୍ର): ଖୋର୍ଦ୍ଧା ମୁଖ୍ୟ ଡାକ୍ତରଖାନା ହାତୀ ପଲ କାଲି ତା ୨.୧.୨୨ ରେ ପ୍ରବେଶ କରିଥିବା ଯୋଗୁଁ ରୋଗୀମାନେ ଆତଙ୍କିତ ହୋଇଛନ୍ତି । ଏହି ଡାକ୍ତରଖାନାରେ ପାଚେରି ନଥାଇ ଖାଲି ତାର ବାଡ ଓ ଉତ୍ତର ଦିଗରେ ପାଚେରୀ ନାହିଁ । ଏହି ପାଚେରୀ କରିବା ପାଇଁ କେତେ ଜିଲ୍ଲା ପ୍ରଶାସନ ଗଲେଣି କାହାର ସାହାସ ନାହିଁ। ବହୁଥର ମାପହେଲାଣି ମାତ୍ର ନେତାଙ୍କ ଭୟରେ ଏହି ପାଚେରୀ ହୋଇ ପାରୁନାହିଁ। ସମସ୍ତ ଖୋର୍ଦ୍ଧା ବାସୀ, ଜିଲ୍ଲା ଜନସାଧାଣ ଜାଣନ୍ତି ଓ ଆମ ସବୁ ମିଡିଆ ଜାଣନ୍ତି ଓ ପ୍ରଶାସନକୁ ପାଚେରୀ ବାବଦରେ ପ୍ରଶ୍ନ କରିଛନ୍ତି। ଉତ୍ତର ମିଳେ ହେବ ଶୀଘ୍ର । ହାତୀ ପଶିବାପାଇଁ ସବୁ ସୁବିଧା ଅଛି । ହାତୀ କାହିଁକି ପଶୁଛନ୍ତି କାରଣ ସମସ୍ତେ ଜାଣନ୍ତି ମାତ୍ର ଚୁପ୍ । ଖୋର୍ଦ୍ଧା ସହର କେଉଁଠି ହାତୀ ପାସୁନାହାଁନ୍ତି କାରଣ ସବୁଠି ଦମ୍ବିଲାପାଚେରୀ ଅଛି । ଏସବୁ ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହେଉଛି ।

## ପ୍ରଥମ ଦିନରେ ୩ହଜାର୩୬୮ଜଣ କିଶୋର ନେଲେ ଟିକା

ପୁରୀ,୦୩/୦୧ (ନି.ପ୍ର): ଜିଲ୍ଲାରେ ୧୫ରୁ୧୮ ବର୍ଷ ବୟସ ପର୍ଯ୍ୟନ୍ତ କିଶୋର ମାନଙ୍କୁ କୋଭିଡ଼ି ଟିକା କରଣ ଆରମ୍ଭ ହୋଇଛି । କମଳାଦେବୀ ମାତୃମଙ୍ଗଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜିଲ୍ଲାପାଳ ସମର୍ଥ ବର୍ମା ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ଏହି ବୟସ ବର୍ଗର ୯୦ହଜାର୯୬୧ଜଣଙ୍କୁ କଭୋକ୍ସିନ ଟିକା ପ୍ରଦାନ କରାଯିବ। ଆସନ୍ତା ଏକମାସ ମଧ୍ୟରେ ଏହି ବୟସ ବର୍ଗର ସମସ୍ତଙ୍କୁ ଟିକା ଦେବାକୁ ଲକ୍ଷ୍ୟ ରଖାଯାଇଛି। ଆଜି ଟିକା ନେବା ପାଇଁ ଅନ୍ ଲାଇନ୍‌ରେ ୪ହଜାର ୩୦୦ଜଣଙ୍କ ପାଇଁ ସ୍ଲଟ ବୁକିଙ୍ଗର ବ୍ୟବସ୍ଥାଥିବାବେଳେ ୩ ହଜାର ୩୬୮ ଜଣ ଟିକା ନେଇଛନ୍ତି। ଅନ୍ ଲାଇନ୍ ସ୍ଲଟ ବୁକିଂ କରିଥିବା ଏବଂ ସିଧାସଳଖଭାବେ ଟିକା କରଣ କେନ୍ଦ୍ରକୁ ଆସୁଥିବା କିଶୋରମାନଙ୍କୁ ଟିକା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଟିକାକରଣ କେନ୍ଦ୍ରକୁ ଆଧାରକାର୍ଡ଼ କିମ୍ବା ବିଦ୍ୟାଳୟ ପରିଚୟ ପ୍ରମାଣପତ୍ର ଆଣିବାକୁ କିଶୋରମାନଙ୍କୁ ପରାମର୍ଶ ଦିଆଯାଇଛି। ପ୍ରାଥମିକଭାବେ ଜିଲ୍ଲାର ୧୧ଗୋଟି ବ୍ଲକ ସମେତ ପୁରୀ ସହରର କମଳାଦେବୀ ମାତୃମଙ୍ଗଳ କେନ୍ଦ୍ର,ଚନ୍ଦନ ହଜୁରୀ ଓ ସ୍ୱର୍ଗଦ୍ୱାର ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଟିକା ପ୍ରଦାନର ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡ଼ିଲେ ସ୍ୱତନ୍ତ୍ର ଅଭିଯାନ ସହାୟତାରେ ଏହି ବର୍ଗର ଶତପ୍ରତିଶତ ଟିକା କରଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ୨୦୨୨ର ଛାତ୍ର ସମାଜ ପାଇଁ ....

ମାଗଣା ନିଟ୍ ଏଡ଼ି-ଟେକ୍ କୋର୍ସ କୁପନ ବିତରଣ କରାଯାଇଛି । ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଛାତ୍ର ସମାଜକୁ ୨୦୨୨ ବର୍ଷ ଆରମ୍ଭର ସର୍ବଶ୍ରେଷ୍ଠ ଉପହାର । ଭାଷା ହେଉଛି ଭାରତର ମୂଳଶକ୍ତି । ଭାଷାକୁ ଜାତୀୟ ଶିକ୍ଷା ନୀତି(ଏନଇପି) ୨୦୨୦ରେ ମାତୃଭାଷା ଏବଂ ଆଂଚଳିକ ଭାଷାରେ ଶିକ୍ଷାକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି । ଆଜି ଶୁଭାରମ୍ଭ ହୋଇଥିବା ନିଟ୍ ୩.୦ ଭାରତୀୟ ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ। ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ(ଏଆଇସିଟିଇ) ଦ୍ୱାରା ଦେଶର ଛାତ୍ରଛାତ୍ରୀ ମାନଙ୍କୁ ସର୍ବୋତମ ବିକଶିତ ଶିକ୍ଷା ଏବଂ ବୈଷୟିକ ସମାଧାନ, ପାଠ୍ୟକ୍ରମ ତଥା ଆଂଚଳିକ ଭାଷାରେ ପ୍ରସ୍ତୁତ କରାଯାଇଥିବା ବୈଷୟିକ ପୁସ୍ତକ ପାଇଁ ଏକକ ପ୍ଲାଟଫର୍ମ ଯୋଗାଇବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଡିଜିଟାଲ ରୂପାନ୍ତରୀକରଣ ଆଜି 'ନ୍ୟୁ ନର୍ମାଲ୍' ହୋଇଛି। ତେଣୁ ଆମକୁ ଶିକ୍ଷାର କ୍ଷତି(ଲର୍ଣ୍ଣିଂ ଲସ୍) କୁ ଭରଣ କରିବା ପାଇଁ ସାମୂହିକ ଉଦ୍ୟମ କରିବାକୁ ହେବ। ଶିକ୍ଷା କ୍ଷତିକୁ ହ୍ରାସ କରିବା ପାଇଁ ଇ-କଂଟେଟ୍ ଏବଂ ନିଟ୍ ଭଳି ଡ଼ିଜିଟାଲ ଫ୍ରେମଓ୍ୱାର୍କ ଭଳି ବଳିଷ୍ଠ ପଦକ୍ଷେପ ନିଆଯାଇଛି। ଭାରତ ଏବଂ ବିଶ୍ୱର ୫୮ଟି ଷ୍ଟାଟଅପ୍ ଏଡ୍-ଟେକ୍ କମ୍ପାନୀ ନିଟ୍ ସହ ସଂଶ୍ଲିଷ୍ଟ ଅଛନ୍ତି । ୧୦୦ଟି ପାଠ୍ୟକ୍ରମ, ଶିକ୍ଷାର ଗୁଣବତାକୁ ବଜାୟ ରଖିବା ପାଇଁ ଇ-ରିସୋର୍ସ, ରୋଜଗାର ପାଇଁ ଆବଶ୍ୟକୀୟ ଦକ୍ଷତାର ବିକାଶ ତଥା ଶିକ୍ଷାର କ୍ଷତିକୁ ଭରଣ କରିବା ଦିଗରେ ଏହି କମ୍ପାନୀ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀ ସମାଜ ବିଶେଷ ଭାବରେ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ ଡ଼ିଭାଇଡକୁ ସମାଧାନ କରିବା ଦିଗରେ ନିଟ୍ ଏକ ଗେମ୍ ଚେଞ୍ଜର ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ "ମୋ ଜୀବନ ସେବେ ସାର୍ଥକ ହେବ ଯେବେ ମୋର ରାଜ୍ୟ ଓଡ଼ିଶାର ସନ୍ଥ କବି ଭୀମ ଭୋଇ ଏବଂ ଆଦିକବି ସାରଳା ଦାସଙ୍କ ରଚିତ ସାହିତ୍ୟ ମରାଠୀ ଓ ତାଲିମ ଭାଷା ସମେତ ଅନ୍ୟାନ୍ୟ ଭାରତୀୟ ଭାଷାରେ ଅନୁବାଦ କରି ପଢ଼ା ହେବ"। ଶ୍ରୀ ପ୍ରଧାନ କହିଛନ୍ତି ଯେ ଏକବଂଶ ଶତାବ୍ଦୀରେ ଭାରତ ବିଶ୍ୱର ଜ୍ଞାନ ଆଧାରିତ ଆବଶ୍ୟକତାକୁ ପୂରଣ କରିବ। ଏଆଇସିଟିକୁ ଦକ୍ଷତା କ୍ଷେତ୍ରରେ ଥିବା ସୁଯୋଗର ପୂର୍ଣ୍ଣ ବ୍ୟବହାର ପାଇଁ ନିଟକୁ ସ୍କିଲ ଇଣ୍ଡିଆ ସହ ମିଶି ପାଠ୍ୟକ୍ରମ ପ୍ରସ୍ତୁତ କରିବା ଦିଗରେ ଗୁରୁତ୍ୱାରୋପ କରିଛନ୍ତି ଶ୍ରୀ ପ୍ରଧାନ। ଏହି ପଦକ୍ଷେପ ନିଯୁକ୍ତିକୁ ଗତି ଦେବା ସହ ଯୁବପିଢ଼ିଙ୍କୁ ଆଗାମୀ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବ। ଏଆଇସିଟିଇ ଏବଂ ଏଡ୍-ଟେକ୍ କମ୍ପାନୀ ସ୍ୱଳ୍ପ ମୂଲ୍ୟରେ ଛାତ୍ରଛାତ୍ରୀ ମାନଙ୍କୁ ଇ-ରିସୋର୍ସ ପ୍ରଦାନ କରିବା ଦିଗରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଛି । ଏକବିଂଶ ଶତାବ୍ଦୀରେ ଭାରତ ବିଶ୍ୱ ଅର୍ଥନୀତିର ନେତୃତ୍ୱ ନେବ ଏବଂ ବାଣିଜ୍ୟ ଓ ଆର୍ଥିକ କାରବାର ପାଇଁ ସବୁଠୁ ଆକୃଷ୍ଟ ବଜାର ହେବ। ଆଂଚଳିକ ଭାଷାରେ ଶିକ୍ଷା ଯୁବପିଢିଙ୍କ ବୌଦ୍ଧିକ କ୍ଷମତା ବଢ଼ାଇବା ସହ ସେମାନଙ୍କୁ ବୈଶ୍ୱିକ ନାଗରିକ ଭାବେ ପ୍ରସ୍ତୁତ କରିବ। ଶିକ୍ଷାର ଉପଲବ୍ଧି ଏବଂ ସୁଲଭ ମୂଲ୍ୟରେ ଶିକ୍ଷା ପ୍ରଦାନ କରିବା ପାଇଁ ସମସ୍ତ ଏଡ-ଟେକ୍ନିକାଲ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ ।

### ପୌର ନିର୍ବାଚନ : ୫ ସୁଦ୍ଧା ଓ୍ୱାର୍ଡ ....

ବ୍ରହ୍ମପୁରରେ ୫ ତାରିଖ ସୁଦ୍ଧା ଓ୍ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ଚିଠା ତାଲିକା ପ୍ରକାଶ କରିବାକୁ କୁହାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ସରକାର ପୌର ଆଇନ ଓ ମହାନଗର ଆଇନରେ ଅଧାଦେଶ ଜରିଆରେ ସଂଶୋଧନ ଆଣିଛନ୍ତି। ଆଜି ସୁଦ୍ଧା ୧୦୭ ମ୍ୟୁନିସିପାଲିଟି ଓ ଏନଏସି ପାଇଁ ଆଜି ସୁଦ୍ଧା ଚିଠା ସଂରକ୍ଷଣ ତାଲିକା ପ୍ରକାଶ କରିବାକୁ କୁହାଯାଇଛି। ୧୨ ତାରିଖ ସୁଦ୍ଧା ଆପତି ଅଭିଯୋଗ ଏବଂ ୧୩ ତାରିଖରେ ଶୁଣାଣି ହୋଇ ୨୪ ତାରିଖରେ ଚୂଡାନ୍ତ ତାଲିକା ପ୍ରକାଶ ପାଇଁ ଏଥିରେ କୁହାଯାଇଛି। ସେହିପରି ୩ଟି ମହାନଗର ନିଗମ ଭୁବନେଶ୍ୱର, କଟକ ଓ ବ୍ରହ୍ମପୁରରେ ୫ ତାରିଖ ସୁଦ୍ଧା ଓ୍ୱାର୍ଡ ସୀମା ନିର୍ଦ୍ଧାରଣ ଓ ସଂରକ୍ଷଣ ନେଇ ଚିଠା ତାଲିକା ପ୍ରକାଶ କରିବାକୁ କୁହାଯାଇଛି। ୭ ତାରିଖ ସୁଦ୍ଧା ଆପତି ଅଭିଯୋଗର ଶୁଣାଣି ପାଇଁ ବିଜ୍ଞପ୍ତି ପ୍ରକାଶ କରି ୧୬ ତାରିଖ ସୁଦ୍ଧା ଶୁଣାଣି ଶେଷ କରିବାକୁ କୁହାଯାଇଛି।

### କନିଷ୍ଠ ଶିକ୍ଷକଙ୍କ ଦରମାରେ....

ଦରମାରେ ୫୦ ପ୍ରତିଶତ ବୃଦ୍ଧି କରାଯାଇଛି । ୨୦୨୨ ଜାନୁଆରୀ ପହିଲାରୁ ଏହି ବର୍ଦ୍ଧିତ ଦରମା କାର୍ଯ୍ୟକାରୀ ହେବ । ନିଷ୍ପତି ଅନୁଯାୟୀ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ ମାନଙ୍କ ବର୍ତମାନ ଦରମା ୭୪୦୦ ଟଙ୍କା ଥିବାବେଳେ ଏହା ୧୧,୦୦୦ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି କନିଷ୍ଠ ଶିକ୍ଷକ ମାନଙ୍କ ଦରମା ୯,୨୦୦ ଟଙ୍କ ଥିବାବେଳେ ଏହା ୧୩,୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଏଥିପାଇଁ ରାଜ୍ୟ ସରକାର ବର୍ଷକୁ ୧୬୮ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ନିଷ୍ପତି ଦ୍ୱାରା ୧୩,୩୨୪ ଜଣ ଚୁକ୍ତିଭିତିକ କନିଷ୍ଠ ଶିକ୍ଷକ ଉପକୃତ ହେବାବେଳେ, ୧୯,୭୧୪ କନିଷ୍ଠ ଶିକ୍ଷକ ଉପକୃତ ହେବେ । ସମୁଦାୟ ୩୩,୦୩୮ ଜଣ କନିଷ୍ଠ ଶିକ୍ଷକଙ୍କ ଦରମାରେ ବୃଦ୍ଧି ହେବ।

### ପଞ୍ଚାୟତ ନିର୍ବାଚନରେ ସଂରକ୍ଷଣକୁ....

ବ୍ଲକର ଅଧକ୍ଷ ପଦବୀ ଆଦିବାସୀଙ୍କ ପାଇଁ ସରଂକ୍ଷଣ କରିବାକୁ ଦାବି ଜଣାଇଛନ୍ତି । ତେବେ ସୁପ୍ରିମକୋର୍ଟଙ୍କ ନିୟମ ଅନୁସାରେ ସଂରକ୍ଷଣ ତାଲିକା ପ୍ରସ୍ତୁତ କରାଯାଇଥିବା କହିଛନ୍ତି ଜିଲ୍ଲାପାଳ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ମଧ ଦେଖିବାକୁ ମିଳିଥିଲା ସମାନ ଦୃଶ୍ୟ । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରକାଶ ପାଇଥିବା ସଂରକ୍ଷଣ ତାଲିକାରେ ଆଦିବାସୀଙ୍କ ପ୍ରତି ଅବିଚାର କରାଯାଇଥିବା ଅଭିଯୋଗ ଆଣି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ବହୁ ସଂଖ୍ୟାରେ ଆଦିବାସୀ । କଙ୍କଡାହାଡ ବ୍ଲକ ମିଳିତ ଆଦିବାସୀ ସଂଘ ପକ୍ଷରୁ କାମାକ୍ଷାନଗରରେ ଶୋଭାଯାତ୍ରା ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପ୍ରତିବାଦ ସଭା କରାଯାଇଛି । ଆଦିବାସୀମାନଙ୍କ ପାଇଁ ସ୍ଥାନ ସରଂକ୍ଷଣ କରିବା ନେଇ ଏକ ଦାବିପତ୍ର ଉପ ଜିଲ୍ଲାପାଳଙ୍କୁ ଦେଇଛନ୍ତି । ତେବେ ବଲାଙ୍ଗୀର ଓ କାମାକ୍ଷାନଗର ଭଳି ରାଜ୍ୟର ବିଭିନ୍ନ ସ୍ଥାନରେ ସଂରକ୍ଷଣ ତାଲିକାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି । ଯାହାକୁ ସମାଧାନ କରିବା ସରକାର ପାଇଁ ବଡ ଚ୍ୟାଲେଞ୍ଜ ହେବ ।

## ୨୦ କୋଟି ଟଙ୍କା ବ୍ୟୟରେ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଏବଂ ଟ୍ରେନିଂ ଏକ୍ସଟେନ୍ସନ୍ ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନ

ବାଲେଶ୍ୱର,୦୨/୦୧(ନି.ପ୍ର): ଆଜି ବାଲେଶ୍ୱରର ଆଇ.ଟି.ଆଇ କ୍ୟାମ୍ପସ ପରିସରରେ ୨୦ କୋଟି ଟଙ୍କା ବ୍ୟୟରେ ସେଣ୍ଟ୍ରାଲ୍ ଟୁଲ୍ ରୁମ୍ ଏବଂ ଟ୍ରେନିଂ ଏକ୍ସଟେନ୍ସନ୍ ସେଣ୍ଟରର ଭିତ୍ତି ପ୍ରସ୍ତର ସ୍ଥାପନର ଶୁଭ ଶିଳାନ୍ୟାସ ଅବସରରେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ମାନ୍ୟବର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏବଂ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ସଦର ବିଧାୟକ ଶ୍ରୀଯୁକ୍ତ ସ୍ୱରୂପ କୁମାର ଦାସ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ସି.ଟି.ଟି.ସି. ଭୁବନେଶ୍ୱରର ଜି.ଏମ. ଏଲ. ରାଜଶେଖର ସ୍ୱାଗତ ଭାଷଣ ରଖିଥିବା ବେଳେ ସି.ଟି.ଟି.ସି. ଭୁବନେଶ୍ୱର ସେଲସ ଏବଂ କନସଲଟନସିର ସିନିଅର ମେନେଜର ଡ଼. ଏସ. କେ. କର ଅତିଥିଙ୍କୁ ମଞ୍ଚ ଆରହଣ କରାଇଥିଲେ ଏବଂ ସି.ଟି.ଟି.ସି. ଭୁବନେଶ୍ୱରର ସିନିଅର ମେନେଜର କେ. ଏମ ରାଜନ ଧନ୍ୟବାଦ ଅର୍ପଣ କରିଥିଲେ।

## ଜବାହର ନବୋଦୟ ବିଦ୍ୟାଳୟ ଅଧକ୍ଷଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା




ପାରାଦ୍ୱୀପ, ୦୨/୦୧ (ନି.ପ୍ର): ଜବାହର ନବୋଦୟ ବିଦ୍ୟାଳୟ, ସାଇଲୋ, ରାହାମାରେ ଅଧକ୍ଷ ଶ୍ରୀ ଅତୁଲ କୁମାର ରାଏ ତାଙ୍କ ସରକାରୀ ଦାଇତ୍ୱରୁ ୩୧/୧୨/୨୦୨୧ରେ ଅବସର ନେଉଥିବାରୁ ବିଦ୍ୟାଳୟ ସମସ୍ତ ଅଧାପକ ଅଧାପିକା, ଅଭିଭାବକ ଅଭିଭାବିକା ଓ ନୂତନ ଭାବେ ବିଦ୍ୟାଳୟର ଅଧକ୍ଷ କାର୍ଯ୍ୟଭାର ଗ୍ରହଣକରିଥିବା ଶ୍ରୀ ଅଧୀର କୁମାର ନାୟକ ଇଂରାଜୀ ଶିକ୍ଷକ ସମସ୍ତ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରିଥିଲେ। ସ୍ନାତକୋତ୍ତର 'ଗଣିତ'ଶିକ୍ଷକଭାବେ ନିଜ ଶିକ୍ଷାମୟ ଜୀବନ ଆରମ୍ଭକରି ବିଦ୍ୟାଳୟର ଅଧକ୍ଷ ପର୍ଯ୍ୟନ୍ତ ଦୀର୍ଘ ଏକତିରିଶ ବର୍ଷର କର୍ମମୟ ଯାତ୍ରାରେ ଜଗତସିଂହପୁର ମାଟିରପୁଅ ଶ୍ରୀ ଅତୁଲ କୁମାର ରାଏ ୩୧ଡିସେମ୍ବର ୨୦୨୧ରେ ଅବସର ଗ୍ରହଣ କରିଥିଲେ । ଏହି କର୍ମଯୋଗୀଙ୍କ ଅବସର ବିଦ୍ୟାଳୟରେ ଏକ ବିରାଟ ଶୂନ୍ୟସ୍ଥାନ ସୃଷ୍ଟିକରିଅଛି ଓ ତାଙ୍କର କର୍ମ ବିଦ୍ୟାଳୟ ପାଇଁ ଏକ ମାଇଲଷ୍ଟୋନ ହୋଇ ରହିବ। କୋଭିଡ ୧୯ର ସମସ୍ତ ମାର୍ଗଦର୍ଶନ ପାଳନକରି ବିଦ୍ୟାଳୟ ପ୍ରାଙ୍ଗଣରେ ଏହି ବିଦାୟୀ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ସଂଗୀତ,ନୃତ୍ୟ,କଥା ଓ କବିତା ହସ କାନ୍ଦ ଓ ମାନସ ମନ୍ଥନର ବିଭିନ୍ନ କାର୍ଯ୍ୟକ୍ରମ ମାଧମରେ ଏହି ଛାତ୍ରଛାତ୍ରୀ ମାନେ ବତ୍ସଳ ଅଧକ୍ଷଙ୍କୁ ବିଦାୟ ଜଣାଇଥିଲେ , ଯାହା ସ୍ମରଣୀୟ ହୋଇ ରହିବ । ନୂତନରୂପେ ଅଧକ୍ଷ ଦାଇତ୍ୱ ଗ୍ରହଣ କରିଥିବା ଶ୍ରୀ ଅଧୀର କୁମାର ନାୟକ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶ୍ରୀ ସଞ୍ଜୟ କୁମାର ଜେନା ଓ ଅନ୍ୟାନ୍ୟ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତକର୍ମଚାରୀ ଗଣ ବିଶିଷ୍ଟ ସମାଜସେବୀ ତଥା ମାନବିକ ଅଧିକାର ଉପରେ ରୁଚିରଖୁଥିବା ବିଦ୍ୟାଳୟରେ ଶୁଭଚିନ୍ତକ ଡ଼ଃ ସୁନାକାର ବେହେରା ଏହି ବିଦାୟୀ ସଭାରେ ଉପସ୍ଥିତଥିଲେ ଓ ବରିଷ୍ଠ ଶିକ୍ଷକ ଶ୍ରୀ ସିମାଞ୍ଚଳ ଗୌଡ଼ ହିନ୍ଦୀ ପ୍ରାଧାପକ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବରିଷ୍ଠ ଶିକ୍ଷକ ଶ୍ରୀ ପ୍ରଦୀପ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଗନ୍ନାଥ ମନ୍ଦିରରେ ବଙ୍ଗୀୟ ପର୍ଯ୍ୟଟକଙ୍କୁ ଦୁର୍ବ୍ୟବହାର ଅଭିଯୋଗ

### ଫଟୋ ଉଠାଇବା ନାମରେ ଟଙ୍କା ଦାବି କଲେ

ନୀଳଗିରି, ୦୩/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ତୃତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ନୀଳଗିରିକୁ ଏବେ ବହୁମାତ୍ରାରେ ପର୍ଯ୍ୟଟକମାନେ ବୁଲିବାକୁ ଆସୁଛନ୍ତି । ହେଲେ ପର୍ଯ୍ୟଟକ ମାନଙ୍କୁ ଯଦି ମନ୍ଦିର ଭଳି ପବିତ୍ର ସ୍ଥାନରେ ପୂଜକମାନେ ଦୁର୍ବ୍ୟବହାର କରନ୍ତି ତାହେଲେ ପର୍ଯ୍ୟଟକମାନଙ୍କ ଆସ୍ଥା ନୀଳଗିରି ପ୍ରତି ତୁଟିଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ ନୀଳଗିରି ଜଗନ୍ନାଥମନ୍ଦିର, ରାଜବାଟି, ରଘୁନାଥ ଜୀଉ ମଠ, ଚଣ୍ଡିମନ୍ଦିର, ପଂଚଲିଙ୍ଗେଶ୍ୱର, କୁଲଡିହା ଅଭୟାରଣ୍ୟ କୁ ଦୈନନ୍ଦିନ ବଙ୍ଗୀୟ ପର୍ଯ୍ୟଟକ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପର୍ଯ୍ୟଟକମାନେ ବୁଲି ଆସୁଛନ୍ତି । ଆଜି ପଶ୍ଚିମବଙ୍ଗ ଅଂଚଳରେ ଏକ ପରିବାର ନୀଳଗିରି ଜଗନ୍ନାଥ ମନ୍ଦିର ଦର୍ଶନ କରିବାକୁ ଯାଇଥିବା ବେଳେ ଜଣେ ଯୁବତୀ ଫଟୋ ଉଠାଉଥିଲେ । ମନ୍ଦିର ଭିତରେ ଫଟୋ ଉଠାଇବା ବାରଣ ଥିବାରୁ ଜଣେ ପୂଜକ ତାଙ୍କୁ ଗାଳିଗୁଲୋଜ କରି ମୋବାଇଲ ଛାଡ଼ଇବା ସହ ୨୦୦ ଟଙ୍କା ଜୋରିମାନା ମାଗିଥିଲେ । ହେଲେ ଯୁବତୀ ଜଣକ ହାତଯୋଡ଼ି କ୍ଷମା ମାଗିବା ସହ ଜୋରିମାନା ଯଦି ଦେବି ତାହଲେ ପରିଚ୍ଛଳନା ଅଧିକାରୀଙ୍କୁ ଦେବି ବୋଲି କହିବାରୁ ପୂଜକ ହଡ଼ବଡ଼େଇ ଯାଇ ତାଙ୍କୁ ଛାଡ଼ି ଦେଇଥିଲେ। ପରେ ମହିଳା ଜଣକ ୨୦ ଟଙ୍କା ଦାନ ଦେଉଥିବା ବେଳେ ପୂଜକ ଜଣକ ତାଙ୍କୁ ୧୦୦ ଟଙ୍କା ଦିଅ ବୋଲି କହିଥିଲେ । ମହିଳା ଜଣକ ମୁଁ ଖୁସିରେ ଯାହା ଦେବି ମୋ ପାଖରେ ଆଉ ନାହିଁ କହିବାରୁ ପୂଜକ ତାଙ୍କୁ ଭିକ ମାଗି ଦିଅ ବୋଲି କହିଥିଲେ । ଏଭଳି ଦୁର୍ବ୍ୟବହାର ପାଇ ପରିବାର ଲୋକେ ଆସି ବାହାରେ କିଛି ଅଂଚଳବାସୀଙ୍କୁ କହିବାରୁ ସେମାନେ ଭୟଭୀତ ହୋଇଯାଇଥିଲେ । ଆମେ ହାତ ଯୋଡୁଛୁ ସେହି କାଳିଆ ପାଖରେ ବୋଲି କହିବା ସହ ପର୍ଯ୍ୟଟକମାନଙ୍କୁ ଦୁର୍ବ୍ୟବହାର ଠିକ ନୁହେଁ ବୋଲି କହିଥିଲେ । ପରେ ଘଟଣାକୁ ନେଇ ଠାକୁରମାହାଲ ନିର୍ବାହୀ ଅଧିକାରୀ ବିଷ୍ଣୁମୋହନ ଆଚାର୍ଯ୍ୟଙ୍କୁ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣାକୁ ନେଇ କୌଣସି ଅଭିଯୋଗ ପାଇନାହାନ୍ତି ବୋଲି କହିଛନ୍ତି । ପର୍ଯ୍ୟଟକମାନେ ହେଉଛନ୍ତି ଆମର ଅତିଥି । ସେମାନଙ୍କୁ ସଠିକ୍ ବ୍ୟବହାର କରିବା ମାନବିକତାର ପରିଚୟ । ଯଦି ଏଭଳି ଅଭିଯୋଗ ଆସେ ତାହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

## ମହାପ୍ରଭୁଙ୍କ ଆଶୀର୍ବାଦ ଲୋଡ଼ିଲେ ପୁଲିସ ମହାନିର୍ଦ୍ଦେଶକ

ପୁରୀ,୦୩/୦୧ (ନି.ପ୍ର): ନବନିଯୁକ୍ତ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ ଆଜି ସପତ୍ନୀକ ପୁରୀ ଗ୍ରସ୍ତରେ ଆସି ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିଛନ୍ତି। ଗତ ୩୧ ତାରିଖରେ ପୁଲିସ ମହାନିର୍ଦ୍ଦେଶକ ଦାୟିତ୍ୱ ଗ୍ରହଣ କରିଥିବା ଶ୍ରୀବଂଶଲ ସିଂହଦ୍ୱାର ନିକଟରେ ପହଞ୍ଚିବା ପରେ ପୁରୀ ପୁଲିସ ପକ୍ଷରୁ ତାଙ୍କୁ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଦେଇ ସ୍ୱାଗତ କରାଯାଇଥିଲା। କଡ଼ା ସୁରକ୍ଷା ବଳୟ ମଧ୍ୟରେ ଶ୍ରୀ ବଂଶଲ ସପତ୍ନୀକ ଶ୍ରୀମନ୍ଦିରକୁ ଯାଇ ରତ୍ନସିଂହାସନରେ ଚତୁର୍ଦ୍ଧାମୂର୍ତ୍ତିକୁ ଦର୍ଶନ କରିଥିଲେ। ଶ୍ରୀମନ୍ଦିର ପରିଦର୍ଶନ ସମୟରେ ପୁଲିସ ଡ଼ିଜି ଶ୍ରୀବଂଶଲଙ୍କ ସହିତ ଏଡ଼ିଜି ରାଧାକ୍ରିଷ୍ଣ ଶର୍ମା,କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଓ ପୁରୀ ଏସ୍‌ପି କନଓ୍ୱାର ବିଶାଳ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

## ରାମଗଡ଼ ସେକ୍ଟରରୁ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ

ସାମ୍ବା, ୦୩/୦୧ (ନି.ପ୍ର): ଜାମ୍ମୁ କାଶ୍ମୀରର ସାମ୍ବା ଜିଲ୍ଲାର ଅନ୍ତର୍ଜାତୀୟ ସୀମାରେ ଥିବା ରାମଗଡ଼ ସେକ୍ଟରରୁ ବିଏସଏଫ ଯବାନମାନେ ବହୁ ସଂଖ୍ୟକ ଅସ୍ତ୍ରଶସ୍ତ୍ର ଏବଂ ବିପୁଳ ପରିମାଣର ଗୁଳି ଜବତ କରିଛନ୍ତି । ସୈନିକ ମାନେ ନିଶା ଜାତୀୟ ଦ୍ରବ୍ୟ ମଧ୍ୟ ଜବତ କରିଛନ୍ତି । ଏଥି ସହିତ ଅସ୍ତ୍ରଶସ୍ତ୍ର ଉଦ୍ଧାର ହେବା ପରେ ବିଏସଏଫ ସ୍ଥାନୀୟ ପୋଲିସ ସହ ଆଖପାଖ ଅଂଚଳରେ ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲା। ସୋମବାର ଦିନ ସାମ୍ବା ଜିଲ୍ଲାର ଆନ୍ତର୍ଜାତୀୟ ସୀମା ନିକଟରେ ଥିବା ରାମଗଡ଼ ସେକ୍ଟରରେ ବିଏସଏଫର ୨୯ ବାଟାଲିୟନ କମଚାରୀ ପେଟ୍ରୋଲିଂ କରୁଥିଲେ । ଏହି ସମୟରେ ସୈନିକମାନେ ବୁଦା ମଧ୍ୟରେ ଏକ ବ୍ୟାଗକୁ ଦେଖିଥିଲେ । ସୈନିକମାନେ ବ୍ୟାଗଟିକୁ ସାବଧାନତାର ସହ ବାହର କରି ପରୀକ୍ଷା କଲେ। ସେଥିରେ ଅସ୍ତ୍ର ଶସ୍ତ୍ର ସହିତ ଡ୍ରଗ୍ସ ମଧ୍ୟ ରଖାଯାଇଥିଲା ।

## କୃଷକ ସାଥି ପ୍ରଡ୍ୟୁସର କମ୍ପାନୀର ବୈଠକ

ବାରିପଦା, ୦୩/୦୧ (ନି.ପ୍ର): ବାରିପଦା ମିଳନଦେବୀ ଆଇ.ଟି.ଆଇ. ସଭାକକ୍ଷରେ ଆଜି ଅପରାହ୍ନରେ କୃଷକ ସାଥି ପ୍ରଡ୍ୟୁସର କମ୍ପାନୀର ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ବୈଠକରେ ନିର୍ଦ୍ଦେଶକ ଛୋଟେଲାଲ ମହାନ୍ତ, ଅଶ୍ୱନୀ କୁମାର ମହାନ୍ତ, ଶିଶିର କୁମାର ମହାନ୍ତ, ଭାରତୀ ନାୟକ, ମୃତ୍ୟୁଞ୍ଜୟ ସରଦାର, ଲକ୍ଷ୍ମୀଧର ମହାନ୍ତ, ହରିପଦ ମହାନ୍ତ, ସତ୍ୟଭାମା ମହାନ୍ତ, ରଞ୍ଜନ କୁମାର ମହାନ୍ତ, ଜଗନ୍ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ ଆଗାମୀ କାର୍ଯ୍ୟପନ୍ଥା ଓ ସଭ୍ୟ ସଂଗ୍ରହ ବିଷୟରେ ସବିଶେଷ ଆଲୋଚନା ମାନ କରିଥିଲେ ।

## ମଥରାରୁ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରାର୍ଥୀ କରିବାକୁ ଦାବି

ନୂଆଦିଲ୍ଲୀ, ୦୩/୦୧ (ନି.ପ୍ର): ଆସନ୍ତା ବିଧାନସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ମଥୁରାରୁ ପ୍ରାର୍ଥୀ କରିବାକୁ ରାଜ୍ୟସଭା ସାଂସଦ ହରନାଥ ସିଂ ଯାଦବ ଭାରତୀୟ ଜନତା ପାର୍ଟି (ବିଜେପି)ର ସଭାପତି ଜେ.ପି. ନଡ୍ଡାଙ୍କୁ କହିଛନ୍ତି । ସେ କହିଛନ୍ତି ଯେ, ଭଗବାନ ଶ୍ରୀକୃଷ୍ଣ ନିଜେ ତାଙ୍କୁ ଏହି ଦାବି ପାଇଁ ପ୍ରେରଣା ଦେଇଛନ୍ତି ।

## ବାରିପଦା ବ୍ଲକରେ କର୍ମୀ ସମାବେଶ ଓ ମିଶ୍ରଣ ପର୍ବ



ବାରିପଦା, ୦୩/୦୧ (ନି.ପ୍ର): ବାରିପଦା ନିର୍ବାଚନ ମଣ୍ଡଳୀର ୩୦ ନମ୍ବର ଜିଲ୍ଲାପରିଷଦ ଜୋନ୍ ସ୍ତରୀୟ ବିଜୁ ଜନତା ଦଳର କର୍ମୀ ସମାବେଶ ଅନୁଷ୍ଠିତ ହୋଇଯାଇଅଛି । ୫ଗୋଟି ପଂଚାୟତକୁ ନେଇ ୩୦ ନମ୍ବର ଜିଲ୍ଲାପରିଷଦ ଜୋନ୍ ବାଙ୍କିଶୋଲ ସ୍ଥିତ କୋଲନି ସାହିରେ ରାଜ୍ୟ ଖୋଦି ଓ ଗ୍ରାମ୍ୟଉଦ୍ୟୋଗ ତଥା ବାରିପଦା ବ୍ଲକ ବିଜୁ ଜନତା ଦଳର ସଂଯୋଜକ ସରୋଜ କୁମାର ବୋଷଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ରାଜସ୍ୱ ବିପର୍ଯ୍ୟୟ ପ୍ରଶମନ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାର୍ଣ୍ଡି, ପୂର୍ବତନ ଉପ-ବାଚସ୍ପତି ଶ୍ରୀଯୁକ୍ତ ସାନନ୍ଦ ମାର୍ଣ୍ଡି, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସୋରଜିନୀ ହେମ୍ବ୍ରମ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ତଥା ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ଡ.ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ଭାଦବ ହାଁସଦାଃ, ବିଜୁ ମହିଳା ଜନତା ଦଳ ମୟୂରଭଞ୍ଜ-୧ର ସଭାନେତ୍ରୀ ଦୀପ୍ତିଲତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ଆଗାମି ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ୩୦ ନମ୍ବର ଜୋନ ବିଜୁ ଜନତା ଦଳ ବହୁ ମାତ୍ରାରେ ଭୋଟ୍ ନେଇ ଆସନଟିକୁ ଜିତିବ ବୋଲି ଦୃଢ଼କ୍ତି ପ୍ରକାଶ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ସଭାପତି ଦିଲ୍ଲୀପ ପାତ୍ର, ବାରିପଦା ବ୍ଲକର ଅଧକ୍ଷ ପାର୍ବତୀ ହେମ୍ବ୍ରମ, ଉପାଧକ୍ଷ ରବିନ୍ଦ୍ର ମହାନ୍ତ, ଶ୍ରାବଣୀ ଦାସ, ଗୀତାରାଣୀ ବେହେରା, ଛାତ୍ର ସଭାପତି ସୁନିଲ ନାୟକ, ରାଜ୍ୟ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ଦାସ, ପ୍ରଭାତ ନାଏକ, ସୁନ୍ଦର ସିଂ, ନରେନ୍ଦ୍ର ହାଁସଦାଃ, ରାଜୀବ ଜେନା, ବୈଦନାଥ ସାହୁ, ଯୁବ ନେତା ନେଲସନ୍ ମାର୍ଣ୍ଡି, ସମିତି ସଭ୍ୟ ଗୌତମ ସିଂ, ସମାଜସେବୀ ଅମର ସେଠୀ, ନିରଞ୍ଜନ ନାୟକ, ସରପଂଚ ସାଲାଇ ହେମ୍ବ୍ରମ, ବିଡିଓ ଭକ୍ତା, ବିଶ୍ୱନାଥ ଟୁଡୁ, ଭିସ୍ମ ମହାନ୍ତ, ଚୈତନ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଲୋକାଭିମୁଖି କାର୍ଯ୍ୟକ୍ରମ ତଥା ରାଜ୍ୟର ବିକାଶକୁ ଅଥୟ କରି ଭାରତୀୟ ଜନତା ପାର୍ଟିର ବହୁତ ତୁଙ୍ଗ ନେତା ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ପୂର୍ବତନ ସରପଂଚ ସିମନ ହାଁସଦାଃ, ରଜାବସାର ସରପଂଚ ରୁହ୍ୟା ହେମ୍ବ୍ରମ୍,ଭାରତୀୟ ଜନତା ପାର୍ଟିର ମହିଳା ନେତ୍ରୀ ସଂଧ୍ୟାରାଣୀ ସାହୁ, କାଳୀ ଚରଣ ହେମ୍ବ୍ରମ୍, ବୁଧାୟ ହାଁସଦାଃ, ରାମଚନ୍ଦ୍ର ହେମ୍ବ୍ରମଙ୍କ ସହିତ ଶତାଧିକ ଭାରତୀୟ ଜନତା ପାର୍ଟିରକର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ଉକ୍ତ ସଭାରେ ସମସ୍ତ ପଂଚାୟତର ବିଜୁ ଜନତା ଦଳ, ବିଜୁ ମହିଳା ଜନତା ଦଳ. ବିଜୁ ଛାତ୍ର ଜନତା ଦଳ, ବିଜୁ ଯୁବ ଜନତା ଦଳର ସଭାପତି ଏବଂ ସୋସିଆଲ୍ ମିଡିଆ କୋ-ଅଡିନେଟର ମାନେ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ଜଗାଦର୍ଶନ କରି ଭକ୍ତ ବିଭୋର

ପୁରୀ,୦୩/୦୧ (ନି.ପ୍ର): ତିନିଦିନ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ଆଜି ଚଳଚଞ୍ଚଳ ହୋଇଛି। ଜଗନ୍ନାଥ ପ୍ରେମୀ ଭକ୍ତମାନେ ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଶ୍ରୀଜିଉମାନଙ୍କୁ ଦର୍ଶନ କରିଛନ୍ତି। ଗତକାଲି ୧୧ଟା ୪୫ରେ ରାତ୍ର ପହୁଡ଼ ହୋଇଥିଲା। ଆଜି ଭୋର ୩ଟା ୪୦ରେ ଶ୍ରୀମନ୍ଦିରର ଦ୍ୱାର ଫିଟିଥିଲା । ୪ଟା୧୦ରେ ଭିତରଶୋଧ ୪ଟା୨୦ର ମଙ୍ଗଳଆଳତି, ସକାଳ୫ଟା୨୫ ମଧ୍ୟରେ ଅବକାଶ ଶେଷ ହୋଇଥିଲା। ମରିଚିକୋଟ ଛକରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ହୋଇଥିବା ବ୍ୟାରିକେଡ ମଧ୍ୟରେ ଶ୍ରଦ୍ଧାଳୁମାନେ ସିଂହଦ୍ୱାରଦେଇ ଶ୍ରୀମନ୍ଦିରକୁ ଯାଇଥିଲେ। ଦର୍ଶନାର୍ଥୀମାନେ କୋଭିଡ଼ ନିୟମ ଅନୁପାଳନ ପୂର୍ବକ ବ୍ୟାରିକେଡ଼ ଓ ଶ୍ରୀମନ୍ଦିର ପରିସରରେ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପରାମର୍ଶ ଦିଆଯାଇଥିଲା। ଚଳିତ ବର୍ଷର ଶେଷ ଦିବସ ଡ଼ିସେମ୍ବର ୩୧ଶୁକ୍ରବାର,୨୦୨୨ ନବବର୍ଷର ପ୍ରଥମ ଦିବସ ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ବନ୍ଦ ରହିଥିଲା। ଏଥିସହ ପୂର୍ବନିଷ୍ପତ୍ତି ଅନୁଯାୟୀ ପ୍ରତ୍ୟେକ ରବିବାର ଶ୍ରୀମନ୍ଦିର ଦର୍ଶନାର୍ଥୀଙ୍କ ଲାଗି ବନ୍ଦ ରହିଥିବାରୁ ବାହାରୁ ଆସିଥିବା ବହୁ ପର୍ଯ୍ୟଟକ ବଡ଼ଦେଉଳରେ ଶ୍ରୀଜିଉମାନଙ୍କ ଦର୍ଶନରୁ ବଞ୍ଚିତ ହୋଇ ଦର୍ଶନ ଲାଗି ଅପେକ୍ଷା କରି ରହିଥିଲେ।

## ମଦ ବିରୋଧରେ ତାତିଲେ ମହିଳା ସଂଗଠନ



ବସ୍ତା, ୦୩/୦୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ନଟାକଟା ପଞ୍ଚାୟତ ର ବସନ୍ତ ପୁର ଇନ୍ଦିରାଛକଠାରେ ପ୍ରସ୍ତାବିତ ମଦଦୋକାନ ବିରୋଧରେ ସ୍ଥାନୀୟ ତିନୋଟି ପଞ୍ଚାୟତ ର ଏସ ଏଚ ଜି ଗ୍ରୁପର ମହିଳା ମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମଦଦୋକାନ ତୁରନ୍ତ ବନ୍ଦ କରିବାକୁ ତିନୋଟି ପଞ୍ଚାୟତ ର ସମସ୍ତ ଏସ ଏଚ ଜି ଗ୍ରୁପ ମହିଳା ମାନେ ଆଲୋଚନା କରିଥିଲେ। ଅଞ୍ଚଳ ର କଲ୍ୟାଣ ପାଇଁ ସରକାର ମହିଳା ମାନଙ୍କୁ ସମସ୍ତ ସୁଯୋଗ ଦେଇଆସୁଥିବା ବେଳେ, ଉକ୍ତ ମଦ ଦୋକାନ ପାଇଁ ଅଞ୍ଚଳ ର ମହିଳା ମାନେ ନିଜକୁ ସୁରକ୍ଷିତ ମଣୁ ନାହାଁନ୍ତି । ସ୍ଥାନୀୟ ଅଞ୍ଚଳରେ ସିଦ୍ଧେଶ୍ୱର କଲେଜ୍, ସିଦ୍ଧେଶ୍ୱର ଆଇ ଟି ଆଇ , ବ୍ୟାଙ୍କ , ବିଭିନ୍ନ ଛୋଟ ବଡ଼ ଶିକ୍ଷା ଅନୁଷ୍ଠାନ ଅଛି । ତେଣୁ ମଦ ପିଇ ମଦ୍ୟପ ମାନଙ୍କର ବିଭିନ୍ନ ସମସ୍ୟା ଦେଖାଦେବ। ତେଣୁ ଉକ୍ତ ଘଟଣାରେ ମହିଳା ମାନେ ଜିଲ୍ଲାପାଳ, ଅବକାରୀ ଅଧିକ୍ଷକଙ୍କୁ ଦାବିପତ୍ର ଦେଇଥିଲେ ମଧ ପ୍ରଶାସନିକ ସ୍ତରରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ତେଣୁ ତୁରନ୍ତ ସରକାର ଉକ୍ତ ମଦଦୋକାନ ବନ୍ଦ କରିବାକୁ ନିଷ୍ପତ୍ତି ନନେଲେ ସମସ୍ତ ଏସ ଏଚ ଜି ଗ୍ରୁପ ମିଳିତ ରେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବେ ବୋଲି ଧମକ ଦେଇଛନ୍ତି। ଏହାର ନେତତ୍ୱ ନେଇଥିଲେ ନାରିନେତ୍ରୀ ଅଞ୍ଜନା ବେହେର, ନିଶାନିବାରଣ ବରିଷ୍ଠ କାର୍ଯ୍ୟକ୍ରତା କୁମୁଦ ରଞ୍ଜନ ଗିରି, ଅଜୟ ବେହେରା ବସନ୍ତ ବାରିକପ୍ରମୁଖ ।

ଧ୍ୱନି ପ୍ରତିଧ୍ୱନି



# ପଦ ସଂରକ୍ଷଣରେ ପଛୁଆ-ଅନୁସୂଚିତ ଜନଜାତିଙ୍କୁ ଉପେକ୍ଷା ଅଭିଯୋଗ

ବାଲେଶ୍ୱର,୦୩/୦୧ (ନି.ପ୍ର): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପଛୁଆ ଓ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ପଦ ସଂରକ୍ଷଣ ଦାବିରେ ସଦର ବିଜେପି ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗାନ୍ଧୀସ୍ମୃତି ଭବନ ପରିସରରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ପ୍ରତିବାଦ ସଭାରେ ସଦର ବିଜେପି ନେତା ମାନସ କୁମାର ଦତ୍ତ ସଭାପତିତ୍ୱ କରିବା ସହିତ ପଦ ସଂରକ୍ଷଣ ତାଲିକା ପ୍ରସ୍ତୁତିରେ ସରକାରଙ୍କ ଦୂରଭିସନ୍ଧିକୁ ତୀବ୍ର ସମାଲୋଚନା କରିଥିଲେ। ୧୯୯୨ ମସିହାରୁ ଅଦ୍ୟାବଧି ଜିଲାର ପଞ୍ଚାୟତ ନିର୍ବାଚନରେ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷଣ ରହି ଆସିଥିବା ବେଳେ ୨୦୨୨ ନିର୍ବାଚନ ପାଇଁ ସଦର ବ୍ଲକର ପଦ ସଂରକ୍ଷଣରେ ଏହି ବର୍ଗଙ୍କୁ ତାଲିକାଭୁକ୍ତ କରା ନଯିବା ଦୁର୍ଭାଗ୍ୟର ବିଷୟ ବୋଲି ସେ କହିଥିଲେ। ସେହିଭଳି ଓଡ଼ିଶାରେ ପଛୁଆବର୍ଗଙ୍କୁ ମଧ୍ୟ ଏହି ନିର୍ବାଚନରେ ରାଜ୍ୟ ସରକାର ପଦ ସଂରକ୍ଷଣରୁ ବଞ୍ଚିତ କରିଛନ୍ତି ବୋଲି ଶ୍ରୀ ଦତ୍ତ ଆରୋପ କରିଛନ୍ତି। ପୂର୍ବଭଳି ପଛୁଆ, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ଉଚିତ ସଂରକ୍ଷଣ ବ୍ୟବସ୍ଥା କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେପି ନେତା ରବିନାରାୟଣ ମହାପାତ୍ର, ସିପ୍ରା ବାଜପେୟୀ, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ସୀତାକାନ୍ତ ସ୍ୱାଇଁ, ଲୋକନାଥ ଭୂୟାଁ, ଅନନ୍ତ ନାୟକ, ସତ୍ୟଜିତ ମିଶ୍ର, ଗଙ୍ଗାଧର ରାଉତ, ରବୀନ୍ଦ୍ର ରାଜ, ସୁରେଶ ନାୟକ, ସର୍ବେଶ୍ୱର ମହାନ୍ତି, ଜୟନ୍ତୀ ମୁର୍ମୁ, ତପନ ଗିରି, କାର୍ତ୍ତିକ ରାଉତ, କୌଶିକ ଚାନ୍ଦ ପ୍ରମୁଖ ଏଥିରେ ଯୋଗଦେଇ ଜିଲା ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ପଦ ସଂରକ୍ଷଣ ତାଲିକା ପ୍ରସ୍ତୁତିକୁ ନେଇ ସମାଲୋଚନା କରିଥିଲେ। ନିୟମ ଭିତ୍ତିରେ ଏହି ତାଲିକା ପ୍ରସ୍ତୁତ ସହ ସବୁ ବର୍ଗଙ୍କ ପାଇଁ ପଦ ସଂରକ୍ଷଣ ନିମନ୍ତେ ସେମାନେ ଦାବି କରିଥିଲେ।

# ପଦ୍ମଲୋଚନ ମହାକୁଡ଼ଙ୍କ ଅକାଳ ବିୟୋଗ



ବାଲେଶ୍ୱର, ୦୩/୦୧ (ନି.ପ୍ର): ବେଳାଭୂମି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ, ବିଶିଷ୍ଟ ସାହିତ୍ୟିକ ଡ. ପଦ୍ମଲୋଚନ ମହାକୁଡ଼ଙ୍କର ଆଜି ଅପରାହ୍ଣରେ ଅକାଳ ବିୟୋଗ ଘଟିଛି । ଡ. ମହାକୁଡ଼ ତାଙ୍କ ଗ୍ରାମ ପାଖର ନିକଟରେ ଏକ ସଭାରେ ସ୍ଥାନୀୟ ସୋର ବିଧାୟକଙ୍କ ସହ ଉପସ୍ଥିତ ରହିଥିଲାବେଳେ ସେହିଠାରେ ହିଁ ଅସୁସ୍ଥତା ଅନୁଭବ କଲେ । ସେଠାରୁ ସୋର ଡାକ୍ତରଖାନାକୁ ଅଣାଯାଇଥିଲେ ମଧ୍ୟ ଡାକ୍ତର ତତ୍‌କ୍ଷଣାତ୍ ମୃତ ବୋଲି ଘୋଷଣା କରିଥିଲେ । ଏହି ଆକସ୍ମିକ ଦୁଃସମ୍ବାଦ ସମଗ୍ର ବାଲେଶ୍ୱର ଜିଲ୍ଲା ସମେତ ଓଡ଼ିଶାର ସାହିତ୍ୟିକମାନଙ୍କୁ ସ୍ତବ୍ଧ କରାଇ ଦେଇଛି । ଡ. ମହାକୁଡ଼ ଅଧ୍ୟାପନା ସହିତ ନିରନ୍ତର ସାହିତ୍ୟ ସାଧନାରେ ବ୍ରତୀ ରହି ଜଣେ ସାରସ୍ୱତ ସଂଗଠକ ଭାବେ ସମଗ୍ର ଓଡ଼ିଶାରେ ଖ୍ୟାତି ଲଭିଥିଲେ । ତାଙ୍କ ଗ୍ରାମ ପାଖରରେ ପ୍ରତିବର୍ଷ ଜାନୁଆରୀ ପ୍ରଥମ ସପ୍ତାହରେ ରାଜ୍ୟସ୍ତରୀୟ ଯାତ୍ରା ନାଟକ କଳାକାରଙ୍କ ସମେତ ସାହିତ୍ୟିକ ସମାବେଶ ଆୟୋଜନ କରି ଆସୁଥିଲେ । ନିଜେ ଓଡ଼ିଆ ଯାତ୍ରା ଇତିହାସର ଏକ ଗବେଷଣାଧର୍ମୀ ବୃହତ୍ ପୁସ୍ତକ ସମେତ ବହୁ ପୁସ୍ତକ ରଚନା କରିଛନ୍ତି । ତାଙ୍କର ଅବର୍ତ୍ତମାନ ଓଡ଼ିଶାର ସାଂସ୍କୃତିକ ଜଗତ ପାଇଁ ବିରାଟ ଶୂନ୍ୟସ୍ଥାନ ସୃଷ୍ଟି କଲା । ଆସନ୍ତା ରବିବାରକୁ ତାଙ୍କ ଗ୍ରାମ ପାଖର ଠାରେ ତାଙ୍କଦ୍ୱାରା ପ୍ରତିଷ୍ଠିତ ପଦ୍ମଲୋଚନ ପାଠାଗାର ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ହେବାକୁ ଥିବାବେଳେ ଅକସ୍ମାତ୍ ଏକ ସଭାମଞ୍ଚରୁ ପ୍ରାଣବାୟୁ ଉଡ଼ିଯିବା ଭଳି ଦୁଃଖଦ ଘଟଣା ବ୍ୟକ୍ତିଗତ ଭାବରେ ମୋତେ ଖୁବ୍ ବ୍ୟଥିତ କରିଛି, କାରଣ ମୋର ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ସହ ଦୀର୍ଘବର୍ଷ ସେ ଜଡ଼ିତ ରହି ଆସିଥିଲେ, ବ୍ୟକ୍ତିଗତ ଭାବରେ ସାରସ୍ୱତ ବନ୍ଧୁତାରେ ବାନ୍ଧି ହୋଇଥିଲେ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା ନିଜର ଶୋକବାର୍ତ୍ତାରେ ପ୍ରକାଶ କରିବା ସହ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ତାଙ୍କ ଅମର ଆତ୍ମା ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଅର୍ପଣ କରିଛନ୍ତି ।

# ବାଲେଶ୍ୱର ଓ ଭଦ୍ରକ ଆର୍‌ଡି ବିଭାଜନର ଜରୁରୀ ବୈଠକ

## ବାଲେଶ୍ୱର-୧, ବାଲେଶ୍ୱର-୨, ଭଦ୍ରକ-୧, ଭଦ୍ରକ-୨ ତଥା ବାଲେଶ୍ୱର ଆର୍‌ଡି ବିଭାଜନର ଜରୁରୀ ବୈଠକ

ବାଲେଶ୍ୱର, ୦୨/୦୧ (ନି.ପ୍ର): ଗ୍ରାମ୍ୟ ନିର୍ମାଣ ବାଲେଶ୍ୱର ସର୍କଲ ଅଧିନ ବ୍ରଟଓଭର ୱାର୍କଚାର୍ଜ ଏବଂ ରେଗୁଲାର କର୍ମଚାରୀଙ୍କ ଜରୁରୀ ବୈଠକ ରାଜ୍ୟ ସଭାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ତା ୧୨.୦୪.୧୯୯୩ ପୂର୍ବରୁ କାର୍ଯ୍ୟରତ ଏନ.ଏମ.ଆର/ ଡିଏଲଆର/ ଜବକଣ୍ଟ୍ରାକ୍ଟ କର୍ମଚାରୀଙ୍କୁ ପର୍ଯ୍ୟାୟକ୍ରମେ ରେଗୁଲାର କରିବା ପାଇଁ ୧୯୯୭ ମସିହାରେ ଅର୍ଥ ବିଭାଗ ରେଜୁଲେସନ କରିଥିଲା । ସେଥି ମଧ୍ୟରୁ କେବଳ ଜବକଣ୍ଟ୍ରାକ୍ଟ କର୍ମଚାରୀଙ୍କୁ ରେଗୁଲାର କରି ପେନସନ ଦେବାର ବ୍ୟବସ୍ଥା କରାଗଲା । ଦୁଃଖର ବିଷୟ ସରକାରଙ୍କର ଅବହେଳା ହେତୁ ଏନ.ଏମ.ଆର/ ଡି.ଏଲ.ଆରଙ୍କ ଗ୍ରେଡେସନ ପ୍ରସ୍ତୁତ ୨୦୦୭ ମସିହାରେ ହୋଇଥିଲା । କେବଳ ଗ୍ରେଡେସନ ତିଆରି କରିବାରେ ୧୦ବର୍ଷ ବିତାଇ କର୍ତ୍ତୃପକ୍ଷ ରେଗୁଲାର ନିଯୁକ୍ତିରେ ଚରମ ଅବହେଳା କରିଥିଲେ । ଫଳରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଅନୁକମ୍ପା ସଠିକ ଭାବେ ଠିକ ସମୟରେ କାର୍ଯ୍ୟକାରୀ ହୋଇ ପାରିଲାନାହିଁ । ଦୀର୍ଘ ବର୍ଷ ପରେ ଅର୍ଥାତ୍ ୨୦୧୧ ମସିହାରେ ଏହି କର୍ମଚାରୀମାନଙ୍କୁ ରେଗୁଲାର ନିଯୁକ୍ତି ପରିବର୍ତ୍ତେ ୱାର୍କଚାର୍ଜକୁ ଉନ୍ନିତ କରାଯାଇଥିଲା । ୱାର୍କଚାର୍ଜ ନିୟମ ସର୍ତ୍ତାବଳୀ ଅନୁସାରେ ୫ବର୍ଷ ୱାର୍କଚାର୍ଜ ସମାପନ ପରେ ୱେଜେସ ଏଷ୍ଟାବ୍ଲିସ୍‌ମେଣ୍ଟକୁ ରୂପାନ୍ତର ହେବାର ଥିଲେ ମଧ୍ୟ ତାହା ଅଦ୍ୟାବଧି କରାଯାଇନାହିଁ । ୧୯୮୨ ମସିହାଠାରୁ ଏନ.ଏମ.ଆର/ ଡିଏଲଆର ଭାବେ କାର୍ଯ୍ୟ ସମାପନ କରି ୱାର୍କଚାର୍ଜ ହୋଇଥିବା କର୍ମଚାରୀଙ୍କୁ ରେଗୁଲାର ନକରାଯାଇ ଥିବାରୁ କର୍ମଚାରୀ ଅସନ୍ତୋଷ ଚରମ ସୀମାରେ ପହଞ୍ଚିଲାଣି । କନିଷ୍ଠ କିରାଣୀ ଓ ପିଅନ, ବ୍ୟତିରେକ ଗ୍ରାମ୍ୟ ନିର୍ମାଣ ସଂସ୍କାର ଜିପ୍ ଡ୍ରାଇଭର, ରୋଲର ଡ୍ରାଇଭର, ଟ୍ରକ ଡାଇଭର, ୱାର୍କ ସରକାର, ଷ୍ଟୋର କିପର, ଅମିନ, ଇଲେକ୍ଟ୍ରିସିଆନ, ଓୟାରମ୍ୟାନ, ମେକାନିକ, ଫିଟର, ଅପରେଟର, ମେଟ, ଖଲାସି, ଗ୍ୟାଙ୍ଗ ମୂଲିଆ, ମାଳୀ ଓ ସୁଇପର ଆଦି ପଦବୀ ମଂଜୁରୀପ୍ରାପ୍ତ ରେଗୁଲାର ପଦବୀ ନୁହେଁ । ଅତଏବ ୱେଜେସ ପଦବାଚ୍ୟ ଅଟେ । ଏହି ପଦବୀଧାରୀ ୱାର୍କଚାର୍ଜଙ୍କୁ ୱେଜେସ ଏଷ୍ଟାବ୍ଲିସମେଣ୍ଟକୁ ଉନ୍ନିତ କରାନଗଲେ ବିଭାଗୀୟ ମନ୍ତ୍ରୀଙ୍କ ବାସଭବନ ଆଗରେ ଧାରଣାରେ ବସିବାକୁ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଗଲା । ୧୨.୦୪.୧୯୯୩ ପୂର୍ବରୁ କାର୍ଯ୍ୟରତ ବ୍ରିଟ୍ ଓଭର ୱାର୍କଚାର୍ଜଙ୍କୁ ୨୦୨୦ରେଗୁଲାର ପଦବୀକୁ ଉନ୍ନିତ ହୋଇଥିବାରୁ କୌଣସି ପେନ୍‌ସନ ପରିସରଭୁକ୍ତ କରିବାକୁ କର୍ମକର୍ତ୍ତାମାନେ ଦାବୀ କରିଛନ୍ତି । ସର୍ବଶ୍ରୀ ଜଗନ୍ନାଥ ପାତ୍ର, ଅରୁଣ କୁମାର ପ୍ରଧାନ, ଦେବେନ୍ଦ୍ର ନାଥ ଦେ, ଖଗେସ୍ୱର ପାଣିଗ୍ରାହୀ, ନାରାୟଣ ବାରିକ, ମାନସ ପଟ୍ଟନାୟକ ଓ ବୃନ୍ଦାବନ ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲ୍ଲାର ୬୭ କେନ୍ଦ୍ରରେ ଆରମ୍ଭ କିଶୋର-କିଶୋରୀ ଟିକାକରଣ

## ମାସକରେ ୧,୩୦,୦୦୦ଜଣଙ୍କୁ ପ୍ରଥମ ପାନ ଟିକାଦାନ ଲକ୍ଷ୍ୟ

ବାଲେଶ୍ୱର,୦୩/୦୧(ନି.ପ୍ର): କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ୧୫ ରୁ ୧୮ ବର୍ଷ ବୟସ କିଶୋର-କିଶୋରୀ ଟିକାକରଣ କାର୍ଯ୍ୟକ୍ରମ । ଏହି କ୍ରମରେ ବାଲେଶ୍ୱର ସୋମବାର ଜିଲାରେ ୬୭ଟି କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟ ଟିକାଦାନ ଆରମ୍ଭ ହୋଇଛି। ଉଭୟ ଅନଲାଇନ ଓ ଅଫ୍‌ଲାଇନ ପଞ୍ଜୀକରଣ ମାଧ୍ୟମରେ କିଶୋର କିଶୋରୀମାନେ କୋଭାକ୍ସିନ ଟିକାର ପ୍ରଥମ ପାନ ନେଇଛନ୍ତି । ଜିଲାର ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟିକାକରଣ ଚାଲିଛି । ଜିଲାର ପ୍ରାୟ ୧ଲକ୍ଷ ୩୦ହଜାର କିଶୋର, କିଶୋରୀଙ୍କ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୩,୪ ଓ ୫ ତାରିଖରେ ୩୬ହଜାର ୧୬୦ ଜଣଙ୍କୁ ଟିକା ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୨୮ଦିନ ପରେ ପିଲାମାନଙ୍କୁ ଟିକାର ଦ୍ୱିତୀୟ ପାନ ପ୍ରଦାନ କରାଯିବ। ବାଲେଶ୍ୱର ସହରର ସହଦେବଖୁଣ୍ଟା, ଶୋଭାରାମପୁର ଏବଂ ସୁନହଟ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଟିକାଦାନ ବ୍ୟବସ୍ଥା କରାଯାଇଛି । ସକାଳ ୮ଘଟିକାରୁ ଟିକାଦାନ ଆରମ୍ଭ ହୋଇଥିବା ବେଳେ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ କିଶୋର, କିଶୋରୀ ଏବଂ ଅଭିଭାବକମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଟିକାକରଣ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ । କୋଭିଡ ସଂକ୍ରମଣ ପ୍ରତିହତ ପାଇଁ ସମସ୍ତେ କୋଭିଡ ଟିକା ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଦୁଲାଲସେନ ଜଗଦେବ, ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମୃତ୍ୟୁଞ୍ଜୟ ମିଶ୍ର, ଏଡିଏମଓ ଡାକ୍ତର ଶଶାଙ୍କ ଶେଖର ଚୌଧୁରୀ, ଡିପିଏମ ଅନୀଲ ମହାନ୍ତି, ଡିଏମଆରସିଏଚ ଏଲିନା ସାମଲଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନଙ୍କ ତତ୍ତ୍ୱାବଧାନରେ ୧୫ ରୁ ୧୮ ବର୍ଷ କିଶୋରଙ୍କ ପ୍ରଥମ ପର୍ଯ୍ୟାୟ ଟିକାକରଣ ଜାରି ରହିଛି । ତେବେ ପ୍ରଥମ ଥର ପାଇଁ ଟିକା ନେଉଥିବା କିଶୋର କିଶୋରୀଙ୍କ ଠାରେ ବେଶ ଉତ୍ସୁକତା ପ୍ରକାଶ ପାଇଥିବା ଲକ୍ଷ୍ୟ କରାଯାଇଛି।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୨ ଗିରଫ

ଭୁବନେଶ୍ୱର,୦୩/୦୧(ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୧୨ ଜଣଙ୍କୁ ଗିରଫ କରା ଯାଇଛି । ୭୧୪ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୫,୪୫,୫୦୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# କାଳୀମାତା କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ



ବାଲିଆପାଳ, ୦୩/୦୧(ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଚଉମୁଖ ଠାରେ କାଳୀମାତା କ୍ରିକେଟ କ୍ଲବ ପକ୍ଷରୁ ଆନ୍ତଃ ଗ୍ରାମାଂଚଳ କ୍ରିକେଟ ଟୁର୍ଣ୍ଣାମେଂଟ ଉଦଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସମାଜସେବୀ ରମଣୀକାନ୍ତ ମଣ୍ଡଳ ଏହି ଟୁର୍ଣ୍ଣାମେଂଟକୁ ଉଦଘାଟନ କରିଥିଲେ । ସମ୍ମାନୀତ ଅତିଥି ଭାବରେ ସରପଂଚ ନାରାୟଣ ଖଟୁଆ, ତୀର୍ଥକୁମାର ନାଗ, ବିନୋଦ କର, କାର୍ତ୍ତିକ ମଣ୍ଡଳ, ଅନନ୍ତ ଜେନା, ସନାତନ ଦାସ,କାଳୀଚରଣ ଜେନା, ଚନ୍ଦ୍ରମୋହନ ଦେ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହିତ ଗ୍ରାମାଂଚଳ ମାନଙ୍କରେ ଏହି ଟୁର୍ଣ୍ଣାମେଂଟ ନିଜ ନିଜ ମଧ୍ୟରେ ଭାଇଚାରା ଓ ସୁସମ୍ପର୍କ ପ୍ରତିଷ୍ଠା କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଟୁର୍ଣ୍ଣାମେଂଟକୁ କ୍ଲବର ରାଜୀବ ଦେ, ମୋହନ ଦାସ,ନନ୍ଦନ କର,ସୁମନ ଦାସ,ସନ୍ୟାସୀ ଜେନା,ପୁଲିନ ସାମନ୍ତ,ପବନ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ। ଏହି ଟୁର୍ଣ୍ଣାମେଂଟରେ ମୋଟ ୮ଟି ଦଳ ଅଂଶ ଗ୍ରହଣ କରିଛନ୍ତି ।

# ଓବିସି ମଂଚ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ଦାବିପତ୍ର



ବାରିପଦା, ୦୩/୦୧ (ନି.ପ୍ର): ଆଜି ଓବିସି ମଂଚ ପକ୍ଷରୁ କେନ୍ଦ୍ର ଜଳଶକ୍ତି ଓ ଜନଜାତି ବ୍ୟାପାର ମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କୁ ସାକ୍ଷାତ କରି ଜିଲ୍ଲା ତଥା ରାଜ୍ୟରେ ଓବିସି ମାନଙ୍କ ରହିଥିବା ବିଭିନ୍ନ ଦାବୀ ବିଷୟରେ ଆଲୋଚନା କରିବା ସହ ଏକ ଦାବୀପତ୍ର ମଧ୍ୟ ପ୍ରଦାନ କରା ଯାଇଛି । ଆଗାମୀ ତ୍ରିସ୍ତରୀୟ ପ୍ଞାୟତ ନିର୍ବାଚନରେ ଅବିସି ମାନଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ କରାଯିବା, ଓଡିଶାରେ ମଣ୍ଡଳ କମିଶନର ସୁପାରିସ ଆଧାରରେ ଓବିସି ପିଲାଙ୍କୁ ପାଠପଢା ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ପ୍ରଦାନ, ଜାତିଭିତିକ ଜନଗଣନା କରାଯାଇ ଓବିସି ମାନଙ୍କର ସଠିକ ସଂଖ୍ୟା ନିର୍ଣ୍ଣୟ କରାଯିବା ଆଦି ବିଷୟରେ ପ୍ରତିନିଧି ଦଳ କେନ୍ଦ୍ରମନ୍ତ୍ରୀଙ୍କ ସହ ବିଷଦ ଆଲୋଚନା କରିବା ସହିତ ଏକ ଦାବୀପତ୍ର ମଧ୍ୟ ପ୍ରଦାନ କରାଯାଇଥିବାର ଜଣାଯାଇଛି । ଏହି ପ୍ରତିନିଧି ଦଳରେ ମଂଚର ଜିଲ୍ଲା ସଭାପତି ଅବନୀ କୁମାର ମହାନ୍ତଙ୍କ ନେତୃତ୍ୱରେ ରାଜ୍ୟ ଉପସଭାପତି ଅଧ୍ୟାପକ ଗୋପବନ୍ଧୁ, ଜିଲ୍ଲା ସମ୍ପାଦକ ବନମାଳି ମହାକୁଡ, ଉପଦେଷ୍ଟା ଛୋଟେଲାଲ ମହାନ୍ତ, ନନ୍ଦ କୁମାର ମହାପାତ୍ର, ବସନ୍ତ ମହାନ୍ତ, ନରେନ୍ଦ୍ର ବେହେରା, କାର୍ତିକ ଚନ୍ଦ୍ର ଦାସ, ରଞ୍ଜନ ମହାନ୍ତ, ଲିଙ୍ଗରାଜ ବେହେରା, ପରେଶ ଚନ୍ଦ୍ର ମହାନ୍ତ, ମିତାଲି ତ୍ରିବିଦ, ଅର୍ଜୁନ ଚନ୍ଦ୍ର ମହାନ୍ତ, ପ୍ରମୋଦ କୁମାର ଦଳନାୟକ, ବୈଦ୍ୟନାଥ ମହାନ୍ତ, ନେହେରୁ ତ୍ରିବିଦ, ମନରଞ୍ଜନ ମହାକୁଡ, ରବିନ ଦଣ୍ଡପାଟ ପ୍ରମୁଖ ସାମିଲ ଥିଲେ ।

# ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଅନୁଷ୍ଠିତ

ବାଲିଆପାଳ, ୦୩/୦୧ (ନି.ପ୍ର): ବାଲିଆପାଳ ବ୍ଲକ ନିଖିରା ଶୈବପୀଠ ପ୍ରାଣଙ୍ଗଳରେ ଥିବା ଏଏନଏମ ସେଣ୍ଟର ପରିସରରେ ଏକ ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଯୁବବିକାଶ ଫାଉଣ୍ଡେସନ ବାଲେଶ୍ୱରର ପରିଚାଳକ ଗୋବିନ୍ଦ ବଲ୍ଲଭ ଦଳାଇ ଏବଂ କେୟାର ନେତ୍ର ଭୁବନେଶ୍ୱର ସହଯୋଗରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ସ୍ଥାନୀୟ ଅଂଚଳର ୧୫୦ରୁ ଉର୍ଦ୍ଧ ଜନସାଧାରଣଙ୍କ ଆଖି ପରୀକ୍ଷା କରାଯାଇଥିଲା । ଏଥି ସହିତ ପଂଚମରୁ ଦଶମ ଶ୍ରେଣୀ ପିଲାଙ୍କ ମାଗଣାରେ ଚଷମା ପ୍ରଦାନ କରାଯାଇଥିଲା । ହରଗୌରୀ ଗ୍ରାମ୍ୟ ବିକାଶ ସଂଗଠନ ସଭାପତି ବିଦ୍ୟାଧର ଗିରିଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରକୁ ରାଜେନ୍ଦ୍ର କୁମାର ଗିରି, ପ୍ରତାପଚନ୍ଦ୍ର ଅଣ୍ଡିଆ, ଅବସରପ୍ରାପ୍ତ ଶିକ୍ଷକ ନବକୃଷ୍ଣ ଦାସ, ସାମ୍ବାଦିକ ଗୋପନାରାୟଣ ଜେନା, କରୁଣାକର ସାହୁ, ସୁରଥ ଗିରି ପ୍ରମୁଖ ସହ ଯୋଗ କରିଥିଲେ।

# ଜନବହୁଳ ଅଞ୍ଚଳରେ ଠିପିଖୋଲା ମଦ ଦୋକାନକୁ ବିରୋଧ

ବାଲେଶ୍ୱର,୦୩/୦୧(ନି.ପ୍ର): ଜନବସତି ଅଞ୍ଚଳରେ ସରକାରୀ ଠିପିଖୋଲା ମଦ ଦୋକାନ ଖୋଲିବା ନିଷ୍ପତ୍ତିକୁ ବିରୋଧ କରି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ସୋମବାର ଜିଲାପାଳଙ୍କଠାରେ ଫେରାଦ ହୋଇଛନ୍ତି। ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା)ର କର୍ମକର୍ତ୍ତାଙ୍କ ସହ ମହିଳାମାନେ ଜିଲାପାଳଙ୍କୁ ସାକ୍ଷାତ ସହ ମଦଦୋକାନ ଖୋଲିବା ନିଷ୍ପତ୍ତିର ପୁର୍ବିଚାର ପାଇଁ ଦାବି କରିଛନ୍ତି।ବସ୍ତା ବ୍ଲକ ଅନ୍ତର୍ଗତ ନଟାକଟା ପଞ୍ଚାୟତ ବସନ୍ତପୁର ମୌଜାର ୨୮୬/୧୬୨ ନଂ ଖାତା ଓ ୮୧୮/୯୩୮ ଖସଡ଼ାରେ ଜିଲ୍ଲା ଅବକାରୀ ବିଭାଗ ତଥା ପ୍ରଶାସନ ପକ୍ଷରୁ ଠିପିଖୋଲା ମଦ ଦୋକାନ ଖୋଲିବାକୁ ନିଷ୍ପତ୍ତି ନିଆଯାଇଥିବା ମହିଳାମାନେ ସୂଚନା ଦେଇଛନ୍ତି। ତେବେ ଅମର୍ଦ୍ଦାରୋଡ଼ ରେଳଷ୍ଟେସନ ରାସ୍ତାରେ ଅବସ୍ଥିତ ଏହି ସ୍ଥାନଟି ବରୁଣଗଡ଼ିଆ, କୁଳିଦା ଓ ନଟାକଟା ପଞ୍ଚାୟତର ମଧ୍ୟମ ସ୍ଥଳ ହୋଇଥିବା ବେଳେ ପ୍ରତିଦିନ ହଜାର ହଜାର ଲୋକେ ଏଠାକୁ ଆସିଥା'ନ୍ତି। ଏଠାରେ ବସଷ୍ଟାଣ୍ଡ ରହିଥିବା ବେଳେ ଦୈନିକ ଶହ ଶହ ଲୋକେ ଜିଲା ତଥା ଜିଲା ବାହାରକୁ ବସ ଯୋଗେ ଯା'ଆସ କରନ୍ତି। ନିକଟରେ ସିଦ୍ଧେଶ୍ୱର କଲେଜ, ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ, ସିଦ୍ଧେଶ୍ୱର ଫାର୍ମାସି କଲେଜ, ସିଦ୍ଧେଶ୍ୱର ଆଇଟିଆଇ ସମେତ ବହୁ ଶିକ୍ଷାନୁଷ୍ଠାନ ଓ ଦେବଦେବୀ ମନ୍ଦିର ମଧ୍ୟ ରହିଛି। ଏହା ବ୍ୟତୀତ ଅମର୍ଦ୍ଦାରୋଡ଼ ଡାକ୍ତରଖାନାକୁ ଏହି ରାସ୍ତାଦେଇ ଲୋକେ ଯାତାୟାତ କରନ୍ତି। ଏଠାରୁ ମାତ୍ର ୫୦ ମିଟର ଦୂରରେ ବଜାର ରହିଥିବା ବେଳେ ଲୋକେ ଏହି ରାସ୍ତା ଦେଇ ବଜାରକୁ ଯାଆନ୍ତି। ଏଠାରେ ଠିପିଖୋଲା ମଦଦୋକାନ ଖୋଲିଲେ ଲୋକେ ବେଫିକର ହୋଇ ମଦ ପିଇ ରାସ୍ତାରେ ଗଡ଼ିବେ। ଏ ଅଞ୍ଚଳରେ ଶାନ୍ତି ନଷ୍ଟ ହେବା ସାଙ୍ଗକୁ ଅପରାଧିକ କାର୍ଯ୍ୟକଳାପ ବଢ଼ିବା ନେଇ ମହିଳାମାନେ ଆଶଙ୍କା ପ୍ରକାଶ କରିଛନ୍ତି।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି, ନୈନଂ ଦହନ୍ତି ପାବକଃ ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ, ନ ଶୋଷୟତି ମାରୁତଃ ॥



**ଶ୍ରୀ ବାଞ୍ଛାନିଧି ବେହେରା**

ପୋଡାଡିହା, ରୂପ୍ସା, ବାଲେଶ୍ୱର

ଜନ୍ମ: ୦୩/୦୪/୧୯୩୧
ତିରୋଧାନ: ୨୪/୧୨/୨୦୨୧

ଚାହୁଁ ଚାହୁଁ ଏଗାରଦିନ ବିତିଗଲା, ଆପଣଙ୍କର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ କର୍ତ୍ତବ୍ୟ ଆମପାଇଁ ସବୁଦିନ ପ୍ରେରଣାର ଉତ୍ସ ହୋଇ ରହିବ । ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।

ଶୋକ ସନ୍ତପ୍ତ: ପୁତ୍ର, ପୁତ୍ରବଧୂ- ହରେକୃଷ୍ଣ, ଚାରୁଲତା, ଶ୍ରୀଧର, ଲିତା ଓ ଆତ୍ମୀୟ ସ୍ୱଜନ, ବନ୍ଧୁବାନ୍ଧବ


# ଭୁବନେଶ୍ୱରରୁ ଆଉ ୯୧ ପଜିଟିଭ୍

ଭୁବନେଶ୍ୱର, ୦୩/୦୧ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୯୧ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୫ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୮୬ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୯୩ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୨୩୯୭୧କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୨୦୯୭ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୦ ରେ ପହଂଚିଛି। ବର୍ତ୍ତମାନ ଆଉ ୭୫୩ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# ବିଦ୍ୟୁତ କର୍ମଚାରୀ ସଂଘର ବନ୍ଧୁମିଳନ ଏବଂ କର୍ମୀ ସମ୍ମିଳନୀ



ବାରିପଦା /କୋଷ୍ଠା, ୦୩/୦୧ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଘଟିକା ସମୟରେ ନେସ୍କୋ ପାୱାର ଏମ୍ପ୍ଲୋଇଜ୍ ୟୁନିଅନର ବନ୍ଧୁମିଳନ ଓ କର୍ମୀ ସଂଗଠନ ଶୁଳିଆପଦା ବ୍ଲକ୍ ଅଧିନ କୋଷ୍ଠା ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ସଂଘର ଡେପୁଟି ଜେନେରାଲ ସେକ୍ରେଟାରୀ ଜ୍ୟୋତିକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ସଭାରେ ଶୁଳିଆପଦା ବିଦ୍ୟୁତ ସେକ୍ସନ ଅନ୍ତର୍ଗତ କୋଷ୍ଠା, ବାଘଡା, ଦେଉଳି ଓ ଶୁଳିଆପଦା ଅଞ୍ଚଳରେ କାର୍ଯ୍ୟ କରୁଥିବା ବିଦ୍ୟୁତ କର୍ମଚାରୀ ଉପସ୍ଥିତ ରହି ଉତମ ଗ୍ରାହକ ସେବା ଏବଂ ସୁରକ୍ଷା ଦିଗରେ ଉପୁଜିଥିବା ସମସ୍ୟା ଗୁଡିକ ଉପସ୍ଥାପନା କରିଥିଲେ । ସମସ୍ୟା ଗୁଡିକ ମଧ୍ୟରେ ଅସ୍ଥାୟୀ କର୍ମଚାରୀ ବା ଠିକା କର୍ମଚାରୀ ଯେଉଁ ଠିକା ସଂସ୍ଥା ମାଧ୍ୟମରେ କାର୍ଯ୍ୟ କରୁଅଛନ୍ତି ସେ ସଂସ୍ଥା କର୍ମଚାରୀ ମାନଙ୍କୁ ବେତନ ସ୍ଲିପ ନଦେବା, ପରିଚୟ ପତ୍ର ପ୍ରଦାନ ନକରିବା, ଇଏସଆଇ କାର୍ଡ ନଦେବା, ଇପିଏଫ ଜମା ନକରିବା, ଠିକ ସମୟରେ ଦରମା ନଦେବା, ଦୁର୍ଘଟଣା ଜନିତ ବୀମା ୧୫ ଲକ୍ଷ ଟଙ୍କାର ନଦେବା, ପୂର୍ଣ୍ଣ ଭାବରେ ସୁରକ୍ଷା ସାମଗ୍ରୀ ପ୍ରଦାନ କରିବା, ମରାମତି ପାଇଁ ଆବଶ୍ୟକୀୟ ଗାଡି ନଦେବା, କାର୍ଯ୍ୟରତ ବିଜିନେସ ଏସୋସିଏଟର ଶୁଳିଆପଦା ସେକ୍ସନ ଦାୟିତ୍ୱରେ ଥିବା ସୁପରଭାଇଜର ମୁଖ୍ୟାଳୟରେ ଅନୁପସ୍ଥିତ ରହିବା ହେତୁ ଉପୁଜୁଥିବା ଅହେତୁକ ସମସ୍ୟା ଗୁଡିକ ସମାଧାନ ନହେବା ପ୍ରଭୃତି ବିଶେଷ ଆଲଚ୍ୟ ବିଷୟରେ ଆଲଚନା ହୋଇଥିଲା । ଶୁଳିଆପଦା ଅଞ୍ଚଳରେ ବିଦ୍ୟୁତ କ୍ଷେତ୍ରରେ ବର୍ଷ ବର୍ଷ ଧରି ୩୩ କେଭି,୧୧ କେଭି ବିଦ୍ୟୁତ ତାର, ଖୁଣ୍ଟ ଗୁଡିକ ତୁରନ୍ତ ବଦଳାଇବାର ଆବଶ୍ୟକତା ଥିବାରୁ କର୍ମଚାରୀ ପ୍ରକାଶ କରିବା ସହିତ ଯାହା ଦ୍ୱାରା ଗ୍ରାହକଙ୍କୁ ବାରମ୍ବାର ବିଦ୍ୟୁତ କାଟର ସମ୍ମୁଖୀନ ହେବାକୁ ପଡୁଛି । ତେଣୁ ଉପରୋକ୍ତ ସମସ୍ୟା ଗୁଡିକ ତୁରନ୍ତ ଟାଟା ପାୱାର ଏବଂ ଏଜେନ୍ସି ହୃଦବୋଧ କରି ପୂର୍ଣ୍ଣ ସମାଧାନ ନକଲେ ଆଗାମୀ ଦିନରେ ସଂଘ ଏ ପରିପ୍ରେକ୍ଷୀରେ ଦୃଢ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛନ୍ତି । ଉକ୍ତ ବୈଠକରେ ସଂଘର ଡିଭିଜନାଲ ସେକ୍ରେଟାରୀ ଚନ୍ଦନ କୁମାର ମହାନ୍ତି, ଡିଭିଜନ ସଂଗଠକ ଦେବାଶିଷ ବେହେରା, ଦୀନେଶ ଗୁପ୍ତା, ସେକ୍ସନ ଅର୍ଗାନାଇଜର ନବୀନ ଦତ, ଅଜୟ ଦାଶ, ମହେଶ ସୋ, ଜ୍ୟୋତିବସୁ ହାଁସଦା, ମଳୟ ବେରା, ଦେବାଶିଷ ସାହୁ, ଦିଲ୍ଲୀପ ପରିଡା, ଟିକେଶ୍ୱର ମହାନ୍ତ, ଦୀପକ ମାଝୀ, ସନ୍ତୋଷ ପାତ୍ର, ଗୌରାଙ୍ଗ ଚରଣ ଗିରି, ଉତ୍ପଳ ଭଞ୍ଜବାବୁ, ନିର୍ମଳ ମହାନ୍ତ, ରଜତ ସାହୁ, ଦୀପକ ଦତ, ଶୁସାନ୍ତ ସିଂ, ସୁରଜିତ ମହାନ୍ତ, ଅଞ୍ଜନ କୁମାର ଗିରି, ଶାନ୍ତନୁ ବାରିକ୍ ପ୍ରମୁଖ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ ।


❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo